# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୮/୨୦୨୪ (୧୬ ପୃଷ୍ଠା) Bhubaneswar, Monday, January 8/2024 Page 16 ₹ 7.00

୫୦ଶ ଭାଗ ୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 46 ମୂଲ୍ୟ ₹୭/-


DSPL-516

ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

# ନିଯୁକ୍ତି ପର୍ବ

## ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ



| ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ |
|---|---|
| ୩୯୮ ନୂଆ ନିଯୁକ୍ତି | ୧୦୬ ନୂଆ ନିଯୁକ୍ତି |

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର

**ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସେବା କ୍ୟାଡର୍**

ଏବଂ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର

**ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରର୍ସ ସେବା-ଜନସ୍ୱାସ୍ଥ୍ୟ କ୍ୟାଡର୍ ଏବଂ ଓଡ଼ିଶା ମ୍ୟୁନିସିପାଲ୍ ଇଞ୍ଜିନିୟରିଂ ସେବା-ଓ.ଏମ.ଇ.ଏସ କ୍ୟାଡର୍‌ରେ ନୂତନ ସିଭିଲ୍ କନିଷ୍ଠ ଯନ୍ତ୍ରୀଙ୍କ ନିଯୁକ୍ତି**

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୮ ଜାନୁଆରୀ ୨୦୨୪ || ସନ୍ଧ୍ୟା ୫ଟା

କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର

OIPR-13001/13/0053/2324

**ମଣିପୁରରେ ଉଗ୍ରପନ୍ଥୀ-ପୋଲିସ ଗୁଳି ବିନିମୟ** ମ୍ୟାନ୍‌ମାର ସୀମାନ୍ତ ମଣିପୁରର ମୋରେହ ସହରରେ ରବିବାର ରାତିରେ ସୁରକ୍ଷା ବଳ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ପାର୍ବତ୍ୟାଞ୍ଚଳ ଉଗ୍ରପନ୍ଥୀମାନେ ପୋଲିସ ବାହିନୀ ଉପରେ ଆକ୍ରମଣ କରିବାରୁ ସେମାନେ ଏହାର ପାଲଟା ଜବାବ ଦେଇଥିଲେ। ଫଳରେ ଦୀର୍ଘ ସମୟ ଯାଏ ଗୁଳି ବିନିମୟ ଜାରି ରହିଥିଲା।

## ସଂକ୍ଷେପରେ

### ୫ ଏମ୍‌ପିଙ୍କୁ ମିଳିବ ସଂସଦରତ୍ନ ପୁରସ୍କାର

**ନୂଆଦିଲ୍ଲୀ,୭।୧(ପି.ଟି.):** ଚଳିତ ବର୍ଷର ସଂସଦରତ୍ନ ପୁରସ୍କାର ପାଇଁ ଲୋକ ସଭାର ୫ ଏମ୍‌ପିଙ୍କୁ ଚୟନ କରାଯାଇଛି। ଭାଜପା ଏମ୍‌ପି ସୁକାନ୍ତ ମଜୁମଦାର, ସୁଧୀର ଗୁପ୍ତା, ଶିବସେନାର ଶ୍ରୀକାନ୍ତ ଏକନାଥ ଶିନ୍ଦେ, ଏନ୍‌ସିପିର ଅମୋଲ ରାମସିଂ କୋଲ୍‌ହେ ଏବଂ କଂଗ୍ରେସ ଏମ୍‌ପି କୁଲଦୀପ ରାୟ ଶର୍ମା ଏହି ପୁରସ୍କାର ପାଇବାକୁ ଯାଉଥିବା ଆୟୋଜକମାନେ ଘୋଷଣା କରିଛନ୍ତି। ଫେବୃୟାରୀ ୧୭ରେ ଦିଲ୍ଲୀରେ ଏକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏମ୍‌ପିମାନଙ୍କ ପ୍ରଦର୍ଶନକୁ ଆଧାର କରି ଶ୍ରେଷ୍ଠ ଏମ୍‌ପିଙ୍କୁ ପ୍ରତିବର୍ଷ ସଂସଦରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥାଏ। ସଂସଦ ମହାରତ୍ନ ପୁରସ୍କାର ୫ ବର୍ଷରେ ଥରେ ପ୍ରଦାନ କରାଯାଇଥାଏ।

### କାର୍ଗିଲରେ ବାୟୁସେନା ବିମାନର ରାତ୍ର ଅବତରଣ

**ନୂଆଦିଲ୍ଲୀ,୭।୧(ପି.ଟି.):** ଭାରତୀୟ ବାୟୁସେନାର ପରିବହନ ବିମାନ ସି-୧୩୦ଜେ ସୁପର ହର୍କୁଲସ୍ ପ୍ରଥମ ଥର ପାଇଁ ରାତି ସମୟରେ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ କାର୍ଗିଲ ଲ୍ୟାଣ୍ଡିଂ ଗ୍ରାଉଣ୍ଡରେ ଅବତରଣ କରିଛି। ଗରୁଡ଼ କମାଣ୍ଡୋମାନଙ୍କୁ ନେଇ ସି-୧୩୦ ଜେ ବିମାନ କାର୍ଗିଲ ଏୟାରଷ୍ଟ୍ରିପ୍‌ରେ ରାତ୍ର ଅବତରଣ କରିବା ରଣନୀତି ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାୟୁସେନା ଏହାର ପରିଚାଳନାଗତ ସାମର୍ଥ୍ୟ ପ୍ରଦର୍ଶନ କରିଛି। ପୂର୍ବରୁ ଉକ୍ତ ଏୟାରଷ୍ଟ୍ରିପ୍‌ରେ ବାୟୁସେନାର ଯୁଦ୍ଧବିମାନ ଅବତରଣ କରିଥିଲା। ତେବେ ରାତିବେଳା ପରିବହନ ବିମାନକୁ ଅବତରଣ କରାଯିବା ଏହା ପ୍ରଥମ ଘଟଣା। କାର୍ଗିଲ ଏୟାରଷ୍ଟ୍ରିପ୍ ୧୦,୫୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ନିକଟବର୍ତ୍ତୀ ସମସ୍ତ ଏୟାରଫିଲ୍ଡର ଭିତ୍ତିଭୂମି ବିକାଶ ଉପରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି।

### ଟିଏମ୍‌ସି ନେତାଙ୍କୁ ଗୁଳିକରି ହତ୍ୟା



**କୋଲକାତା,୭।୧:** ଅଜଣା ଆତତାୟୀଙ୍କ ଗୁଳିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ସତ୍ୟନ ଚୌଧୁରୀ ନିହତ ହୋଇଛନ୍ତି। ପଶ୍ଚିମବଙ୍ଗର ବହରମପୁର ଅଞ୍ଚଳରେ ରବିବାର ଏହି ହତ୍ୟାକାଣ୍ଡ ଘଟିଛି। ମୁର୍ସିଦାବାଦ ପାଇଁ ଦଳର ସାଧାରଣ ସମ୍ପାଦକ ଥିବା ସତ୍ୟନଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଟିଏମ୍‌ସି ନେତାଙ୍କ କହିବା ଅନୁଯାୟୀ କେତେଜଣ ଦୁର୍ବୃତ୍ତ ବାଇକରେ ଆସି ସତ୍ୟନଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଚତୁର୍ଥ ମାସରେ ଯୁଦ୍ଧ

# ଉତ୍ତର ଗାଜାରେ ବନ୍ଦହେବ ଆକ୍ରମଣ

## ଇସ୍ରାଏଲ୍‌ର ସଙ୍କେତ

**ଜେରୁଜେଲମ୍,୭।୧**

ଗାଜାଷ୍ଟ୍ରିପ୍‌ରେ ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍‌ର ଆକ୍ରମଣ ରବିବାର ଚତୁର୍ଥ ମାସରେ ପ୍ରବେଶ କରିଛି। ଗତ ୩ ମାସର ଆକ୍ରମଣରେ ଗାଜାର ପାଖାପାଖି ୨୩ ହଜାର ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୫୮ ହଜାର ଆହତ ହୋଇଛନ୍ତି। ବ୍ୟାପକ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଇତିମଧ୍ୟରେ ହମାସ୍‌ର ସାମରିକ ଭିତ୍ତିଭୂମି ସମ୍ପୂର୍ଣ୍ଣ ଧ୍ୱଂସ ହୋଇସାରିଥିବାରୁ ଉତ୍ତର ଗାଜାରେ ବଡ଼ ଆକ୍ରମଣ ବନ୍ଦ କରିବାକୁ ଇସ୍ରାଏଲ୍ ସେନା ସଙ୍କେତ ଦେଇଛି। ତେବେ ସେଠାରେ ମୁତୟନ ଥିବା ସୈନ୍ୟଙ୍କୁ ହ୍ରାସ କରାଯାଇ ନାହିଁ। ଇସ୍ରାଏଲ୍ ସୈନ୍ୟ ସଫଳତା ହାସଲ ଜାରି ରଖିବେ। ଇସ୍ରାଏଲ୍-ଗାଜା ସୀମାନ୍ତରେ ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରାଯିବା ସହ କେନ୍ଦ୍ରୀୟ ଓ ଦକ୍ଷିଣ ଭାଗ ଉପରେ ଅଧିକ ଫୋକସ୍ କରାଯିବ ବୋଲି ଇସ୍ରାଏଲ୍ ସେନା ମୁଖପାତ୍ର ଡାନିଏଲ୍ ହଗାରି କହିଛନ୍ତି।

ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ଇସ୍ରାଏଲ୍ ଗସ୍ତ ପୂର୍ବରୁ ଏଭଳି ଘୋଷଣା କରାଯାଇଛି। ଗାଜା ଉପରେ ଆକାଶ ମାର୍ଗରୁ ଏବଂ ସ୍ଥଳପଥରେ ଆକ୍ରମଣକୁ ବନ୍ଦ କରିବା ପାଇଁ ଜୋ ବାଇଡେନ୍ ପ୍ରଶାସନ ବାରମ୍ବାର ଆହ୍ୱାନ ଦେଇଆସୁଛି। ପାଲେଷ୍ଟିନୀୟ ନାଗରିକମାନଙ୍କର କ୍ଷତି ନ କରି କେବଳ ହମାସ୍ ନେତାମାନଙ୍କ ଉପରେ ଟାର୍ଗେଟ ଆକ୍ରମଣ ବଢ଼ାଇବାକୁ ଆମେରିକା ପରାମର୍ଶ ଦେଇଥିଲା। ନିକଟରେ ଉତ୍ତର ଗାଜାରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ଇସ୍ରାଏଲ୍ ହ୍ରାସ କରିବା ସହ ଦକ୍ଷିଣ ଗାଜା ଉପରେ ଅଧିକ ଆକ୍ରମଣ ଜାରି ରଖିଥିଲା।



ରାଫାହ ସହରରେ ରବିବାର ଏକ କାର୍ ଉପରେ ଏୟାରଷ୍ଟ୍ରାଇକ୍‌ରେ ୨ ଖବରଦାତା ନିହତ ହୋଇଛନ୍ତି।

ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍‌ର ଦକ୍ଷିଣ ପାର୍ଶ୍ୱରେ ଅଚାନକ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ମାରିବା ସହ ୨୫୦ ଜଣଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ହମାସ୍ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଯୁଦ୍ଧ ବନ୍ଦ ଲାଗି ଅନ୍ତର୍ଜାତୀୟ ସ୍ତରରେ ଚାପ ବଢ଼ୁଥିବା ସତ୍ତ୍ୱେ ହମାସ ଆତଙ୍କବାଦୀ ମୂଳପୋଛ ନ ହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ବୋଲି ନେତାନ୍ୟାହୁ କହିଥିଲେ। ଶନିବାର ଖାନ୍ ୟୁନିସ୍ ସହରରେ ଇସ୍ରାଏଲ୍ ସୈନ୍ୟଙ୍କ ଆକ୍ରମଣରେ ୧୨ ଶିଶୁଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶରଣାର୍ଥୀ ଶିବିରର ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ରବିବାର ରାଫାହ ସହରରେ ଏୟାରଷ୍ଟ୍ରାଇକ୍ ଫଳରେ ୨ ଖବରଦାତା ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଲ୍ ଜଜିରାର ମୁଖ୍ୟ ସାମ୍ବାଦିକ ୱାଏଲ୍ ଡାହଡୋଉଙ୍କ ପୁଅ ହମ୍‌ଜା ରହିଛନ୍ତି। ଗତ ଅକ୍ଟୋବର ୨୬ ଏୟାର ଷ୍ଟ୍ରାଇକ୍‌ରେ ଡାହଡୋଉ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ସମେତ ୪ ଜଣ ସମ୍ପର୍କୀୟଙ୍କୁ ହରାଇଥିଲେ। ସେ ନିଜେ ମଧ୍ୟ ଗତମାସରେ ଇସ୍ରାଏଲ୍ ଆକ୍ରମଣରେ ଆହତ ହୋଇଥିଲେ।

## ଏଏସ୍‌ପିଙ୍କ ନାଁରେ ବଳାତ୍କାର ମାମଲା

**ଲକ୍ଷ୍ନୌ, ୭।୧**

ଜଣେ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିବା ସହ ଜରବଦସ୍ତ ଗର୍ଭପାତ କରାଇବା ଓ ଧମକ ଦେବା ଅଭିଯୋଗରେ ଉତ୍ତରପ୍ରଦେଶର ଜଣେ ଅତିରିକ୍ତ ଏସ୍‌ପିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୀଡ଼ିତା ଜଣେ ୟୁପିଏସ୍‌ସି ଆଶାୟୀ। ଅଭିଯୋଗ ସମ୍ପର୍କରେ ତାଙ୍କ ପାଖରେ ସମସ୍ତ ପ୍ରମାଣ ରହିଥିବା ସେ ଦାବି କରିବା ସହ ଏଏସ୍‌ପିଙ୍କ ନିଲମ୍ବନ ଦାବି କରିଛନ୍ତି। ୩ ମାସ ହେଲା ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ଘଟଣା ସମ୍ପର୍କରେ ସେ ସୋସିଆଲ ମିଡିଆରେ ଶେୟାର କରିବା ପରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍)ରେ ଏଏସ୍‌ପି ଥିବା ରାହୁଲ ଶ୍ରୀବାସ୍ତବ ବହୁ ବର୍ଷ ହେଲା ପୀଡ଼ିତାଙ୍କୁ ଯୌନ ଉତ୍ପୀଡ଼ନ କରୁଥିଲେ। ୨୦୨୩ ଏପ୍ରିଲରେ ସେ ଗର୍ଭବତୀ ହେବାରୁ ଅଭିଯୁକ୍ତ ଜବରଦସ୍ତ ତାଙ୍କ ଗର୍ଭପାତ କରାଇଥିଲେ। ଏହି ମାମଲାରେ ଏଏସ୍‌ପିଙ୍କ ସ୍ତ୍ରୀ ମାନିନୀ ଶ୍ରୀବାସ୍ତବ ଓ ତାଙ୍କ ୪ ବନ୍ଧୁଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହୋଇଛି।





ହିମାଚଳପ୍ରଦେଶର ମନାଲିଠାରେ ମିସ୍ ୱିଣ୍ଟର କୁଇନ୍ ୨୦୨୪ ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ମିସ୍ ୱିଣ୍ଟର କୁଇନ୍ ବିଜୟିନୀ ନିଶା ଠାକୁର, ପ୍ରଥମ ରନର୍‌ଅପ୍ କୋହିନୂର ସିର୍କାଇକ୍ ଏବଂ ଦ୍ୱିତୀୟ ରନରଅପ୍ ଭବ୍ୟା ପଣ୍ଡିତ୍ ଫଟୋ ପୋଜ୍ ଦେଉଛନ୍ତି।

## କେବଳ ଅନ୍‌ଲାଇନରେ ହେବ ପିଜି ମେଡିକାଲ କାଉନସେଲିଂ

**ନୂଆଦିଲ୍ଲୀ, ୭।୧(ପି.ଟି.)**

ପୋଷ୍ଟ ଗ୍ରାଜୁଏଟ୍ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ କାଉନସେଲିଂ କେବଳ ଅନ୍‌ଲାଇନ ମୋଡ୍‌ରେ ହେବ। ଏଥିପାଇଁ କଲେଜଗୁଡ଼ିକ ପ୍ରତି ପାଠ୍ୟକ୍ରମ ପାଇଁ ଯଥେଷ୍ଟ ପୂର୍ବରୁ ଦେୟ ଘୋଷଣା କରିବେ ବୋଲି ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) କହିଛି। କୌଣସି କଲେଜ ନିଜ ଇଚ୍ଛାରେ ଛାତ୍ରୀଛାତ୍ରଙ୍କ ନାମଲେଖାଇ ପାରିବେ ନାହିଁ। ନିକଟରେ ଏନ୍‌ଏମ୍‌ସି ପକ୍ଷରୁ 'ପୋଷ୍ଟ ଗ୍ରାଜୁଏଟ୍ ମେଡିକାଲ ଏଜୁକେଶନ ରେଗୁଲେଶନ, ୨୦୨୩'କୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ବାଂଲାଦେଶ ପାର୍ଲାମେଣ୍ଟକୁ ହାସିନା ପୁନଃନିର୍ବାଚିତ

**ଢାକା, ୭।୧(ପି.ଟି.)**



ଶେଖ୍ ହାସିନା

ବାଂଲାଦେଶ ପ୍ରଧାନମନ୍ତ୍ରୀ ତଥା ଆୱାମୀ ଲିଗ୍ ଅଧ୍ୟକ୍ଷା ଶେଖ୍ ହାସିନା ରବିବାର ଗୋପାଳଗଞ୍ଜ-୩ ଆସନରୁ ପାର୍ଲାମେଣ୍ଟକୁ ପୁନଃନିର୍ବାଚିତ ହୋଇଛନ୍ତି। ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ଭୋଟ ବର୍ଜନ ଏବଂ ହିଂସାକାଣ୍ଡ ମଧ୍ୟରେ ହାସିନା ବିପୁଳ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ତାଙ୍କୁ ୨,୪୯,୯୬୫ ଭୋଟ ମିଳିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ସୁପ୍ରିମ ପାର୍ଟିର ଏମ୍ ନିଜାମ ଉଦ୍ଦିନ ଲଶ୍କରଙ୍କୁ ମାତ୍ର ୪୬୯ ଖଣ୍ଡ ଭୋଟ ପାଇଛନ୍ତି। ହାସିନା ଅଷ୍ଟମ ଥର ପାଇଁ ଗୋପାଳଗଞ୍ଜ-୩ ଆସନରୁ ବିଜୟୀ ହୋଇଛନ୍ତି। ମୁଖ୍ୟ ବିରୋଧୀ ଦଳର ଭୋଟ ବର୍ଜନ ଯୋଗୁ ଆୱାମୀ ଲିଗ୍ ଅଧିକାଂଶ ଆସନରେ ଆଗରେ ରହିଛି। ପ୍ରଧାନମନ୍ତ୍ରୀ ହାସିନା କ୍ରମାଗତ ଚତୁର୍ଥ ଥର ପାଇଁ ସରକାର ଗଢ଼ିବାକୁ ଯାଉଛନ୍ତି। ରବିବାର ଭୋଟ ଗ୍ରହଣ ପରେ ଗଣତି ଜାରି ରହିଛି। ୩୦୦ ଆସନ ବିଶିଷ୍ଟ ପାର୍ଲାମେଣ୍ଟର ୯ ଆସନର ଫଳାଫଳ ରବିବାର ରାତି ୧୦ଟା ସୁଦ୍ଧା ଘୋଷଣା ହୋଇଥିବାବେଳେ ୮ଟିରେ ଆୱାମୀ ଲିଗ୍ ଓ ଗୋଟିଏ ଆସନରେ ଜାତୀୟ ପାର୍ଟି ବିଜୟୀ ହୋଇଛି।

## ମୁସଲମାନଙ୍କ ପାଇଁ ସ୍ୱତନ୍ତ୍ର ଭୂଖଣ୍ଡ ଦାବିକରି ବିବାଦରେ ପ୍ରଫେସର

**ପାଟନା, ୭।୧**

ବିହାର ସିୱାନସ୍ଥିତ ନାରାୟଣ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଖୁର୍ଶିଦ ଆଲମ୍ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ମୁସଲମାନମାନଙ୍କ ପାଇଁ ଅଲଗା ଦେଶ ଦାବି କରି ଅଡୁଆରେ ପଡ଼ିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଆଲମଙ୍କ ପୋଷ୍ଟକୁ ନେଇ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ବିବାଦ ପରେ ପ୍ରଫେସର ଆଲମ୍ ତୁରନ୍ତ ତାଙ୍କ ପଦବୀରୁ ଇସ୍ତଫା ଦେବା ସହ କ୍ଷମା ମାଗିଛନ୍ତି। ସେ ତାଙ୍କ ପୋଷ୍ଟ ଜରିଆରେ କାହାର ଭାବାବେଗକୁ ଆଘାତ ଦେବାକୁ ଚାହିଁ ନ ଥିଲେ ବୋଲି କହିଛନ୍ତି। ସେ ସମସ୍ତ ବିବାଦୀୟ ପୋଷ୍ଟକୁ ଡିଲିଟ୍ କରିଦେଇଛନ୍ତି। ନାରାୟଣ କଲେଜରେ ରାଜନୀତି ବିଜ୍ଞାନ ମୁଖ୍ୟ ଥିବା ଆଲମ ସୋସିଆଲ ମିଡିଆରେ ୨ଟି ପୋଷ୍ଟ କରିଥିଲେ। ଗୋଟିଏରେ ସେ ପାକିସ୍ତାନ ଓ ବାଂଲାଦେଶ ଜିନ୍ଦାବାଦ ଲେଖିଥିବାବେଳେ ଅନ୍ୟଟିରେ ଭାରତୀୟ ମୁସଲମାନମାନେ ଅଲଗା ଭୂଖଣ୍ଡ ଚାହାନ୍ତି ବୋଲି ଲେଖିଥିଲେ।



ଖୁର୍ଶିଦ ଆଲମ୍

## ଲାକ୍ଷାଦ୍ୱୀପ ପାଇଁ ହାତ ମିଳାଇଲେ ସେଲିବ୍ରିଟି

**ନୂଆଦିଲ୍ଲୀ,୭।୧**

ଲାକ୍ଷାଦ୍ୱୀପକୁ ନେଇ ମାଳଦ୍ୱୀପ ମନ୍ତ୍ରୀ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିବା ପରେ ଏହାକୁ ନେଇ ଭାରତ ଓ ମାଳଦ୍ୱୀପ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତର ଖ୍ୟାତନାମା ସେଲିବ୍ରିଟିମାନେ ସୋସିଆଲ ମିଡିଆ ଜରିଆରେ ଲାକ୍ଷା ଦ୍ୱୀପ ପ୍ରତି ସମର୍ଥନ ଜଣାଇବା ସହ ନାଗରିକମାନେ ଉକ୍ତ ଦ୍ୱୀପପୁଞ୍ଜର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପ୍ରୋତ୍ସାହିତ କରିଛନ୍ତି। ବେଳାଭୂମି ପର୍ଯ୍ୟଟନରେ ମାଳଦ୍ୱୀପ ସହ ପ୍ରତିଦ୍ୱନ୍ଦ୍ୱିତା କରିବାରେ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିବା ଭାରତ ଏହାକୁ ଟାର୍ଗେଟ କରୁଛି ବୋଲି ମାଳଦ୍ୱୀପ ମନ୍ତ୍ରୀ କହିବା ପରେ କୂଟନୈତିକ ସ୍ତରରେ ବିବାଦ ଦେଖାଦେଇଛି। ମାଳଦ୍ୱୀପ ନେତାଙ୍କ ଅପମାନଜନକ ମନ୍ତବ୍ୟରେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାର ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେଠାକୁ ସର୍ବାଧିକ ପର୍ଯ୍ୟଟକ ପଠାଉଥିବା ଦେଶ ପ୍ରତି ସେମାନଙ୍କ ବ୍ୟବହାର ବିସ୍ମୟକର। ପଡୋଶୀଙ୍କ ପ୍ରତି ଆମର ସବୁବେଳେ ଭଲ ବ୍ୟବହାର ରହିଥିବାବେଳେ ଆମେ କ'ଣ ପାଇଁ ଘୃଣାକୁ ବରଦାସ୍ତ କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଅକ୍ଷୟ ଅନେକ ଥର ମାଳଦ୍ୱୀପ ଯାଇଛନ୍ତି ଓ ଏହାର ପ୍ରଶଂସା କରିଛନ୍ତି। ତେବେ ପ୍ରଥମେ ମର୍ଯ୍ୟାଦା ବୋଲି ଅକ୍ଷୟ କହିଛନ୍ତି। ଆସନ୍ତୁ ଭାରତୀୟ ଦ୍ୱୀପପୁଞ୍ଜକୁ ଅନ୍ୱେଷଣ କରିବା ଓ ଆମ ନିଜ ପର୍ଯ୍ୟଟନକୁ ସମର୍ଥନ କରିବା ବୋଲି ସେ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ସେହିପରି ଅନ୍ୟତମ ଲୋକପ୍ରିୟ ଅଭିନେତା ଜନ୍ ଆବ୍ରାହମ ଲାକ୍ଷାଦ୍ୱୀପର ଆତିଥେୟତା ଓ ସାମୁଦ୍ରିକ ଜୀବନକୁ ପ୍ରଶଂସା କରିଛନ୍ତି। ଭାରତୀୟ ଆତିଥେୟତା 'ଅତିଥି ଦେବୋ ଭବ' ନୀତି ଉପରେ ଆଧାରିତ ଓ ଏଠାରେ ବିଶାଳ ସାମୁଦ୍ରିକ ଜୀବଜଗତର ମଜା ନେବାର ଅଛି। ଲାକ୍ଷାଦ୍ୱୀପକୁ ପର୍ଯ୍ୟଟନରେ ଯିବା ପାଇଁ ସେ ଲେଖିଛନ୍ତି। ଅଭିନେତ୍ରୀ ଶ୍ରଦ୍ଧା କପୁର ମଧ୍ୟ ସେମାନଙ୍କ ସହ ସ୍ୱର ମିଳାଇଛନ୍ତି। ଅଭିନେତା ସଲମାନ ଖାନ୍ ଲାକ୍ଷାଦ୍ୱୀପର ସୁନ୍ଦର ଓ ସ୍ୱଚ୍ଛ ବେଳାଭୂମିକୁ ଉଚ୍ଚ ପ୍ରଶଂସା କରିଛନ୍ତି। କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ମଧ୍ୟ ଏହି ଅଭିଯାନରେ ନିଜକୁ ସାମିଲ କରିଛନ୍ତି।



ଅକ୍ଷୟ କୁମାର



ଶ୍ରଦ୍ଧା କପୁର



ସଲମାନ୍ ଖାନ୍

## ଫୁର୍‌ସତ୍

# ପାକସ୍ଥଳୀରେ ୯ କୋଟିର କୋକେନ୍

## ଅନ୍ତର୍ଜାତୀୟ ଡ୍ରଗ୍ସ ଚାଲାଣ ର୍ୟାକେଟ୍ ପର୍ଦ୍ଦାଫାଶ

**ମୁମ୍ବାଇ, ୭।୧**

ଇଥିଓପିଆରୁ ଭାରତକୁ ଉଚ୍ଚମାନର କୋକେନ୍ ଚୋରାଚାଲାଣ ବେଳେ ମୁମ୍ବାଇ ପୋଲିସ ୨ ଜଣ ବିଦେଶୀଙ୍କୁ ଗିରଫ କରିଛି। ଫଳରେ ଏକ ଅନ୍ତର୍ଜାତୀୟ ନିଶା ଚୋରା କାରବାର ର୍ୟାକେଟ୍‌ର ପର୍ଦ୍ଦାଫାଶ୍ ହୋଇଛି। ନାଇଜେରିଆର ଡାନିଏଲ୍ ନେମେକ୍(୩୮) ଏବଂ ଭେନେଜୁଏଲାର ଜୋଏଲ୍ ରାମୋସ୍(୧୯)ଙ୍କଠାରୁ ୮୮୦ ଗ୍ରାମ କୋକେନ୍ ଜବତ କରାଯାଇଛି, ଯାହାର ଅନ୍ତର୍ଜାତୀୟ ବଜାର ମୂଲ୍ୟ ୯ କୋଟି ଟଙ୍କା। ସେମାନେ କୋକେନ୍ କ୍ୟାପ୍‌ସୁଲଗୁଡ଼ିକୁ ଗିଳିଦେଇ ପାକସ୍ଥଳୀରେ ସେଗୁଡ଼ିକୁ ଧରି ଭାରତ ଆସିଥିଲେ। ଶନିବାର ଭୋର ସମୟରେ ମୁମ୍ବାଇର ସାକି ବିହାର ରୋଡ୍‌ରେ ପାଟ୍ରୋଲିଂ ବେଳେ ସେମାନେ ତରତର ହୋଇ ଚାଲିଯାଉଥିବା ଦେଖି ପୋଲିସ ସେମାନଙ୍କୁ ଅଟକାଇବାକୁ କହିଥିଲା। ସେମାନେ ନ ଅଟକି ଏକ ଅଟୋ ଯୋଗେ ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଟିମ୍ ସେମାନଙ୍କୁ ପିଛା କରି ଧରିଥିଲା। ନେମେକ ୨୦୧୭ରୁ ଭାରତରେ ରହିଥିବାବେଳେ ତାଙ୍କ ପାଖରେ ବୈଧ ଭ୍ରମଣ କାଗଜପତ୍ର ନ ଥିବା ପୋଲିସ କହିଛି। ସେମାନେ ନଭି ମୁମ୍ବାଇର ଜଣେ ଡିଷ୍ଟ୍ରିବ୍ୟୁଟରଙ୍କୁ କୋକେନ୍ ଯୋଗାଉଥିଲେ। ରାମୋସ୍ ଗତ ୧ ତାରିଖରୁ ବ୍ରାଜିଲର ସାଓ ପାଉଲୋରୁ ଇଥିଓପିଆର ଆଡିସ୍ ଅବାବା ଦେଇ ମୁମ୍ବାଇ ଆସିଥିଲେ ଓ ସାକିନାକାର ଏକ ହୋଟେଲରେ ରହୁଥିଲେ।



## ୨ କପ୍ ୟୁନିଭର୍ସରେ ନଜର ଆସିବେ ଶ୍ୱେତା

**ମୁମ୍ବାଇ:** ରୋହିତ ଶେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଧାରାବାହିକ 'ଇଣ୍ଡିଆନ ପୋଲିସ ଫୋର୍ସ'ର ଟ୍ରେଲର ଗୋଟିଏ ଦିନ ପୂର୍ବରୁ ଲଞ୍ଚ ହୋଇଥିଲା। କପ୍ ୟୁନିଭର୍ସର ଏହି ପ୍ରଥମ ସିରିଜରେ ସିଦ୍ଧାର୍ଥ ମାଲହୋତ୍ରା, ଶିଳ୍ପା ଶେଟ୍ଟୀ ଏବଂ ବିବେକ ଓବରୋଇ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବାବେଳେ ଟେଲି ଅଭିନେତ୍ରୀ ଶ୍ୱେତା ତିୱାରୀ ମଧ୍ୟ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଲୋକେ ସିରିଜର ଟ୍ରେଲରକୁ ବହୁତ ପ୍ରଶଂସା କରୁଛନ୍ତି। ଏହି ସିରିଜ ପରେ କପ୍ ୟୁନିଭର୍ସର 'ସିଙ୍ଘମ ଏଗେନ'ର ପରବର୍ତ୍ତୀ ଏପିସୋଡ ମୁକ୍ତିଲାଭ କରିବ। ଏଥିରେ ଅଜୟ ଦେବଗନ, ଟାଇଗର ଶ୍ରଫ, ଅକ୍ଷୟ କୁମାର, ରଣବୀର ସିଂ, ଅର୍ଜୁନ କପୁର ଅଭିନୟ କରିବେ। କରୀନା କପୁର ଖାନ୍ ଏବଂ ଦୀପିକା ପାଦୁକୋନ ମଧ୍ୟ ରହିବେ। ଶ୍ୱେତା ତିୱାରୀ ମଧ୍ୟ ରୋହିତ ଶେଟ୍ଟୀଙ୍କ 'ସିଙ୍ଘମ ଏଗେନ'ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଶ୍ୱେତା ଇଣ୍ଡିଆନ୍ ପୋଲିସ ଫୋର୍ସରେ ଜଣେ ପୋଲିସ ଇନ୍ସପେକ୍ଟର ଭୂମିକାରେ ଅଭିନୟ କରୁଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସିଙ୍ଘମ ଏଗେନ୍‌ର ଏକ ଅଂଶ ହେବା ବିଷୟରେ ଶ୍ୱେତା କହିଛନ୍ତି, ରୋହିତ ସାର୍ ମୋତେ କହିଥିଲେ, ଯଦି ସେ ପ୍ରତିଦିନ ଇଣ୍ଡିଆନ ପୋଲିସ ଫୋର୍ସ ସେଟରେ ମୋତେ ଖାଦ୍ୟ ଆଣିଦିଅନ୍ତି ତେବେ ସେ ମୋତେ ଆଉ ଏକ ପ୍ରୋଜେକ୍ଟ ଦେବେ। କିନ୍ତୁ ଏହା ବିନା ସେ ତାଙ୍କର ପରବର୍ତ୍ତୀ ଚଳଚ୍ଚିତ୍ର ପ୍ରଦାନ କରିଥିଲେ।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁଆରୀ ୮/୨୦୨୪ | Bhubaneswar, Monday, January 8/2024










ମାଲକାନଗିରି ବିମାନ ବନ୍ଦରରେ ରବିବାର ଟ୍ରାଏଲ ରନ୍‌ରେ ପହଞ୍ଚିଥିବା ବିମାନକୁ ଅଗ୍ନିଶମ କର୍ମଚାରୀମାନେ ପାଣି ପକାଇ ସ୍ୱାଗତ କରୁଛନ୍ତି। (ଫଟୋ-ଦୁର୍ଯ୍ୟୋଧନ ପାତ୍ର) ରିପୋର୍ଟ : ପୃଷ୍ଠା-୩

# ଖଣି, ଶିଳ୍ପାଞ୍ଚଳ ବାସିନ୍ଦା ଯକ୍ଷ୍ମା କବଳିତ

ଯାଜପୁର,୭।୧ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର କଳିଙ୍ଗନଗର ଅଞ୍ଚଳରେ ୧୯୯୫ରୁ ଶିଳ୍ପାୟନ ଆରମ୍ଭ ହୋଇଛି। ଏହାର ବହୁ ପୂର୍ବରୁ ଜିଲାର ସୁକିନ୍ଦା ଅଞ୍ଚଳରେ ଖଣି ଖନନ ଆରମ୍ଭ ହୋଇଥିଲା। ବ୍ରାହ୍ମଣୀ ଓ ଏହାର ଉପନଦୀ ଖରସ୍ରୋତା କୂଳରେ ୧୫ରୁ ଊର୍ଦ୍ଧ୍ୱ ଇସ୍ପାତ ଓ ସିମେଣ୍ଟ କାରଖାନା ଏବଂ କ୍ୟାପ୍‌ଟିଭ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି। କେତେକ ବୃହତ୍ ଶିଳ୍ପ କାରଖାନାର ସମ୍ପ୍ରସାରଣ ମଧ୍ୟ ଚାଲିଛି। ସୁକିନ୍ଦା ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ କ୍ରୋମାଇଟ୍ ଖଣି ଏବଂ ଧର୍ମଶାଳା ବ୍ଲକରେ ଶତାଧିକ କଳାପଥର ଖନନ ଚାଲିଛି। ଏହି ଦ୍ରୁତ ଶିଳ୍ପାୟନ ରାଜ୍ୟ ବାହାର ଲୋକଙ୍କୁ ଅଧିକ ଲାଭବାନ୍ କରିଥିବାବେଳେ ସ୍ଥାନୀୟ ଅଧିବାସୀଙ୍କ ଆର୍ଥିକ ଅଭିବୃଦ୍ଧିରେ କ'ଣ ସହାୟକ ହୋଇଛି ତାହା ସମସ୍ତଙ୍କୁ ଜଣା। କିନ୍ତୁ ଏହି ଶିଳ୍ପ ଓ ଖଣି ଅଞ୍ଚଳର ବାସିନ୍ଦା ଏବେ ଯକ୍ଷ୍ମା ରୋଗରେ କବଳିତ। ଗତ ୧୫ ବର୍ଷରେ ଶିଳ୍ପ ଓ ଖଣି ପ୍ରଦୂଷଣ ଜନିତ କାରଣରୁ ଯକ୍ଷ୍ମା ପ୍ରବଣତା ବୃଦ୍ଧି ପାଇ ୫୫%ରେ ପହଞ୍ଚିବା ଉଦ୍‌ବେଗର କାରଣ ହୋଇଛି।

**୨ ବର୍ଷରେ ୫୫% ରୋଗୀ ଚିହ୍ନଟ**

ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ୨୦୨୨ରେ ୧୭୦୦ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୪୭୮ ରୋଗୀଙ୍କ ଚିକିତ୍ସା ସଫଳ ହୋଇଥିବାବେଳେ ୭୪ ରୋଗୀଙ୍କ ମୃତ୍ୟୁ ହୋଇଛି। ତେବେ କ୍ରୋମାଇଟ୍ ଖଣି ଭାବେ ପରିଚିତ ସୁକିନ୍ଦା ଟିବି ୟୁନିଟ୍‌ରେ ସର୍ବାଧିକ ୨୬୦, ଲଘୁ ଖଣି ଅଞ୍ଚଳ ଧର୍ମଶାଳା ୟୁନିଟ୍‌ରେ ୧୯୯, ଶିଳ୍ପ କାରଖାନା ଦାନଗଦି ୟୁନିଟରେ ୧୯୩ ଓ ଯାଜପୁର ରୋଡ୍ ୟୁନିଟରେ ୨୩୧ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। କହିବାବାହୁଲ୍ୟ, ଚିହ୍ନଟ ସମୁଦାୟ ୧୭୦୦ରୁ ୮୮୩ ଜଣ(୫୪%) କେବଳ ଶିଳ୍ପ ଓ ଖଣି ଅଞ୍ଚଳର। ତଦନୁସାରେ ଯକ୍ଷ୍ମାଜନିତ ମୃତ୍ୟୁସଂଖ୍ୟା ମଧ୍ୟ ଏଠାରେ ସର୍ବାଧିକ ୩୨ ରହିଛି। ୨୦୨୩ରେ କେବଳ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ୧୬୩୫ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ☞ପୃଷ୍ଠା-୨

# ଶ୍ରୀମନ୍ଦିରରେ ପଶିଲେ ବିଦେଶିନୀ

ପୁରୀ, ୭।୧ (ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ରବିବାର ଜଣେ ବିଦେଶିନୀ ପ୍ରବେଶ କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳୁଛି ଯେ, ଜଣେ ବିଦେଶୀ ମହିଳା ଶ୍ରୀମନ୍ଦିରରୁ ବାହାରୁଛନ୍ତି। କେହି ଜଣେ ସେବାୟତ ତାଙ୍କୁ ଶ୍ରୀମନ୍ଦିର ବ୍ୟାରିକେଡ୍ ବାହାରକୁ ଚାଲିଯିବାକୁ କହୁଛନ୍ତି। ପରେ ବିଦେଶିନୀ ଜଣଙ୍କ ବାହାରକୁ ଚାଲିଯାଉଛନ୍ତି। ଏହି ଘଟଣାକୁ ନେଇ ଭକ୍ତ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟାରିକେଡ୍‌ଠାରୁ ସିଂହଦ୍ୱାର ସମ୍ମୁଖ ପର୍ଯ୍ୟନ୍ତ କଡ଼ା ପୋଲିସ ମୁତୟନ ସହ ଯାଞ୍ଚ ବ୍ୟବସ୍ଥା ଥିବାବେଳେ ଜଣେ ଅଣହିନ୍ଦୁ କିପରି ଶ୍ରୀମନ୍ଦିର ଭିତରକୁ ପଶିଗଲେ ସେ ନେଇ ପ୍ରଶ୍ନ ଉଠିଛି। ସେହିପରି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ପ୍ରତି ଉକ୍ତ ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ସମୟରେ ବିଦେଶିନୀ ଜଣକ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାରିକେଡ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ଯାଇ ସାତପାହାଚ ପାଖରେ ପହଞ୍ଚି ଯାଇଥିଲେ। ସେଠାରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯାଉଥିବାବେଳେ ନିୟୋଜିତ ଥିବା କେତେଜଣ ପୋଲିସ କର୍ମଚାରୀ ଏବଂ ସେବାୟତ ☞ପୃଷ୍ଠା-୨



ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ବିଦେଶୀ ମହିଳା।

**ଆଜିର ସମ୍ପାଦକୀୟ** ଗଞ୍ଜାଙ୍କୁ ଭାଏଗ୍ରା

# ପୁଣି ଧର୍ମଘଟ, ତୈଳ ସଙ୍କଟ

ଭୁବନେଶ୍ୱର, ୭।୧ (ସୁନିତ୍ ମିଶ୍ର)

ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ ଡାକରା ଦିଆଯାଇଛି। କେନ୍ଦ୍ରର ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍-୨୦୨୩)ରେ ଗାଡ଼ି ଚାଳକଙ୍କ ପାଇଁ କରାଯାଇଥିବା ଦଣ୍ଡବିଧାନକୁ ବିରୋଧ କରି ଏହି ଆହ୍ୱାନ ଦିଆଯାଇଥିବା ରବିବାର ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି। ଧର୍ମଘଟ ସମୟରେ ସବୁ ଅଏଲ୍ କମ୍ପାନୀ ଡିପୋ ଅଫିସ୍‌କୁ ତେଲ ଯୋଗାଣ ବନ୍ଦ ରଖିବେ ବୋଲି ମହାସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ତେବେ ବନ୍ଦ ଡାକରା ପରେ ରାଜ୍ୟରେ ପେଟ୍ରୋଲ, ଡିଜେଲ ସଙ୍କଟ ଦେଖାଦେବା ଏକପ୍ରକାର ନିଶ୍ଚିତ ବୋଲି ସୂଚନା ମିଳିଛି। କାରଣ ୩ ଦିନ ହେଲା ହିଟ୍ ଆଣ୍ଡ ରନ୍ ମାମଲାରେ ଗାଡ଼ି ଚାଳକଙ୍କୁ ୧୦ ବର୍ଷ ଜେଲ ଏବଂ ୭ ଲକ୍ଷ ଟଙ୍କାର ଜରିମାନା ଆଦାୟ ନିୟମ ବିରୋଧରେ ରାଜ୍ୟବ୍ୟାପୀ ଡ୍ରାଇଭର ସଂଘ ଷ୍ଟିୟରିଂ ଛାଡ଼ ଡାକରା ଦେଇଥିଲା। ଏଥିଯୋଗୁ ପେଟ୍ରୋଲ, ଡିଜେଲ ଯୋଗାଣ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଶନିବାର ରାଜ୍ୟବ୍ୟାପୀ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ଅଧିକାଂଶ ପେଟ୍ରୋଲ ପମ୍ପ ଡ୍ରାଏ ସମସ୍ୟା ଯୋଗୁ ବନ୍ଦ ରହିଥିଲା।

ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ପ୍ରତ୍ୟାହାରର ଦିନକ ପରେ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ଦେଇଥିବା ଧର୍ମଘଟ ଡାକରା ଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ଲୋକେ ପେଟ୍ରୋଲ, ଡିଜେଲ ନ ମିଳିବା ଆଶଙ୍କା କରି ପମ୍ପରେ ଲମ୍ଫାଧାଡ଼ି କରି ଅଧିକ ପେଟ୍ରୋଲ, ଡିଜେଲ ଭର୍ତ୍ତି କରିବା ଆରମ୍ଭ କରିଦେଇଛନ୍ତି। ଏଥିଯୋଗୁ ସୋମବାର ସନ୍ଧ୍ୟା ସୁଦ୍ଧା ପମ୍ପଗୁଡ଼ିକରେ ତେଲ ଅଭାବ ଦେଖାଦେବ ବୋଲି ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି। ଅନ୍ୟପଟେ ଏଭଳି ବାରମ୍ବାର ଦିଆଯାଉଥିବା ବନ୍ଦ ଡାକରାକୁ ବ୍ୟବସାୟୀ ସଂଘଠାରୁ ଆରମ୍ଭ କରି ଅନ୍ୟ କେତେକ ସଂଘ ବିରୋଧ କରିଛନ୍ତି। ଆନ୍ଦୋଳନ ନେଇ ମହାସଂଘ ସଭାପତି ଜନାର୍ଦ୍ଦନ ପତି କହିଛନ୍ତି ଯେ, ଚାଳକଙ୍କୁ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା କରାଯିବା ଶ୍ରମିକମାନଙ୍କ ବେକରେ ଫାଶୀ ଲଗାଇଲା ସଦୃଶ। ପୂର୍ବରୁ ଆଇପିସି ଦଫା ୧୦୪(କ) ଅନୁସାରେ ଚାଳକଙ୍କୁ ୨ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ଥିଲା। କେନ୍ଦ୍ରରେ ମୋଦି ସରକାର ଆସିଲା ପରେ ଆଇପିସିରେ ପରିବର୍ତ୍ତନ ଆଣି ବିଏନ୍‌ଏସ୍ କରିଛନ୍ତି। ସେଥିରେ ଚାଳକଙ୍କୁ ଅଧିକ ଜେଲ ଜରିମାନା ବ୍ୟବସ୍ଥା କରାଯାଇଛି। କେନ୍ଦ୍ରର ଏପରି ନିଷ୍ପତ୍ତିକୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପ୍ରତ୍ୟାଖ୍ୟାନ କରୁଛି। ଯଥାଶୀଘ୍ର କେନ୍ଦ୍ର ସରକାର ଏହି ଆଇନକୁ ପ୍ରତ୍ୟାହାର କରନ୍ତୁ। ଅନ୍ୟଥା ଆଗାମୀ ଦିନରେ ସାରା ଦେଶରେ ଆନ୍ଦୋଳନ ହେବ। ଏହି ପରିପ୍ରେକ୍ଷୀରେ ମହାସଂଘ ଚାହୁଁଛି ରାଜ୍ୟ ସରକାର ଡ୍ରାଇଭରଙ୍କୁ ନ୍ୟାୟ ଦିଅନ୍ତୁ। ଆଇନ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ସରକାର ଚାପ ପକାନ୍ତୁ। କିନ୍ତୁ ରାଜ୍ୟ ସରକାର ଯଦି ପୋଲିସ ଲଗାଇ ଡ୍ରାଇଭରମାନଙ୍କ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରନ୍ତି, ତେବେ ବୁଝିବାକୁ ପଡ଼ିବ ରାଜ୍ୟ ସରକାର କୌଣସି ଶାନ୍ତିପୂର୍ଣ୍ଣ ପଦକ୍ଷେପ ନେବାକୁ ଚାହୁଁନାହାନ୍ତି ବୋଲି ଜନାର୍ଦ୍ଦନ କହିଛନ୍ତି।

ଉତ୍କଳ ପେଟ୍ରୋଲିୟମ୍ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି, ଡ୍ରାଇଭର ଆନ୍ଦୋଳନ ଯୋଗୁ ଶନିବାର ଅଧିକାଂଶ ପେଟ୍ରୋଲ ପମ୍ପରେ ଷ୍ଟକ୍ ବହୁତ କମି ଯାଇଥିଲା। ମାଲକାନଗିରି, ନବରଙ୍ଗପୁର କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ପେଟ୍ରୋଲ ପମ୍ପରେ ତେଲ ସଙ୍କଟ ଦେଖାଦେଇଥିଲା। ତେବେ ଶନିବାର ସନ୍ଧ୍ୟାରେ ଡ୍ରାଇଭର ଆନ୍ଦୋଳନ ପ୍ରତ୍ୟାହାର ପରେ ଡିପୋରୁ ୨୫ରୁ ୩୦% ଟ୍ୟାଙ୍କରରେ ତେଲ ଲୋଡିଂ ହୋଇପାରିଛି। ରବିବାର ସତ୍ତ୍ୱେ ସକାଳୁ କିଛି ଡିପୋରୁ ଅଳ୍ପ କିଛି ଟ୍ୟାଙ୍କରରେ ତେଲ ଲୋଡ ହୋଇଛି। କିନ୍ତୁ ସୋମବାରଠାରୁ ଓଡ଼ିଶା ପରିବହନ ଶ୍ରମିକ ମହାସଂଘ ପକ୍ଷରୁ ପୁଣି ଧର୍ମଘଟ ହେଲେ ସନ୍ଧ୍ୟା ସୁଦ୍ଧା ପ୍ରାୟ ପେଟ୍ରୋଲ ପମ୍ପରେ ପୁଣି ତେଲ ଅଭାବ ଦେଖାଦେବ। ତେଣୁ ତେଲ ଯୋଗାଣ ସ୍ୱାଭାବିକ କରିବା ନେଇ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ କହିଛି। ରାଜ୍ୟ ବସ୍ ଓନର୍ସ ଆସୋସିଏଶନ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି ଯେ, ସବୁଦିନ ଏମିତି ଲଗାତର ଭାବେ ଧର୍ମଘଟ କରି ଲୋକଙ୍କୁ ହଇରାଣ କରିବା ଠିକ୍ ହେଉନାହିଁ। ବସ୍ ଓନର୍ସ ଆସୋସିଏଶନ ଏହାକୁ ସମର୍ଥନ କରୁନାହିଁ। ଯଦି ଯେଉଁମାନେ ଆନ୍ଦୋଳନ କରୁଛନ୍ତି ସେମାନଙ୍କ ସଂଘ ଭିତରେ ଠିକ୍ ସହଯୋଗ ରହୁନି, ତା'ର ଅର୍ଥ କ'ଣ ବାରମ୍ବାର ଧର୍ମଘଟ ଚାଲିବ। ଯଦି ଆନ୍ଦୋଳନ କରିବେ ଦିଲ୍ଲୀରେ ଯାଇ କରନ୍ତୁ, କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯାଉ। ବହୁ ପେଟ୍ରୋଲ ପମ୍ପ ବନ୍ଦ ହୋଇଗଲାଣି। କାହା ଘରେ ରୋଗୀ ଅଛନ୍ତି, ଆମ୍ବୁଲାନ୍ସ ଯାଉଛି, ଗାଡ଼ି ଚଳାଚଳ ଏପରି ବାଧାପ୍ରାପ୍ତ କରି ଲୋକଙ୍କୁ ହଇରାଣ କରିବା ଠିକ୍ ☞ପୃଷ୍ଠା-୨

# ମୋଦିଙ୍କ ଫଟୋରୁ ସମ୍ପର୍କରେ ତିକ୍ତତା

ମାଲେ,୭।୧

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପ ଗସ୍ତ କରି ସାମାଜିକ ଗଣମାଧ୍ୟମରେ କେତେକ ଫଟୋ ପୋଷ୍ଟ କରିଥିଲେ। ସେଥିରୁ ବିବାଦ ଉପୁଜିବା ପରେ ଭାରତ-ମାଳଦ୍ୱୀପ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ମୋଦି ଲେଖିଥିଲେ, ଯେଉଁମାନେ ରୋମାଞ୍ଚକୁ ଭଲ ପାଆନ୍ତି, ସେମାନେ ନିଶ୍ଚିତ ଭାବେ ଲାକ୍ଷାଦ୍ୱୀପ ଆସିବା ଉଚିତ। ଇତିମଧ୍ୟରେ ଗୁଗଲରେ 'ଲାକ୍ଷାଦ୍ୱୀପ'କୁ ଲୋକେ ସର୍ଚ୍ଚ କରିବା ସହ ପର୍ଯ୍ୟଟକମାନେ ଛୁଟିରେ ମାଳଦ୍ୱୀପ ପରିବର୍ତ୍ତେ ଲାକ୍ଷାଦ୍ୱୀପକୁ ଯିବା ଉଚିତ ବୋଲି ସାମାଜିକ ଗଣମାଧ୍ୟମରେ ବିତର୍କ ସୃଷ୍ଟି ହେଲା। ଫଳରେ ମାଳଦ୍ୱୀପର ମନ୍ତ୍ରୀ ମରିୟମ୍ ଶିଉନା ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ମୋଦିଙ୍କୁ 'କ୍ଲୋନ୍' ଏବଂ 'ପପେଟ୍' ବୋଲି ଉଲ୍ଲେଖ କରିଥିଲେ। ଆଉ ଏକ ପୋଷ୍ଟରେ ସେ ଲେଖିଥିଲେ, ମାଳଦ୍ୱୀପକୁ ଭାରତୀୟ ସେନାର ଆବଶ୍ୟକତା ନାହିଁ। ମରିୟମ୍‌ଙ୍କ ପରେ ମାଳଦ୍ୱୀପର ଅନ୍ୟ ୨ ମନ୍ତ୍ରୀ ମାଲ୍‌ଗା ଶରିଫ ଓ ମହଦୁମ୍ ମାଜିଦ୍ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଥିଲେ। ଆମ ଭଳି ଆତିଥେୟତା ଓ ସେବା ଆଉ କେଉଁ ଦେଶ ଦେଇପାରିବ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଏହା ଉପରେ ଭାରତୀୟ ସେଲିବ୍ରିଟିମାନେ ନାନା ମନ୍ତବ୍ୟ ଦେବାରେ ଲାଗିଲେ। ବିବାଦ ବଢ଼ିବାରୁ ମାଳଦ୍ୱୀପ ସରକାର ରବିବାର ଉପରୋକ୍ତ ୩ ମନ୍ତ୍ରୀଙ୍କୁ ନିଲମ୍ବନ କରିଛନ୍ତି।



# ଓଡ଼ିଶାରେ କଳାବାଘ ପରିବାର

ଭୁବନେଶ୍ୱର, ୭।୧ (ଅସମାପିକା ସାହୁ)

ଓଡ଼ିଶା ଜଙ୍ଗଲରେ ବାରମ୍ବାର କଳାବାଘ ଦେଖିବାକୁ ମିଳୁଛି। ଗତମାସ ଶିମିଳିପାଳରେ ଦୁଇଟି ବାଘ କ୍ୟାମେରା ଟ୍ରାପ୍‌ରେ ଠାବ କରାଯାଇଥିବା ବେଳେ ଏବେ ଆଉ ୪ଟି କଳାବାଘ ଏକାଥରକେ ବୁଲୁଥିବା ଦେଖାଯାଇଛି। ୪ଟି ବିରଳ କଳା ବାଘ ଜଙ୍ଗଲରେ ଏକାଠି ବୁଲୁଥିବା ବନ ବିଭାଗ କ୍ୟାମେରାରେ କଏଦ ହୋଇଛି। ଏମାନେ ଗୋଟିଏ ପରିବାରର ବୋଲି ଅନୁମାନ କରାଯାଉଛି। କଳା ବାଘ ପରିବାରର ଏକ ଭିଡିଓକୁ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ରବିବାର ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଭଳି ଦୃଶ୍ୟ ବିରଳରୁ ଅତି ବିରଳ ବୋଲି ପିସିସିଏଫ୍ ଲେଖିଛନ୍ତି। ଭିଡିଓରୁ ୪ଟି ଯାକ ମହାବଳ ବାଘ ବୋଲି ଜଣାପଡୁଛି। ଏମାନଙ୍କୁ ସିଉଡୋ ମେଲାନିଷ୍ଟିକ ଟାଇଗର ଭାବେ ବିବେଚନା କରାଯାଉଥିବାବେଳେ ଏହି ଭିଡିଓଟି ଶିମଳିପାଳର ବୋଲି ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟରେ ବାଘ ଗଣନା ଚାଲୁଥିବା ବେଳେ ଗତବର୍ଷ ନଭେମ୍ବର ୨୯ରେ କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଏକ କଳା କଲରାପତରିଆ ବାଘ ଦେଖାଯାଇଥିଲା। ଏହାପରେ ଡିସେମ୍ବର ୨ରେ ୨ଟି କଳାବାଘ ଦେଖାଯାଇଥିଲା। ତେବେ ସେହି ଦୁଇଟିଯାକ ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

'ନାଗରିକ ପ୍ରଥମ, ମର୍ଯ୍ୟାଦା ପ୍ରଥମ ଓ ନ୍ୟାୟ ପ୍ରଥମ' ମନୋଭାବ ନେଇ ୩ ନୂଆ ଆପରାଧିକ ଆଇନ କାର୍ଯ୍ୟକାରୀ ହୋଇଛି। ପୋଲିସକୁ ଏଣିକି ଲାଠି ବଦଳରେ ତଥ୍ୟ ଉପରେ ଜୋର ଦେବାକୁ ହେବ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେହେ ଲାଗିଲେ ଯେହ୍ନେ**
**ନ ଛାଡ଼େ ପଙ୍କ ପ୍ରକ୍ଷାଳନେ,**
**ମଦ୍ୟକୁ ଦେହେ ବୋଲି**
**ମଦ୍ୟ କେସନ ତା' ପଖାଳି ?**

ଦେହରେ ପଙ୍କ ଲାଗିଲେ ତାକୁ ପଙ୍କ ଧୋଇ ପାରିବନାହିଁ। ସେମିତି ମଦକୁ ମଦ ମଧ୍ୟ ଛଡ଼ାଇ ପାରିବ ନାହିଁ, ବରଂ ଏହା ମଦ୍ୟଭ୍ୟାସକୁ ଆହୁରି ତେଜେଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଦୁଧ ଉତୁରିଲେ ଚୁଲିରେ ପଶେ**
**ମଣିଷ ଉତୁରିଲେ ଗାତରେ ପଶେ।**

ଯେମିତି କ୍ଷୀର ଉତୁରିଲେ ଚୁଲିରେ ପଶିଥାଏ, ଠିକ୍ ସେମିତି ମଣିଷର ଗର୍ବ, ଅହଂକାର ତଥା ଆସ୍ଫାଳନ ହିଁ ତାକୁ ପତନୋନ୍ମୁଖୀ କରାଇଥାଏ। ସାଧାରଣତଃ ଏଭଳି ବ୍ୟକ୍ତିଙ୍କୁ ସମାଜରେ କେବଳ ତିରସ୍କାର ହିଁ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାːଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାରେ କଳାବାଘ ....

ମହାବଳ ବାଘ ବୋଲି ଫଟୋରୁ ସ୍ପଷ୍ଟ ହୋଇଥିବାବେଳେ ସେହି ସ୍ଥାନ ଶିମିଳିପାଳର ବୋଲି ଅନୁମାନ କରାଯାଇଥିଲା। ଅପରପକ୍ଷେ ବାରମ୍ବାର ଏହି କଳା ବାଘ ଦେଖାଯିବା ଭଲ ଖବର ନୁହେଁ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରୁଛନ୍ତି। ସେମାନଙ୍କ ମତରେ କଳାବାଘ ଦେଖାଯିବା ପ୍ରକୃତି ପାଇଁ ଶୁଭଙ୍କର ନୁହେଁ। ପ୍ରାକୃତିକ ବାଘ (ରୟାଲ ବେଙ୍ଗଲ ଟାଇଗର) ସଂଖ୍ୟା ପାଇଁ ଏହା ଏକ ୱାର୍ନିଂ। କାରଣ ଏମାନଙ୍କ ସଂଖ୍ୟା ବୋଧ ହୁଏ କମିବାରେ ଲାଗିଛି। ତେଣୁ କଳାବାଘ ବାରମ୍ବାର ଦେଖାଯାଉଛନ୍ତି। ସେଥିପାଇଁ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

## ପୁଣି ଧର୍ମଘଟ, ...

ନୁହେଁ ବୋଲି ସେ କହିଛନ୍ତି। କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ କହିଛନ୍ତି ଯେ, ଏଭଳି ବାରମ୍ବାର ଧର୍ମଘଟ ଏବଂ ବନ୍ଦ ଡାକରା ସିଧାସଳଖ ଜନଜୀବନ ଉପରେ ପ୍ରଭାବ ପକାଇବ। ଗୋଟିଏ ଦିନ ପାଇଁ ରାଜ୍ୟରେ ଡ୍ରାଇଭର ଭାଇମାନଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁ କଟକ ମାଲଗୋଦାମ ସମ୍ପୂର୍ଣ୍ଣ ଠପ୍ ହୋଇଗଲା। ଏବେ ଯଦି ପୁଣିଥରେ ତେଲ ଡିପୋ ବନ୍ଦ କରିଦିଆଯାଏ ବହୁ ପେଟ୍ରୋଲ ପମ୍ପ ବନ୍ଦ ହେବା ଯୋଗୁ କେବଳ ମାଲ୍‌ଗୋଦାମ ନୁହେଁ ସାଧାରଣ ଲୋକମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି।

## ଖଣି, ଶିଳ୍ପାଞ୍ଚଳ ...

ହୋଇଥିବାବେଳେ ସେଥିରୁ ଖଣି ଓ ଶିଳ୍ପାଞ୍ଚଳରେ ୯୩୮ ଜଣ(୫୭%) ଅଛନ୍ତି। ଅର୍ଥାତ୍ ଏହି ୨ ବର୍ଷରେ ମୋଟ ଚିହ୍ନଟ ୩,୩୩୫ ରୋଗୀଙ୍କ ମଧ୍ୟରୁ ଖଣି ଓ ଶିଳ୍ପାଞ୍ଚଳରେ ୧୮୨୧(୫୫%) ରହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଶିଳ୍ପ କାରଖାନାରୁ ନିର୍ଗତ କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଗୁଣ୍ଡ ଜନିତ ପ୍ରଦୂଷଣରୁ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ଟି ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ସେଥିରେକଳିଙ୍ଗନଗର ଶିଳ୍ପାଞ୍ଚଳ ମଧ୍ୟ ସାମିଲ ହୋଇଛି। କଳିଙ୍ଗନଗର ଓଡ଼ିଶାର ଦ୍ୱିତୀୟ ପ୍ରଦୂଷଣକାରୀ ସହର ପାଲଟିଛି। ଏଭଳି ପ୍ରଦୂଷଣକୁ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପୂର୍ବରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପ୍ରଦୂଷଣଜନିତ ରୋଗରେ କଳିଙ୍ଗନଗର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ଅନ୍ତର୍ଗତ ମାନପୁର ଗ୍ରାମରେ ୯୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଛୁଟି ଦିନରେ ଓ ରାତିରେ କେତେକ କାରଖାନାର ଇଲେକ୍ଟ୍ରୋ ଷ୍ଟାଟିକ୍ ପ୍ରେସିପିଟେଟର(ଇଏସ୍‌ପି)କୁ ବନ୍ଦ କରାଯାଇ ବିଷାକ୍ତ ପାଉଁଶ ଧୂଆଁ ଛଡ଼ାଯାଉଛି। ରାସ୍ତାର ଧୂଳିଧୂଆଁରେ ଲୋକେ ନୟାନ୍ତ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ ଶିଳ୍ପ ଯୋଗୁ ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବା ପରିବର୍ତ୍ତେ ଏକାଧିକ ଗ୍ରାମବାସୀ ବିସ୍ଥାପିତ କରିବାକୁ ଦାବି କରୁଛନ୍ତି। ପ୍ରଦୂଷଣଜନିତ ପରିବେଶଗତ ବିପର୍ଯ୍ୟୟକୁ ଆଉ ସମ୍ଭାଳିବା ସ୍ଥିତିରେ ନ ଥିବାବେଳେ ଭାଗ୍ୟକୁ ଆଦରି ଲୋକେ ଅଳ୍ପ ବୟସରେ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ମତପ୍ରକାଶ ପାଇଛି। ବିଶେଷଜ୍ଞମାନଙ୍କ ମତରେ ଯକ୍ଷ୍ମା ଏକ ଜୀବାଣୁଜନିତ ରୋଗ। କିନ୍ତୁ ବାୟୁମଣ୍ଡଳରେ ପ୍ରଦୂଷଣ ମଣିଷର ରୋଗ ନିରୋଧକ ଶକ୍ତି ହ୍ରାସ କରିଥାଏ। ଏହାଦ୍ୱାରା ଶ୍ୱାସଜନିତ ସମସ୍ୟା ସହିତ ଯକ୍ଷ୍ମା ଆକ୍ରାନ୍ତ ହେବା ଆଶଙ୍କା ଅଧିକ ରହିଥାଏ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୧୦୦ରୁ ଅଧିକ ରହୁଛି, ଯାହାକି ଭଲ ନୁହେଁ। ଏହାର ନିୟନ୍ତ୍ରଣ ପାଇଁ ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ ହାତକୁ ନିଆଯାଇଛି ଏବଂ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

## ଶ୍ରୀମନ୍ଦିରରେ ପଶିଲେ ...

ତାଙ୍କୁ ହଠାତ୍ ଦେଖିଦେଇଥିଲେ। ସେମାନେ ତାଙ୍କୁ ସେଠାରେ ରୋକିବା ସହ ବାହାରକୁ ଚାଲିଯିବା ପାଇଁ କହିଥିଲେ। ଫଳରେ ବିଦେଶୀ ମହିଳା ଜଣଙ୍କ ଶ୍ରୀମନ୍ଦିର ବାହାରକୁ ଚାଲିଆସିଥିଲେ। ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ମଧ୍ୟ ଅନେକ ଥର ଏଭଳି ଘଟଣା ଘଟିଥିବା ନଜରକୁ ଆସିଛି। ଜିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ବାରମ୍ବାର ଏଭଳି ଘଟୁଥିବା ଦର୍ଶାଇ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି। ତେବେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ। ଉଲ୍ଲେଖଥାଉ କି, କିଛିଦିନ ତଳେ ଜଣେ ଯୁବତୀ ଶ୍ରୀମନ୍ଦିର ନିର୍ମାଲ୍ୟ ଖଳାରେ ରିଲ୍ସ କରୁଥିବା ଭିଡିଓ ଭାଇରାଲ ହୋଇଥିଲା।

# ବିଜେଡି, ଭାଜପା ଏଠି ଯୁଗଳବନ୍ଦୀ: ଅଜୟ କୁମାର


କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କ ସହ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

## ୨୦ ଦିନିଆ ସ୍ୱତନ୍ତ୍ର ବସ୍ ଯୋଗେ ଜନସମ୍ପର୍କ ଯାତ୍ରା କରିବ କଂଗ୍ରେସ

ଭୁବନେଶ୍ୱର, ୭।୧(ସୁନିତ୍ ମିଶ୍ର)

ବିଜେଡି ଶାସନରେ ଓଡ଼ିଆଙ୍କ ଉପରେ ଅଣଓଡ଼ିଆ ଭାରି ପଡୁଛନ୍ତି। ରାଜନୀତି, ବ୍ୟବସାୟ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିବା ଦୁର୍ଭାଗ୍ୟଜନକ। ରାଜ୍ୟର ସବୁ ବଡ଼ ଠିକା କାମ ଅଣଓଡ଼ିଆଙ୍କୁ ଦିଆଯାଉଛି। ଓଡ଼ିଶା ସରକାରଙ୍କ ଏପରି ନିଷ୍ପତ୍ତି କାହିଁକି ବୋଲି ନବନିଯୁକ୍ତ କଂଗ୍ରେସ ପ୍ରଭାରୀ ଅଜୟ କୁମାର ପ୍ରଶ୍ନ କରିବା ସହିତ ଶାସକ ବିଜେଡି ଉପରେ ଏଭଳି ଢଙ୍ଗରେ ବର୍ଷିଛନ୍ତି। କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଜୟ କହିଛନ୍ତି, ଓଡ଼ିଶାରେ କ'ଣ କୁଶଳୀ ଠିକାଦାର ନାହାନ୍ତି। ଓଡ଼ିଆଙ୍କ ପ୍ରତି ଏତେ ବିଦ୍ୱେଷ କାହିଁକି। ବିଜେଡି ଓ ଭାଜପା ଏଠି ଯୁଗଳବନ୍ଦୀ। ଦୁହିଁଙ୍କ ଭିତରେ ଅଲିଖିତ ରାଜିନାମା ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳୁଥିବା ତଥ୍ୟ ଅନୁସାରେ ଆଗାମୀ ଲୋକ ସଭା ନିର୍ବାଚନରେ ଏହି ୨ ଦଳ ପରସ୍ପରକୁ ସାହାଯ୍ୟ କରିବେ। ଭାଜପା ୧୫ ଓ ବିଜେଡି ୬ ଲୋକ ସଭା ଆସନରେ ଲଢ଼ିବା ପ୍ରାୟ ଚୂଡ଼ାନ୍ତ ହେବାକୁ ଯାଉଛି। ବିଜେଡି ଶାସନର ଆଉ ଏକ ବିଲକ୍ଷଣ ହେଲା ବାବୁରାଜ୍। ଅମଲାମାନେ ସର୍ବଶକ୍ତି ହୋଇପଡୁଛନ୍ତି। ସରକାରଙ୍କ ସବୁ ନୀତି ଓ ନିଷ୍ପତ୍ତି ସେମାନେ ନେଉଛନ୍ତି। ମନ୍ତ୍ରୀମାନେ ସଖୀ କଣ୍ଢେଇ ସାଜି ଅମଲାଙ୍କ କଥାରେ ହଁ ମାରୁଛନ୍ତି। ବିଧାୟକ ଓ ସାଂସଦମାନେ ନିଜକୁ ଅତ୍ୟନ୍ତ ଅସହାୟ ମନେ କରୁଛନ୍ତି। ଏଭଳି ଦୟନୀୟସ୍ଥିତି ଅତୀତରେ କେବେ ଓଡ଼ିଶାବାସୀ କୌଣସି ସରକାର ଅମଳରେ ଅନୁଭବ କରି ନ ଥିଲେ। ଏଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରମୁଖ ଆୟୁଧ ସାଜିଥିବା ଇଡି, ଆଇ.ଟି. ଓ ସିବିଆଇ ଓଡ଼ିଶା ମାଟି ମାଡୁନାହିଁ। ଓଡ଼ିଶାରେ କ'ଣ ରାମରାଜ୍ୟ ଚାଲିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡି ସରକାର ଦୁର୍ନୀତିରେ ଉବୁଟୁବୁ ହେଉଛି। ଖଣି, ଡାଲି ଓ ଚିଟ୍‌ଫଣ୍ଡ ଆଦି ଅନେକ ଦୁର୍ନୀତିରେ ଏ ସରକାର ଲିପ୍ତ। ଏହା କ'ଣ ବିକାଶର ନମୁନା କି ବୋଲି ସେ ପ୍ରଶ୍ନ କରିଛନ୍ତି।

ଅଜୟ କୁମାର ରବିବାର ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପ୍ରଥମେ ୧୭ ରାଜନୈତିକ ଦଳର ମୁଖ୍ୟମାନଙ୍କୁ ଭେଟିବା ପରେ ଖବରଦାତା ସମ୍ମିଳନୀ କରିଥିଲେ। ଏହାପରେ ମିଡିଆ ସେଲ୍ ବୈଠକ, ଏହାପରେ ବ୍ଲକ, ମ୍ୟୁନିସିପାଲିଟି, ଏନ୍‌ଏସି ଏବଂ ଜିଲା ସଭାପତିମାନଙ୍କ ସହ ବୈଠକ, ସୋସିଆଲ ମିଡିଆ ବୈଠକ, ପୂର୍ବତନ ବିଧାୟକ, ଏମ୍‌ପିମାନଙ୍କ ବୈଠକ, ବୁଦ୍ଧିଜୀବୀ ସମ୍ମିଳନୀ, ପୁରୀ ଗସ୍ତ କାର୍ଯ୍ୟକ୍ରମ କରିଛନ୍ତି। ଜିଲାଠାରୁ ବ୍ଲକ ପର୍ଯ୍ୟନ୍ତ ସବୁ ସଭାପତିଙ୍କ ବୈଠକରେ ସେ କହିଛନ୍ତି ଯେ, ଜିଲା, ବ୍ଲକ ଓ ନଗର କଂଗ୍ରେସ ସଭାପତିଙ୍କୁ ଯଥାଶୀଘ୍ର ଜିଲାଠାରୁ ବୁଥସ୍ତର ପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କର। 'ଦେଶ ପାଇଁ ଦାନ' କାର୍ଯ୍ୟକ୍ରମରେ ସମସ୍ତ କଂଗ୍ରେସ କର୍ମୀ ଯେପରି ଅଂଶଗ୍ରହଣ କରିବେ ସେଥିଲାଗି ଆହ୍ୱାନ ଦିଅ। କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଏକ ୨୦ ଦିନିଆ ଜନସମ୍ପର୍କ ଯାତ୍ରା କରାଯିବ। ଏକ ସ୍ୱତନ୍ତ୍ର ବସ୍ ଯୋଗେ କଂଗ୍ରେସର ବରିଷ୍ଠ ନେତୃବର୍ଗ ଯାଇ ତୃଣମୂଳସ୍ତରର କର୍ମୀଙ୍କ ସହ ଆଲୋଚନା କରିବେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଇବେ। ସେ ଭୁବନେଶ୍ୱରରେ ଅଧିକ ଦିନ ରହି ଦଳର କାର୍ଯ୍ୟକ୍ରମକୁ ତଦାରଖ କରିବେ। ଏଥର ଲୋକ ସଭା ନିର୍ବାଚନ ନ ଲଢ଼ି ତାଙ୍କୁ ମିଳିଥିବା ଗୁରୁଦାୟିତ୍ୱ ତୁଲାଇବେ। ପ୍ରତ୍ୟେକ ଲୋକ ସଭା ନିର୍ବାଚନମଣ୍ଡଳୀ ଦାୟିତ୍ୱ ନେତାମାନଙ୍କୁ ମଧ୍ୟ ବଣ୍ଟାଯିବ ବୋଲି ସେ କହିଛନ୍ତି। ସୋମବାର ଅଜୟ କୁମାର ଝାଡ଼ଖଣ୍ଡ ଫେରିଯିବେ ବୋଲି ଜଣାପଡ଼ିଛି।

# ନରସିଂହ ମିଶ୍ରଙ୍କ ନାଁରେ ଏସ୍‌ପିଙ୍କୁ ଫେରାଦ

### ମୁଖ୍ୟମନ୍ତ୍ରୀଙ୍କ ସଭାରେ ମହିଳାଙ୍କୁ ଅପମାନ ଅଭିଯୋଗ ଆଣିଲେ ବିଜେଡି ନେତ୍ରୀ

ବଲାଙ୍ଗୀର, ୭।୧ (ବୀରେନ୍ଦ୍ର କୁମାର ଝାଙ୍କର)

ମହିଳାଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ବଲାଙ୍ଗୀର ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କ ନାମରେ କେତେଜଣ ମହିଳା ବିଜେଡି ନେତ୍ରୀ ରବିବାର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରର ନକଲ ରାଜ୍ୟ ଏବଂ ଜାତୀୟ ମହିଳା କମିଶନଙ୍କୁ ମଧ୍ୟ ପଠାଇଥିବା ସେମାନେ ଉଲ୍ଲେଖ କରିଛନ୍ତି। ବଲାଙ୍ଗୀର ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁଙ୍କ ସମେତ କେତେଜଣ ବିଜେଡି କାଉନସିଲର ଓ ପୂର୍ବତନ କାଉନସିଲର ରବିବାର ଅପରାହ୍ନରେ ସାମ୍ବାଦିକ ଭବନଠାରେ ଖବରଦାତା ସମ୍ମିଳନୀ କରିଥିଲେ।


ବିଜେଡି ନେତ୍ରୀମାନେ ବଲାଙ୍ଗୀର ଆଡିଶନାଲ ଏସ୍‌ପିଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ପରେ ଏସ୍‌ପି ଅଫିସ ଯାଇ ଏସ୍‌ପି ଋଷିକେଶ ଖିଲାରୀଙ୍କ ଅନୁପସ୍ଥିତରେ ଆଡିଶନାଲ ଏସ୍‌ପି ସୁରେଶ ନାଏକଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୩ରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହି ସଭାରେ ୩୦ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ। ସଭାରେ ଯୋଗଦେଇଥିବା ବିଧାୟକ ମିଶ୍ର ମହିଳାମାନଙ୍କୁ ଭଡାରେ (ଭଡାଟିଆ) ଅଣାଯାଇଛି ବୋଲି କହିଥିବା ଅଭିଯୋଗ କରିଛନ୍ତି। ଏଥିରେ ମହିଳାଙ୍କ ସମ୍ମାନହାନି ହୋଇଛି ବୋଲି ଉଲ୍ଲେଖ କରାଯାଇଛି। ଏଦିଗରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତେବେ ଏନେଇ ବିଧାୟକ ମିଶ୍ରଙ୍କ ପ୍ରତିକ୍ରିୟା ମିଳିନାହିଁ।

# ଅରାଚଣ୍ଡୀରେ କମିଲେ ପକ୍ଷୀ



### ୮୧ ପ୍ରଜାତିର ୧୧,୭୦୦ ପକ୍ଷୀ ଠାବ

ଭୁବନେଶ୍ୱର, ୭।୧(ଅସମାପିକା ସାହୁ)

କଟକ ଜିଲା ବାଙ୍କୀ ଅରାଚଣ୍ଡୀ ପାଟରେ ଦେଶୀ, ବିଦେଶୀ ପକ୍ଷୀଙ୍କ କୋଳାହଳ ଦେଖିବାକୁ ମିଳୁଛି। ଏବର୍ଷ ୮୧ ପ୍ରଜାତିର ୧୧,୭୦୦ଟି ପକ୍ଷୀ ଚିହ୍ନଟ ହୋଇଥିବା ସେଣ୍ଟର ଫର୍ ରୁରାଲ ଟୁରିଜମ ଡେଭଲପ୍‌ମେଣ୍ଟ(ସିଆର୍‌ଟିଡି)ର ସମ୍ପାଦକ ଲଳିତ ମୋହନ ପଣ୍ଡା ସୂଚନା ଦେଇଛନ୍ତି। ଗତବର୍ଷ ୧୧୧ ପ୍ରଜାତିର ୧୬,୧୦୭ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ତେବେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା କମିବା ନେଇ ଲଳିତ କହିଛନ୍ତି, ଶୀତ ଋତୁ ଆରମ୍ଭରୁ ବଙ୍ଗୋପସାଗରରେ ଆସିଥିବା ମିଗ୍‌ଜମ ବାତ୍ୟା ଏବଂ ଜଳାଶୟରେ ପାଣିର ସ୍ତର ଅଧିକ ରଥିବାରୁ ବିଦେଶାଗତ ପକ୍ଷୀ ପାଖା ପାଖି ଚାଷ ଜମିରେ ବସି ଥିବା ଦେଖା ଯାଉଛନ୍ତି। ସେହିଭଳି ପିକ୍‌ନିକ ପାଇଁ ଆସୁଥିବା ପର୍ଯ୍ୟଟକମାନେ ଉଚ୍ଚ ସ୍ୱରରେ ସାଉଣ୍ଡ୍ ବକ୍ସ ବଜାଇବା ମଧ୍ୟ ପକ୍ଷୀଙ୍କୁ ବିରକ୍ତ କରୁଛି। ରବିବାର ପକ୍ଷୀ ଗଣନା ବେଳେ ଦେଖା ଯାଇଥିବା ପକ୍ଷୀଙ୍କ ମଧ୍ୟରେ ନର୍ଦ୍ଦନ ପିନ୍ ଟେଲ, ରୁଡି ସେଲ୍ ଡକ, ନର୍ଦ୍ଦନ ଶୋଭଲର, କଟନ ଟିଲ, ଇରେଷିଆନ ୱଇଜନ୍, ରେଡ୍ କ୍ରେଷ୍ଟେଡ ପୋଚାର୍ଡ, ସ୍ପଟ୍ ବିଲ ଡକ, ଗାର୍ଗାନି, ପେଣ୍ଟେଡ ଷ୍ଟର୍କ, ଗ୍ରେ ହେରୋନ୍, ପର୍ପଲ ହେରୋନ୍, କମନ ସ୍ନାଇପ୍, ବ୍ଲାକ ଟେଲ୍ ଗଡ୍‌ୱଇଟ, କମନ କୁଟ, ଲିଟିଲ ଗ୍ରିବ୍, ଗ୍ରେ ହେଡେଡ ଲାପ୍‌ୱଇଙ୍ଗ, ଇଣ୍ଡିଆନ ସ୍ପଟେଡ ବିଲ୍ ଡକ, ବ୍ଲାକ ହେଡେଡ୍ ଆଇବିସ ଆଦି ରହିଛି। ସୂଚନାଯୋଗ୍ୟ, ରାଜ୍ୟର ଅନ୍ୟ ଆର୍ଦ୍ରଭୂମିଗୁଡ଼ିକରେ ବନ ବିଭାଗ ତରଫରୁ ପରିବ୍ରାଜକ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଚାଲିଛି। ତେବେ ଜାତମୁଣ୍ଡିଆ ନିକଟ ଅରାଚଣ୍ଡୀ ପାଟରେ ପ୍ରତିବର୍ଷ ୧୦ ହଜାରରୁ ଅଧିକ ପକ୍ଷୀଙ୍କ ସମାବେଶ ହେଉଥିଲେ ମଧ୍ୟ ବନ ବିଭାଗ ତରଫରୁ ନା ପକ୍ଷୀଙ୍କ ସୁରକ୍ଷା ପାଇଁ ଅସ୍ଥାୟୀ ସୁରକ୍ଷା ଶିବିର ସ୍ଥାପନ କରାଯାଏ ନା ବିଧିବଦ୍ଧ ପକ୍ଷୀ ଗଣନା କରାଯାଇଥାଏ। ତେବେ ଶୀତ ଋତୁରେ ଅରାଚଣ୍ଡୀ ଆର୍ଦ୍ରଭୂମି ପର୍ଯ୍ୟଟକଙ୍କ ମନରେ ଚିଲିକାର ଭ୍ରମ ସୃଷ୍ଟି କରୁଥିବାବେଳେ ଏଠାରେ ପକ୍ଷୀ ଗଣନା ଦାୟିତ୍ୱ ନେଇଛନ୍ତି ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ସିଆର୍‌ଟିଡିର ସଦସ୍ୟ ଏବଂ ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତିର ମହିଳାମାନେ। ଅରାଚଣ୍ଡୀ ପାଟରେ ପ୍ରଥମ କରି ୨୦୧୭ରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରବିବାର ଖୋର୍ଦ୍ଧା ଜିଲାର ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ କରାଯାଇ ପକ୍ଷୀ ଗଣନା କରାଯାଇଥିଲା। ଏହି ଗଣନା କାର୍ଯ୍ୟକ୍ରମରେ ଭୁବନେଶ୍ୱର ଓୟୁଏଟିସ୍ଥିତ ଫରେଷ୍ଟ୍ରି କଲେଜର ଛାତ୍ର, ଟୁରିଷ୍ଟ ଗାଇଡ୍ କ୍ଲବ୍‌ର ସଦସ୍ୟ, ଅରାଚଣ୍ଡୀ ପକ୍ଷୀ ସୁରକ୍ଷା ସମିତିର ସଦସ୍ୟଙ୍କ ସହ ସିଆର୍‌ଟିଡିର ସଭାପତି ମିନତୀ ସାହୁ, ସଂଯୋଜକ ଅମିତ ସାହୁ, ସଦସ୍ୟ ଦୁର୍ଗା ମାଧବ ମହାପାତ୍ର, ଇକୋ ୱାଇଲ୍ଡ ଲାଇଫ ଟୁର୍‌ର ଅଧ୍ୟକ୍ଷା ବିଷ୍ଣୁପ୍ରିୟା କର ପ୍ରମୁଖ ସାମିଲଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବନ୍ଧୁଙ୍କ ସାହାଯ୍ୟ ସହାନୁଭୂତି ଲାଭକରି କାର୍ଯ୍ୟ ଆଗକୁ ବଢ଼ାଇ ନେବାରେ ସମର୍ଥ ହେବେ। ନିଜ ପରିସରର ବ୍ୟକ୍ତିଙ୍କ ସହାୟତାରେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବନ୍ଧୁ ମିଳନରୁ ଉତ୍ସାହିତ ହେବେ ଏବଂ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। କ୍ରୟବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**ବୃଷ** – ଆଜିର କାମ ଯଥାସମୟରେ ସମ୍ପନ୍ନ ହୋଇପାରିବ। ମିତ୍ରଙ୍କ କଟୁବଚନ ମନରେ ଦୁଃଖଦେବାର ଆଶଙ୍କା ରହିଛି। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍‌ସିପ୍ରୁ ଖୁସି ରହିବେ କିନ୍ତୁ କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ସାଙ୍ଗଠନିକ କାର୍ଯ୍ୟ, ଜମିଜମା କ୍ରୟବିକ୍ରୟ, ନିର୍ମାଣ, ଧର୍ମକାର୍ଯ୍ୟ କ୍ଷେତ୍ର ଭଲ ରହିବ।

**ମିଥୁନ** – ବନ୍ଧୁଙ୍କ ସହାୟତାରେ ଆର୍ଥିକ ଅନଟନ ଦୂରେଇଯିବ ଏବଂ ସ୍ଥଗିତ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ରାଜନୈତିକ ସ୍ତରରେ ଆଲୋଚନା ଅସମାପ୍ତ ରହିପାରେ। କର୍ମକ୍ଷେତ୍ରରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବେ। ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ ଏବଂ ଆର୍ଥିକ ଦୁରବସ୍ଥା ସୁଧୁରିଯିବ।

**କର୍କଟ** – ଦୀର୍ଘଦିନର ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅର୍ଥ ସମ୍ପର୍କିତ ଆଲୋଚନା କ୍ଷେତ୍ରରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ, ଗବେଷଣା, କଳା, ସାହିତ୍ୟାଦି ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** – ଆଜିର କାମରେ ଆପଣଙ୍କୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। କିନ୍ତୁ ପୂର୍ବରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପ୍ରିୟଜନଙ୍କ ସହ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବ। ରାଜନୈତିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** – ଆଜି ଦିନ ଭିତରେ ବହୁତଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଅର୍ଥ ସାହାଯ୍ୟ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଭଲ ସମ୍ପର୍କ ରହିଥିବା ଆତ୍ମୀୟସ୍ୱଜନଙ୍କ ରୁଗ୍ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ବିବାଦୀୟ ସମସ୍ୟାର ଆଶୁ ସମାଧାନ ହୋଇଯିବ।

**ତୁଳା** – ଦୀର୍ଘ ଆଲୋଚନାନ୍ତେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମହିଳାମାନଙ୍କ ମନରେ ସରସତା ରହିବ ନାହିଁ।

**ବିଛା** – କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ଖଳପ୍ରକୃତି ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ଫଳତଃ ନୀଚ ମନୋଭାବସମ୍ପନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ ଏବଂ ଆର୍ଥିକ ପରିସ୍ଥିତି ପୂର୍ବପରି ରହିବ।

**ଧନୁ** – ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ସହକର୍ମୀଙ୍କୁ ସୁପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ସାହାଯ୍ୟ ପ୍ରତିଶ୍ରୁତିରୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମକର** – ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିପାରିବେ ଏବଂ କାର୍ଯ୍ୟସିଦ୍ଧି ହେବ। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ସ୍ୱାସ୍ଥ୍ୟ ଓ ଶିକ୍ଷା ସଂକ୍ରାନ୍ତରେ ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** – ବନ୍ଧୁଗହଣରେ ପ୍ରିୟ କଥା କହି ବିବାଦୀୟ ସମସ୍ୟାକୁ ସୁଧାରି ନେବେ। ପରିଜନଙ୍କ ଅନୁରୋଧରେ ବାରମ୍ବାର ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ ଲଘୁକ୍ରୋଧ ପ୍ରକାଶ କରିପାରନ୍ତି। ପରିବାରର ବରାଦ ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**ମୀନ** – ଆଜି ସକାଳୁ ସକାଳୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା କାରଣରୁ ଟେନସନ୍ କମିଯିବ। ପରିବାରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ବାଣିଜ୍ୟ,ବ୍ୟବସାୟ,ଆନୁଷ୍ଠାନିକ କାମରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

ଆଜି ଜାନୁଆରୀ ୮ ତାରିଖ, ପୌଷ କୃଷ୍ଣ ଦ୍ୱାଦଶୀ ସୋମବାର, ରାଶି ନକ୍ଷତ୍ର–ଅନୁରାଧା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ମି ଗତେ, ଘ. ୦୬।୨୬ ମି. ଗତେ, ଘ. ୦୭।୪୮ ମଧ୍ୟେ, ଘ.୦୯।୨୦ ମି. ଗତେ, ଘ.୧୧।୩୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୭।୪୮ ମି. ଗତେ,୦୯।୧୦ମି. ମଧ୍ୟେ ରାହୁକାଳ।

# କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିଆପାଳ,୭।୧ (ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ସିମୁଳିଆ ରାବଣପୋଢ଼ି ପଡ଼ିଆଠାରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ(ଆର୍‌ଡବ୍ଲୁଏସ୍‌ଏସ୍) କନିଷ୍ଠ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ସଞ୍ଜୟ ନାୟକ (୪୨)। ସେ ଦୀର୍ଘ ଦିନ ହେଲା ବାଲିଆପାଳ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର କାର୍ଯ୍ୟ କରି ଆସୁଥିଲେ। ଶନିବାର ରାତିରେ କାର୍ଯ୍ୟାଳୟ ପରିସରରେ ଥିବା ନିଜ ରୁମ୍‌ରେ ଖାଇ ପିଇ ଶୋଇଥିଲେ। ରବିବାର ସକାଳେ ନିଦରୁ ନ ଉଠିବାରୁ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀମାନେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା: ୨ ମୃତ

**କାଲିମେଲା, ୭।୧ (ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥରେ ରବିବାର ଦୁର୍ଘଟଣା ଘଟିଛି। ଏମ୍‌ଭି ୧୨୬ ଘାଟି ନିକଟରେ ରବିବାର ଅପରାହ୍ନ ୪ଟାରେ ଏକ କୁକୁଡ଼ା ବୁଝେଇ ପିକ୍‌ଅପ-ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଏଥିରେ ୨ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କାଲିମେଲା ପଞ୍ଚାୟତ କୁଟବାନପଲ୍ଲୀ ଗ୍ରାମର ସୁଜିତ ମାଡ଼ି(୧୭) ଏବଂ ଶିଙ୍ଗା ମାଡ଼ି (୧୮)। ଆହତ ଜଣଙ୍କ ସେହି ଗ୍ରାମର ସମୀର ବେଟୀ। ଆହତଙ୍କୁ ପ୍ରଥମେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଏହି ୩ ଜଣ ସାଙ୍ଗ ଗୋଟିଏ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଏକ ପିକ୍‌ଅପ୍ ଆସି ଏମ୍‌ଭି ୧୨୬ ଘାଟି ନିକଟରେ ଏମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ୩ ଜଣ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ସୁଜିତଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଶିଙ୍ଗାଙ୍କର କାଲିମେଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ଘଟିଥିଲା। ଏମ୍‌ଭି ୭୯ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ମୃତଦେହ ଏବଂ ଗାଡ଼ି ଜବତ କରିବା ସହ ତଦନ୍ତ ଚଳାଇଛି।

# ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କଲେ ୫-ଟି ଅଧ୍ୟକ୍ଷ



୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ଅନ୍ୟ ଅଧିକାରୀମାନେ ରବିବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

**ପୁରୀ, ୭।୧ (ଅଜିତ୍ ମହାନ୍ତି)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ପାଣ୍ଡିଆନ୍ ଅଧିକାଂଶ ସମୟରେ ପୁରୀ ଆସି ପ୍ରତ୍ୟକ୍ଷ ଭାବେ ନିର୍ମାଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଆଗାମୀ ୧୭ ତାରିଖରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଥିବାବେଳେ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ରବିବାର ଅପରାହ୍ନରେ ପାଣ୍ଡିଆନ୍ ପୁରୀରେ ପହଞ୍ଚିବା ପରେ ପ୍ରଥମେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଭିତରବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରିବା ପରେ ଫେରିଥିଲେ। ପରେ ପାଣ୍ଡିଆନ୍ ଶ୍ରୀମନ୍ଦିର ଚାରିପାଖ ବୁଲି ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଓ ମଠଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ୧୭ ତାରିଖରେ ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଥିବାରୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭକ୍ତଙ୍କ ସୁବ୍ୟବସ୍ଥିତ ତଥା ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ନେଇ ମଧ୍ୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଶ୍ରୀଦାଣ୍ଡ ବା ଶ୍ରୀମାର୍ଗ, ଶ୍ରୀସେତୁ ଏବଂ ଶ୍ରୀଜଗନ୍ନାଥବଲ୍ଲଭ ପାର୍କିଂକୁ ଯାଇ ସେଠାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନଓ୍ୱର ବିଶାଲ ସିଂହ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

# ସିତାଂଶୁ ଅଧ୍ୟକ୍ଷ, ରାଜୀବ ଉପାଧ୍ୟକ୍ଷ

**ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ**

**କଟକ,୭।୧ (କାର୍ତ୍ତିକ ସାହୁ)**

ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ନିର୍ବାଚନ ରବିବାର ଶେଷ ହୋଇଛି। ଏଥିରେ ଅଧ୍ୟକ୍ଷ ଭାବେ ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ ଓ ଉପାଧ୍ୟକ୍ଷ ଭାବେ ଆଇନଜୀବୀ ରାଜୀବ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଦ୍ୱିବେଦୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କୁ ଏବଂ ମହାନ୍ତି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ପରାସ୍ତ କରି ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦବୀ ନିମନ୍ତେ ରବିବାର ନିର୍ବାଚନ ହୋଇଥିଲା। ଉପରୋକ୍ତ ୪ ଜଣ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ



ସିତାଂଶୁ ମୋହନ ଦ୍ୱିବେଦୀ



ରାଜୀବ କୁମାର ମହାନ୍ତି

ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ବାହ୍ନ ୧୧ଟାରେ ନିର୍ବାଚନ ଆରମ୍ଭ ହୋଇଥିଲା। ପରିଷଦକୁ ନିର୍ବାଚିତ ହୋଇଥିବା ୨୫ ଜଣ ସଦସ୍ୟ ସେମାନଙ୍କର ମତଦାନ ସାବ୍ୟସ୍ତ କରିଥିଲେ। ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ପ୍ରମଥ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଓ ଆଇନଜୀବୀ ବାସୁଦେବ ପୂଜାରୀ ସହକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ।

ଏ ସମ୍ପର୍କରେ ଅଧ୍ୟକ୍ଷ ଦ୍ୱିବେଦୀ କହିଛନ୍ତି, ଆଇନଜୀବୀଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗକୁ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ। ମୁଖ୍ୟତଃ ଆଇନଜୀବୀଙ୍କ ପାଇଁ ରାଜ୍ୟ ସରକାର ଚିକିତ୍ସା ବୀମା କରାଇବା ଦିଗରେ ବିଶେଷ ଦୃଷ୍ଟି ଆକର୍ଷଣ କରାଯିବ। ଆଇନଜୀବୀଙ୍କ କଲ୍ୟାଣ ଦିଗରେ ପ୍ରଚେଷ୍ଟା ଜାରି ରହିବ ସେ ବୋଲି କହିଛନ୍ତି। ଦ୍ୱିବେଦୀ ଦୀର୍ଘ ୩ ଦଶନ୍ଧି ଧରି ଆଇନଜୀବୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ପରିଚାଳନାରେ ସିଦ୍ଧହସ୍ତ ଅଛନ୍ତି। ସେ ପୂର୍ବରୁ ୩ ଥର ଆଇନଜୀବୀ ପରିଷଦକୁ ସଦସ୍ୟ ଭାବେ ନିର୍ବାଚିତ ହୋଇ ଆଇନଜୀବୀଙ୍କ ପାଇଁ ଅନେକ କଲ୍ୟାଣମୂଳକ କାର୍ଯ୍ୟ କରିଛନ୍ତି। ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ହାଇକୋର୍ଟ ବିଚାରପତି, ଆଇନଜୀବୀ, ରାଜନେତା, ପ୍ରଶାସକ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୪ ବର୍ଷ ଧରି ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏହି ନିର୍ବାଚନ ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଆଇନଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରାଜ୍ୟ ଆଇନଜୀବୀ ପରିଷଦ ଗ୍ରହଣ କରିଥାଏ। ଆଇନଜୀବୀମାନଙ୍କୁ ଲାଇସେନ୍ସ ପ୍ରଦାନ, ପେନ୍‌ସନ୍ ସୁବିଧା, ଆଇନଜୀବୀଙ୍କ ମୃତ୍ୟୁ ପରେ ଆର୍ଥିକ ସହାୟତା, ରୋଗଗ୍ରସ୍ତ ଆଇନଜୀବୀଙ୍କୁ ଚିକିତ୍ସା ସୁବିଧା ଆଦି ପରିଷଦର କାର୍ଯ୍ୟାବଳୀ ଅନ୍ତର୍ଭୁକ୍ତ।

# ମାଲକାନଗିରି ବିମାନବନ୍ଦରରେ ଟ୍ରାଏଲ ରନ୍

**୯ ତାରିଖରେ ମୁଖ୍ୟମନ୍ତ୍ରୀ କରିବେ ଲୋକାର୍ପଣ**

**ମାଲକାନଗିରି,୭।୧ (ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ବିମାନବନ୍ଦରରେ ରବିବାର ଟ୍ରାଏଲ ରନ ଶେଷ ହୋଇଛି। ପ୍ରଥମଥର ପାଇଁ ପରୀକ୍ଷାମୂଳକ ଭାବେ ଭିଟି ୧୦୦ ବିମାନ ଅବତରଣ କରିଥିଲା। ଏହି ସମୟରେ ଦମକଳ ବାହିନୀ ପକ୍ଷରୁ ଜଳ ସିଞ୍ଚନ କରାଯାଇ ବିମାନକୁ ସ୍ୱାଗତ କରାଯାଇଥିଲା। ଜଣେ ପାଇଲଟ ଓ ୨ ଜଣ କ୍ରିଉ ମେମ୍ବର ବିମାନକୁ ଅବତରଣ କରାଇବା ପରେ ପାଇଲଟ ରନ୍ ୱେ ତନଖି କରି ବିମାନ ବନ୍ଦରର ପ୍ରସ୍ତୁତି ନେଇ ଖୁବ ପ୍ରଂଶସା କରିଥିଲେ। ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ୧୦୬ ହେକ୍ଟର ଜମିରେ ନିର୍ମିତ ଏହି ବିମାନ ବନ୍ଦର ପାଇଁ ୨୯ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହା ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଖର୍ଚ୍ଚ ହୋଇଛି। ବିମାନକୁ ସ୍ୱାଗତ କରିବା ପାଇଁ ବିଜେଡି ନେତା ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ସମ୍ବାରି ଟାଙ୍ଗୁଲୁ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ବିଜେଡି ସଭାପତି ମାନସ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲାପାଳ ବିଶାଲ ସିଂ, ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ସମେତ ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।










# ଢେଙ୍କାନାଳରେ ଆଖିବୁଜିଲା ବୌଦ୍ଧ ହାତୀ

**ଢେଙ୍କାନାଳ,୭।୧ (ରତନ ନାୟାର)**

- ଅତ୍ୟଧିକ ନିଶ୍ଚେତକ ଦିଆଯାଇଥିବା ସନ୍ଦେହ
- ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହୁଛି ବନ ବିଭାଗ

ବୌଦ୍ଧ ଜିଲାରେ ଆତଙ୍କ ସୃଷ୍ଟି କରିଥିବା ଏକ ଦନ୍ତା ହାତୀର ଢେଙ୍କାନାଳ ଜିଲା କପିଳାସସ୍ଥିତ ହାତୀ ଉଦ୍ଧାର କେନ୍ଦ୍ରରେ ମୃତ୍ୟୁ ହୋଇଛି। ଶନିବାର ସକାଳେ କପିଳାସରେ ପହଞ୍ଚିଥିବା ଏହି ୪୦ ବର୍ଷୀୟ ହାତୀ ୨୪ ଘଣ୍ଟା ନ ପୂରୁଣୁ ରବିବାର ଭୋର୍ ୪ଟାରେ ଆଖି ବୁଜିଦେବା ବନ୍ୟପ୍ରାଣୀପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ହୃଦ୍‌ଘାତରେ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ପ୍ରାଥମିକ ଭାବେ କୁହାଯାଇଥିଲେ ହେଁ ଅତ୍ୟଧିକ ନିଶ୍ଚେତକ ଦିଆଯିବା ମୃତ୍ୟୁର କାରଣ ବୋଲି ବନ୍ୟପ୍ରାଣୀ ପ୍ରେମୀମାନେ ସନ୍ଦେହ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳରେ ଦୀର୍ଘଦିନ ହେଲା ଏକ ଦନ୍ତାହାତୀ ଆତଙ୍କ ସୃଷ୍ଟି କରିଥିଲା। ତେଣୁ ରାଜ୍ୟ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକ୍ରମେ ଉକ୍ତ ହାତୀକୁ ଢେଙ୍କାନାଳ ଜିଲା କପିଳାସସ୍ଥିତ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ଏଠାରେ ହାତୀଟିର ବ୍ୟବହାରରେ ପରିବର୍ତ୍ତନ କରାଯିବା ଦିଗରେ ଉଦ୍ୟମ କରାଯାଇଥାନ୍ତା। ଶୁକ୍ରବାର ସନ୍ଧ୍ୟା ୬ଟାରେ ଉକ୍ତ ହାତୀକୁ ନିଶ୍ଚେତକ ଦିଆଯାଇ ଏକ ହାଇୱା ଯୋଗେ କପିଳାସ ଅଭିମୁଖେ ଅଣାଯାଇଥିଲା। ବାଟରେ ହାତୀଟି ଗାଡ଼ିରୁ ଗୋଡ କାଢ଼ି ଦେଉଥିବାରୁ ବନ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ଶନିବାର ସକାଳେ ହାତୀଟି କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ପହଞ୍ଚିଥିଲା। ଏହାପରେ ଅଧଘଣ୍ଟା ପାଇଁ ପ୍ରାଣୀ ଉଦ୍ୟାନକୁ ବନ୍ଦ ରଖାଯାଇଥିଲା। ହାତୀକୁ ଏକ କ୍ରାଲ୍ ଭିତରେ ରଖାଯାଇଥିଲା। ଚାରିଗୋଡ଼କୁ ଚେନ୍ ଦ୍ୱାରା ବାନ୍ଧି ଦିଆଯାଇଥିଲା। ଏହାସତ୍ତ୍ୱେ ନିଶ୍ଚେତକ ପ୍ରଭାବରେ ହାତୀଟି କ୍ରାଲ୍‌ର ୩ଟି କାଠକୁ ଭାଙ୍ଗି ଦେଇଥିଲା। ଏହା ଦେଖି ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ଆତଙ୍କିତ ହୋଇପଡ଼ିବା ସହ ହାତୀଟିକୁ ଜଗି ରହିଥିଲେ। ଭୋର ୪ଟାରେ ହାତୀଟି କ୍ରାଲ୍ ମଧ୍ୟରେ ଆଣ୍ଠେଇ ପଡିଥିଲା। ଏହାପରେ ଆଉ ଉଠି ନ ଥିଲା। ପ୍ରାଣୀ ଚିକିତ୍ସକ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ହାତୀଟି ପ୍ରାଣ ହରାଇଥିବା ଜଣାପଡିଥିଲା। ଏହାପରେ ଅନୁଗୋଳସ୍ଥିତ ଆର୍‌ସିସିଏଫ୍ ସୁଧାଂଶୁ ଖୋଡା, ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟର ସିସିଏଫ୍ ବିକାଶ ଦାସ, ସାତକୋଶିଆ ଅଭୟାରଣ୍ୟର ବରିଷ୍ଠ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ, ନନ୍ଦନକାନନ ପ୍ରାଣୀ ବିଶେଷଜ୍ଞ ଡା. ଶରତ କୁମାର ସାହୁ, କପିଳାସ ପ୍ରାଣୀ ଉଦ୍ୟାନ ପ୍ରାଣୀ ଚିକିତ୍ସକ ଡା. ଆଶିଥ୍ ଓ ଢେଙ୍କାନାଳ ଡିଏଫ୍‌ଓ ଏବଂ ଏସିଏଫ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।



ପ୍ରାଣ ହରାଇବା ପୂର୍ବରୁ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର କ୍ରାଲ୍ ଭିତରେ ଥିବା ବୌଦ୍ଧର ଦନ୍ତାହାତୀ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ପ୍ରାଥମିକ ଅନୁସନ୍ଧାନରୁ ହାତୀଟିର ସ୍ୱାସ୍ଥ୍ୟରେ ପୂର୍ବରୁ କିଛି ସମସ୍ୟା ରହିଥିବା ବ୍ୟବଚ୍ଛେଦ ସମୟରେ ଜଣାପଡିଥିଲା। ହାର୍ଟରେ ମଧ୍ୟ ସମସ୍ୟା ରହିଥିଲା। ମାନସିକ କ୍ଷେତ୍ରରେ ହାତୀଟି ଦୁର୍ବଳ ଥିଲା। ତେଣୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସଂକ୍ରମଣ ଥିବା ସନ୍ଦେହରେ ଶରୀରର କେତେକ ଅଂଶ ପରୀକ୍ଷା ପାଇଁ ସିଡବ୍ଲ୍ୟୁଏଚ୍ ଏବଂ ଓୟୁଏଟିକୁ ପଠାଯାଇଛି। ତେବେ ବନ ବିଭାଗର ଏପରି ସ୍ପଷ୍ଟୀକରଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି କେତେଜଣ ବନ୍ୟପ୍ରାଣୀପ୍ରେମୀ। ସେମାନଙ୍କ କହିବା ଅନୁଯାୟୀ, ଏକାବେଳେ ଦୀର୍ଘ ୨୦୦ କିଲୋମିଟର ଧରି ହାତୀଟିକୁ ହାଇୱାରେ ଛିଡା କରାଇ ନ ଆଣି ମଝିରେ ମଝିରେ ବିଶ୍ରାମ ଦେବାର ଥିଲା। ଦୀର୍ଘବାଟ ଛିଡ଼ା କରାଯାଇ ଅଣାଯିବା ଦ୍ୱାରା ହାତୀ ଅଧିକ ଅସୁସ୍ଥ ହୋଇପଡିଥିବ। ସାଙ୍ଗରେ ଅଭିଜ୍ଞ ବନ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଆସି ନ ଥିବା ଚର୍ଚ୍ଚା ହେଉଛି। ବାଟରେ ହାତୀଟି ହଇରାଣ କରିଥିବା କୁହାଯାଉଥିବାରୁ ସେଠାରେ ପୁଣି ନିଶ୍ଚେତକ ଦିଆଯାଇଥାଇପାରେ। ସେହିପରି ଉଦ୍ଧାର କେନ୍ଦ୍ରରେ କ୍ରାଲ୍ ଭାଙ୍ଗିବା ପରେ ଆଉଥରେ ନିଶ୍ଚେତକ ପ୍ରୟୋଗ କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ଅତ୍ୟଧିକ ନିଶ୍ଚେତକ ଦିଆଯିବା ଯୋଗୁ ହାତୀଟି ପ୍ରାଣ ହରାଇଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟରୁ ମଧ୍ୟ ଏହା ଜଣାପଡ଼ିଯିବ। ଏହାର ବିଧିବଦ୍ଧ ତଦନ୍ତ କରାଯିବାକୁ ବନ୍ୟପ୍ରାଣୀ ପ୍ରେମୀମାନେ ଦାବି କରିଛନ୍ତି। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦ୍ୟୁମ୍ନ ରଥ କହିଛନ୍ତି, ସାଧାରଣ ଲୋକଟିଏ ମଧ୍ୟ ଏତେ ଦୂରରୁ ଆସିଲେ କଷ୍ଟ ଅନୁଭବ କରିଥାଏ। ହାତୀ ଭଳି ବିଶାଳ ପ୍ରାଣୀକୁ ବନ ବିଭାଗ ଅଲଗା ଅଲଗା ସ୍ଥାନରେ ରଖି ଆଣିବା କଥା। ଏଥିସହିତ ଅତ୍ୟଧିକ ନିଶ୍ଚେତକ ଯୋଗୁ ହୃଦ୍‌ଘାତ ହୋଇଥିବା ସନ୍ଦେହ କରାଯାଉଛି।

ମନୁଷ୍ୟକୁ ଚେତନାର ଏକ ଉଚ୍ଚତର ସ୍ତରକୁ ଉଠିଯିବାକୁ ହେବ। ତା'ହେଲେ ଯାଇ ସେ ତା'ର ଅଜ୍ଞାନ ଭିତରୁ - ସଂକୀର୍ଣ୍ଣ ସୀମାର ଘେର ଭିତରୁ -ସ୍ୱାର୍ଥପରତା ଭିତରୁ ଏବଂ ଏପରି କି ତା'ର ଦୁଃଖ ଯନ୍ତ୍ରଣା ଭିତରୁ ମୁକ୍ତି ପାଇ ପାରିବ। -ଶ୍ରୀମା



# ଗଞ୍ଜାଙ୍କୁ ଭାଏଗ୍ରା

ଭାରତ ବହୁବିଧ ସଂସ୍କୃତିରେ ଭରପୂର। ଜାନୁଆରୀ ମଧ୍ୟବର୍ତ୍ତୀ ସମୟରେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୋଇଥାଏ। ଅର୍ଥାତ୍ ଶୀତ ସରିଯିବାର ଏହା ସଙ୍କେତ ଦିଏ। ଓଡ଼ିଶାରେ ଏହା ମକର ସଂକ୍ରାନ୍ତି ଭାବେ ପାଳନ କରାଯାଉଥିବା ବେଳେ ଆନ୍ଧ୍ରପ୍ରଦେଶରେ ସଂକ୍ରାନ୍ତି, ଆସାମରେ ମାଘ ବିହୁ, ତାମିଲନାଡୁରେ ପୋଙ୍ଗଲ, ପଞ୍ଜାବରେ ଲୋହରି, ଗୁଜରାଟରେ ଉତ୍ତରାୟଣ ଆଦି ଭିନ୍ନ ଭିନ୍ନ ନାମରେ ଉତ୍ସବ ପାଳନ ହୋଇଥାଏ। କୃଷିକୈନ୍ଦ୍ରିକ ଭାରତରେ ଏହା ଅମଳର ସମୟ ହୋଇଥିବାରୁ ସବୁଆଡ଼େ ଖାଦ୍ୟକୁ ନେଇ ଆନନ୍ଦ ପ୍ରକାଶ ପାଇଥାଏ। ହେଲେ କିଛି ଅଞ୍ଚଳରେ ଅଜବ ଧରଣର ପରମ୍ପରାକୁ ଗୁରୁତ୍ୱ ଦିଆଯାଇ ତାହାକୁ ଧୂମଧାମ୍‌ରେ ପାଳନ କରାଯାଉଥିବା ଦେଖିବାକୁ ମିଳୁଛି। ତାମିଲନାଡୁରେ ଜାଲିକାଟ୍ଟୁକୁ ନେଇ ବିବାଦ ଲାଗିରହିଥିବା ବେଳେ ଆନ୍ଧ୍ରପ୍ରଦେଶରେ ଆଉ ଏକ ନୂଆ ସମସ୍ୟା ସୃଷ୍ଟି ହୋଇଛି। ମକର ସଂକ୍ରାନ୍ତି ବେଳେ ଆନ୍ଧ୍ରପ୍ରଦେଶର ବହୁ ସ୍ଥାନରେ ଗଞ୍ଜା ଲଢ଼େଇ ହୋଇଥାଏ, ଯେଉଁଥିରେ ଅନେକ କୋଟି ଟଙ୍କାର ଖେଳ ହୁଏ। କିନ୍ତୁ ଏବେ ଭାରତର ବହୁ ସ୍ଥାନରେ କୁକୁଡ଼ାଙ୍କ ମଧ୍ୟରେ ଶ୍ୱାସପ୍ରଶ୍ୱାସଜନିତ ରୋଗ ବ୍ୟାପୁଛି। ତାହାକୁ ରାଣୀଖେତ ନାମ ଦିଆଯାଇଛି। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିବା ଗଞ୍ଜା ଆସନ୍ତା ସଂକ୍ରାନ୍ତି ସମୟରେ ଭଲଭାବେ ଲଢ଼ିପାରିବ ବୋଲି ମାଲିକମାନଙ୍କର ବିଶ୍ୱାସ ହେଉନାହିଁ। ସେଥିପାଇଁ ଏବେଠାରୁ ମାଲିକମାନେ ନିଜର ଲଢୁଆ ଗଞ୍ଜାଙ୍କୁ ଭିଟାମିନ ଏବଂ ମଣିଷ ଖାଉଥିବା ଭାଏଗ୍ରା ଦେବାକୁ ଆରମ୍ଭ କଲେଣି। ଉଲ୍ଲେଖଯୋଗ୍ୟ ଯେ ଭାଏଗ୍ରା ମୂଳତଃ ଉଚ୍ଚରକ୍ତଚାପ ଓ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ଉପଶମ ଲାଗି ପ୍ରସ୍ତୁତ କରାଯାଇଥିଲା। ପରୀକ୍ଷା ବେଳେ ଜଣାପଡ଼ିଲା ଯେ, ତାହା ସେହି ରୋଗ ପାଇଁ କାର୍ଯ୍ୟ କରୁନାହିଁ। କିନ୍ତୁ ପୁରୁଷଙ୍କ ଯୌନ କ୍ଷମତା ବହୁ ପରିମାଣରେ ବୃଦ୍ଧି ପାଇବାରୁ ଏହା ଉପରେ ଗବେଷଣା କରି ଉଦ୍ଭାବନ କରିଥିବା ଔଷଧୀୟ କମ୍ପାନୀ ଫାଇଜର ତାହାକୁ ଭିନ୍ନ ଭାବେ ବିକ୍ରି କଲା। ଫଳସ୍ୱରୂପ ଭାଏଗ୍ରା ଔଷଧ ଜଗତରେ ଏକ ବିପ୍ଳବ ଆଣିଲା। ବିଶେଷଜ୍ଞଙ୍କ ମତରେ ଆନ୍ଧ୍ରର ଗଞ୍ଜାଗୁଡ଼ିକୁ ଭାଏଗ୍ରା ସହିତ ଷ୍ଟେରଏଡ୍‌ଯୁକ୍ତ ଖାଦ୍ୟ ଖାଇବାକୁ ଦିଆଯାଉଥିବାରୁ ତାହାର ନକାରାତ୍ମକ ଦିଗ ପରବର୍ତ୍ତୀ ସମୟରେ ଜଣାପଡ଼ିପାରେ। ଏହି ଗଞ୍ଜା ଓ କୁକୁଡ଼ାଗୁଡ଼ିକୁ ଯଦି ମଣିଷ ଖାଇବେ ତେବେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିପାରେ।

କୋଭିଡ୍-୧୯ର ଉତ୍ପତ୍ତି ଚାଇନାରୁ ହୋଇଥିବା ବିଶ୍ୱାସ କରାଯାଉଛି। ଖାଦ୍ୟ ଚାହିଦା ମେଣ୍ଟାଇବା ଲାଗି ସେଠାରେ କୁକୁଡ଼ାଠାରୁ ଆରମ୍ଭ କରି କୁକୁରଗୁଡ଼ିକୁ କିଭଳି କମ୍ ସମୟରେ ବଢ଼ାଇ ଦିଆଯାଇପାରିବ, ସେଥିଲାଗି ଅନେକ ପ୍ରକାର ଇଞ୍ଜେକଶନ ଦିଆଯାଉଥିବା ଭିଡିଓ ଡିଜିଟାଲ ଗଣମାଧ୍ୟମରୁ ଦେଖିବାକୁ ମିଳୁଛି। ଅର୍ଥାତ୍ ଏହି ଜୀବଗୁଡ଼ିକୁ ପ୍ରାକୃତିକ ଉପାୟରେ ବଢ଼ିବା ଲାଗି ସୁଯୋଗ ଦିଆଯାଉ ନାହିଁ। ଭାରତ ମଧ୍ୟ ଅନୁରୂପ ପଦ୍ଧତି ଅନୁସରଣ କରିବାରେ ବ୍ୟସ୍ତ। ସମ୍ଭବତଃ ସେଥିପାଇଁ ଦିନକୁ ଦିନ ନୂଆ ଭୂତାଣୁର ଆବିର୍ଭାବ ଘଟୁଛି। ବର୍ତ୍ତମାନ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ, ପ୍ଲାଷ୍ଟିକ୍‌ଭର୍ତ୍ତି ପରିବେଶ ଓ ଧୂଳିଧୂଆଁରେ ଆଚ୍ଛାଦିତ ବାୟୁମଣ୍ଡଳରେ ପ୍ରଶ୍ୱାସ ନେବା କଷ୍ଟକର ହେଉଥିବା ବେଳେ ମଣିଷ ପ୍ରକୃତି ଓ ଜୀବଜନ୍ତୁଙ୍କ ଜୀବନକୁ ଦୁର୍ବିଷହରେ ପକାଇ ଆଗକୁ ଆହୁରି ଦୁର୍ଦ୍ଦିନକୁ ଡାକିଆଣୁଛି। କହିବାକୁ ଗଲେ ମଣିଷ ନିଜ ଗୋଡ଼ରେ କୁରାଢ଼ି ମାରୁଛି।

ସଂକ୍ରାନ୍ତି ଭଳି ପର୍ବ ପ୍ରକୃତି ସହିତ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଥିଲା। ମଣିଷର ଲୋଭ ସେହିସବୁ ପର୍ବପର୍ବାଣିକୁ ବିକୃତ ରୂପ ଦେବାକୁ ଆରମ୍ଭ କଲାଣି। ଜାଣତରେ ହେଉ ବା ଅଜାଣତରେ, ଯେଉଁସବୁ ଆଧୁନିକ ଉପାୟ ବ୍ୟବହାର କରି ମଣିଷ ଭାବୁଛି ତାହାର ଐତିହ୍ୟକୁ ଭିନ୍ନ ରୂପେ ଆଙ୍କିବ, ସେଥିରେ ଅନେକ ଦୁର୍ଦ୍ଦଶା ଘଟିପାରେ। ଉଦାହରଣସ୍ୱରୂପ, କେନ୍ଦ୍ର ସରକାର ନିକଟରେ ପରିବର୍ତ୍ତନ କରିଥିବା ନ୍ୟାୟ ସଂହିତାକୁ ଦେଖିଲେ ଏକ ବିକୃତ ମାନସିକତାର ପରିଚୟ ମିଳୁଛି। ଏହି ନୂତନ ଆଇନ ବହିରୁ ବାଦ୍‌ପଡ଼ିଛି ଏକ ଗୁରୁତ୍ୱପୂର୍ଣ୍ଣ ଭାଗ। ପୂର୍ବରୁ ଥିଲା ମଣିଷ ଯଦି ପଶୁପକ୍ଷୀଙ୍କୁ ଯୌନ ନିର୍ଯାତନା ଦେଇଥାଏ, ତେବେ ତାହା ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେଉଥିଲା। ନୂଆ ଭାରତୀୟ ନ୍ୟାୟ ସଂହିତାରେ ସେହି ଆଇନକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି। ଏହା ଫଳରେ ଅନେକ ନାମୀଦାମୀ ଲୋକଙ୍କୁ ସହଜରେ ପ୍ରଶ୍ୱାସ ନେବାର ସୁଯୋଗ ସୃଷ୍ଟି କରାଗଲା।

କେନ୍ଦ୍ର ସରକାର ନିକଟରେ ପରିବର୍ତ୍ତନ କରିଥିବା ନ୍ୟାୟ ସଂହିତାକୁ ଦେଖିଲେ ଏକ ବିକୃତ ମାନସିକତାର ପରିଚୟ ମିଳୁଛି। ଏହି ନୂତନ ଆଇନ ବହିରୁ ବାଦ୍‌ପଡ଼ିଛି ଏକ ଗୁରୁତ୍ୱପୂର୍ଣ୍ଣ ଭାଗ। ପୂର୍ବରୁ ଥିଲା ମଣିଷ ଯଦି ପଶୁପକ୍ଷୀଙ୍କୁ ଯୌନ ନିର୍ଯାତନା ଦେଇଥାଏ, ତେବେ ତାହା ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ହେଉଥିଲା। ନୂଆ ଭାରତୀୟ ନ୍ୟାୟ ସଂହିତାରେ ସେହି ଆଇନକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପକାଇ ଦିଆଯାଇଛି। ଏହା ଫଳରେ ଅନେକ ନାମୀଦାମୀ ଲୋକଙ୍କୁ ସହଜରେ ପ୍ରଶ୍ୱାସ ନେବାର ସୁଯୋଗ ସୃଷ୍ଟି କରାଗଲା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 2 | | | | | |
| | | 4 | 1 | | | 3 | | 8 |
| | | | 4 | 7 | | | 1 | |
| | 5 | | | | | | 3 | 7 |
| 4 | | | 7 | 5 | | | | |
| 7 | 8 | | | 6 | | | 4 | 9 |
| | | 3 | | | 1 | | | |
| 5 | | | | | | | 2 | |
| 9 | 1 | | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 7 | 5 | 2 | 6 | 8 | 4 |
| 4 | 2 | 6 | 9 | 8 | 3 | 7 | 1 | 5 |
| 5 | 7 | 8 | 1 | 6 | 4 | 3 | 2 | 9 |
| 6 | 4 | 7 | 3 | 1 | 5 | 2 | 9 | 8 |
| 2 | 1 | 9 | 8 | 4 | 7 | 5 | 3 | 6 |
| 8 | 5 | 3 | 2 | 9 | 6 | 1 | 4 | 7 |
| 3 | 6 | 2 | 4 | 7 | 8 | 9 | 5 | 1 |
| 7 | 9 | 4 | 5 | 3 | 1 | 8 | 6 | 2 |
| 1 | 8 | 5 | 6 | 2 | 9 | 4 | 7 | 3 |

ଗତକାଲିର ଉତ୍ତର

# ମା'ବାପାମାନଙ୍କୁ ଚିଠିଟିଏ



ଅକ୍ଷୟ କୁମାର ମିଶ୍ର

ପ୍ରିୟ ମା'ବାପାମାନେ!

ଶୁଭେଚ୍ଛା ନେବେ। ଲେଖିବି କି ଲେଖିବିନି ଏଭଳି ଏକ ମାନସିକ ଦ୍ୱନ୍ଦ୍ୱ ଭିତରେ ବେଶ୍ କିଛି ଦିନ ଗଲା ପରେ ସ୍ଥିର କଲି ଏମିତି ଏକ ଚିଠି ଆପଣମାନଙ୍କ ଉଦ୍ଦେଶ୍ୟରେ ଲେଖିବି ବୋଲି। ମୋର ଉଦ୍ଦେଶ୍ୟ ନୁହେଁ ଆପଣମାନଙ୍କୁ ପରାମର୍ଶ ଦେବା ଅଥବା ଆପଣମାନଙ୍କର ଦୋଷ ଦୁର୍ବଳତା ବାଛିବା। ମୁଁ ଯାହା ଦେଖୁଛି ଏବଂ ଅନୁଭବ କରୁଛି, ସେହି ଅଭିଜ୍ଞତା ଭିତରୁ କିଛି କଥା ଆପଣମାନଙ୍କ ସହିତ କେବଳ ବିନିମୟ କରିବାକୁ ଚାହୁଁଛି। ଶ୍ରେଣୀକକ୍ଷରେ ମୁଁ ଜଣେ ଶିକ୍ଷକ ହେଲେ ବି ମୁଁ ଜଣେ ବାପା। ପୁଅ ଝିଅକୁ ନେଇ ଆପଣମାନଙ୍କର ଯେମିତି ସ୍ୱପ୍ନ ଅଛି, ମୋର ମଧ୍ୟ ସେମିତି ଅଛି। କୌଣସି ମା'ବାପା ଚାହାନ୍ତି ନାହିଁ ତାଙ୍କ ପୁଅ ଝିଅମାନେ ବଡ଼ ମଣିଷ ନ ହୁଅନ୍ତୁ। ସମସ୍ତଙ୍କର ଇଚ୍ଛା ପିଲାମାନେ ଭଲ ପାଠ ପଢ଼ନ୍ତୁ। ଆଗକୁ ବଢ଼ନ୍ତୁ। ଦଶ ଜଣରେ ଜଣେ ହୁଅନ୍ତୁ। କିନ୍ତୁ ଆମ ଇଚ୍ଛାର ଘୋଡ଼ାଟା ଏତେ ଜୋରରେ ଧାବମାନ ଯେ ବାସ୍ତବତାଠାରୁ କେତେବେଳେ ଆମେ ବିଚ୍ଛିନ୍ନ ହୋଇଯାଉ ତାହା ନିଜେ ମଧ୍ୟ ଜାଣିପାରୁନା। ଅଜାଣତରେ ନିଜର ଇଚ୍ଛାକୁ ପିଲାମାନଙ୍କ ଉପରେ ଲଦି ଦେଉ। ସେମାନେ କ'ଣ ଚାହୁଁଛନ୍ତି ତାହା ଜାଣିବାକୁ ଚେଷ୍ଟା କରୁନା। ଶାରୀରିକ ତଥା ମାନସିକ ବୋଝ ଦେଇ ସେମାନଙ୍କୁ ଭାରାକ୍ରାନ୍ତ କରିପକାଉ। ବିଶେଷକରି ଯେଉଁ ମା'ବାପାମାନେ ଅପାଠୁଆ, ସେମାନେ ପିଲାମାନଙ୍କ ପ୍ରତି ଯେତିକି ଯତ୍ନବାନ୍ ହେବା କଥା ତାହା ହୁଅନ୍ତି ନାହିଁ। ଅବହେଳା କାରଣରୁ ବହୁ ପ୍ରତିଭାର ଉନ୍ମେଷ ହୋଇପାରେ ନାହିଁ।

ପ୍ରଥମେ ସେହି ମା'ବାପାମାନଙ୍କୁ କହିବାକୁ ଚାହେଁ, ଯେଉଁମାନେ ନିଜ ପୁଅଝିଅଙ୍କ ସହିତ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ପାଆନ୍ତି ନାହିଁ। ହଁ, ଏହା ସତ୍ୟ ଯେ ଆପଣମାନେ ଅର୍ଥନୈତିକ ଭାବେ ବହୁ ଦୁର୍ବଳ। ଏଣୁ ଗୁଜରାଣ ମେଣ୍ଟାଇବା ପାଇଁ ସକାଳୁ ସଞ୍ଜଯାଏ ବିଭିନ୍ନ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିବାକୁ ଆପଣମାନେ ବାଧ୍ୟ ହୁଅନ୍ତି। ଆପଣମାନଙ୍କର ଯୁକ୍ତି ହେଉଛି ''ହାତରେ ଅର୍ଥ ନ ଥିଲେ ଖାଇବୁ କ'ଣ, ପିନ୍ଧିବୁ କ'ଣ, ପିଲାଙ୍କ ପାଠପଢ଼ାରେ ଯାହା ଖର୍ଚ୍ଚ ହେବ ତାହା ଆସିବ କେଉଁଠୁ? ସମୟ କାହିଁ ପିଲାଙ୍କ ସହିତ ଦୁଃଖ ସୁଖ ହେବାକୁ? ଯେତେ ପର୍ଯ୍ୟନ୍ତ ପାରିବେ ପଢ଼ିବେ। ଓଳିଆରୁ ଗଜା ହୋଇପାରିଲେ ତ ଭଲ, ନ ହେଲେ ଘର କାମରେ ଲାଗିବେ। ଗୋବର ଗୋଟେଇ ଝିଅ ରାଜା ଘରର ବୋହୂ ହେବା ପାଇଁ ସ୍ୱପ୍ନ ଦେଖିବା ଯାହା, ଆମ ପିଲା ହାକିମ ହେବ ବୋଲି ଭାବିବା ସେଇଆ।''

ଦ୍ୱିତୀୟ ଯୁକ୍ତିଟି ଆହୁରି କଠୋର। ପାଠ ପଢ଼ିଲେ ବଢ଼ିବେ ନା ଦୂରେଇ ଯିବେ? ଯେଉଁମାନେ ଉଚ୍ଚ ଶିକ୍ଷା ଲାଭ କରୁଛନ୍ତି, ସେମାନେ ମା'ବାପାଙ୍କୁ ଭୁଲି ଯାଉଛନ୍ତି। ସହରରେ ରହିବାକୁ ପସନ୍ଦ କରୁଛନ୍ତି। ଗାଁକୁ ଫେରୁନାହାନ୍ତି। ମଲାବେଳେ ମୁହଁରେ ଟୋପାଏ ପାଣି ଦେବାକୁ ମଧ୍ୟ ନ ଥିବେ। ଗାଁ ଇସ୍କୁଲରେ ଯାହା ହେଲେ ସେତିକି ଯଥେଷ୍ଟ। ଏସବୁ ଯୁକ୍ତିକୁ ଖଣ୍ଡନ



କରିବାକୁ ମୋ ପାଖରେ ଶବ୍ଦ ନାହିଁ। ଆପଣମାନେ ଯାହା ଦେଖୁଛନ୍ତି ତାହା କହୁଛନ୍ତି। ଅଙ୍ଗେଲିଭା କଥା। ତେବେ ସବୁ ଉଚ୍ଚ ଶିକ୍ଷିତ ମଣିଷ ଯେ ସ୍ୱାର୍ଥପର କିମ୍ବା ସବୁ ସ୍ୱାର୍ଥପର ମଣିଷ ଯେ ଉଚ୍ଚ ଶିକ୍ଷିତ ଏହା ଭାବିବା ଠିକ୍ ନୁହେଁ। କିନ୍ତୁ ସବୁ ପିଲା ହେଉଛନ୍ତି ଅମୂଲ୍ୟ ସମ୍ପଦ। ଆମେ ଜାଣିଛେ ଯତ୍ନ କଲେ ରତ୍ନ ମିଳେ, ଯେଉଁ ରତ୍ନ ପରିବାରଠାରୁ ଦେଶର ବିକାଶରେ ପ୍ରୟୋଜନ ହୋଇଥାଏ। ସବୁ କାମ ଧନ୍ଦା ଭିତରୁ କିଛି ସମୟ ବାହାର କରିବାକୁ ପଡ଼ିବ। ଏବେତ ସମସ୍ତ ବିଦ୍ୟାଳୟରେ ନିୟମିତ ବ୍ୟବଧାନରେ ମା'ବାପା, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନେଇ ବୈଠକ ବସୁଛି। ପିଲାମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଉଛି। କିନ୍ତୁ ଆପଣମାନେ ସେହି ବୈଠକରେ ଉପସ୍ଥିତ ହେଉନାହାନ୍ତି। ଆପଣମାନଙ୍କ ଉପସ୍ଥିତି ହିଁ ପିଲାମାନଙ୍କ ମନୋବଳକୁ ଦ୍ୱିଗୁଣିତ କରିବ। ନିଶ୍ଚୟ ଅନୁରୋଧ କରିବି, ବିଦ୍ୟାଳୟକୁ ଆସନ୍ତୁ। ନିଜ ପିଲାମାନଙ୍କ ସମ୍ପର୍କରେ ଶିକ୍ଷକଙ୍କଠାରୁ ଜାଣନ୍ତୁ।

ଏବେ ସେହି ମା'ବାପାମାନଙ୍କୁ ଅନୁରୋଧ କରିବାକୁ ଚାହେଁ, ଯେଉଁମାନେ ଉଭୟ ଚାକିରି କରନ୍ତି। ସକାଳୁ ସଞ୍ଜଯାଏ ନିଜ ନିଜ ଅଫିସରେ କଟାନ୍ତି। ମୋର ମନେହୁଏ, ଆପଣମାନେ ଯେତିକି ସମୟ ଘରେ ରୁହନ୍ତି ମୋବାଇଲରେ ବ୍ୟସ୍ତ ରୁହନ୍ତି। ଅର୍ଥର ଅଭାବ ନ ଥିବା ହେତୁ ଝିଅପୁଅଙ୍କ ଦେଖାଶୁଣା ଚାକରାଣୀ ଚାକରଙ୍କ ଉପରେ ନ୍ୟସ୍ତ କରିଦିଅନ୍ତି। ପାଠପଢ଼ା ପାଇଁ ବିଷୟ ଭିତ୍ତିକ ଟ୍ୟୁଶନ ମାଷ୍ଟର, ସଙ୍ଗୀତ ଶିକ୍ଷା ପାଇଁ ସଙ୍ଗୀତ ମାଷ୍ଟର, ନୃତ୍ୟ ଶିକ୍ଷା ପାଇଁ ନୃତ୍ୟଗୁରୁ, ଯୋଗ ପାଇଁ ଯୋଗଗୁରୁ ନିଯୁକ୍ତି ଦିଅନ୍ତି। କିନ୍ତୁ କେବେ ଭାବନ୍ତି ନାହିଁ ସ୍ନେହ, ଶ୍ରଦ୍ଧା, ଆଦର, ମମତା ନ ପାଇବା ଦ୍ୱାରା ପିଲାମାନଙ୍କର କ'ଣ କ୍ଷତି ହୁଏ! ସବୁ ସୁବିଧା ସୁଯୋଗ ହାତପାହାନ୍ତାରେ ପାଇବା ଦ୍ୱାରା ଆପଣଙ୍କ ପିଲାମାନେ ହୁଏତ ବଡ଼ ମଣିଷ ହେବେ, କିନ୍ତୁ ଭଲ ମଣିଷ ହେବାରେ କେତେ ସଫଳ ହେବେ ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ଏଣୁ ଦାୟିତ୍ୱ ପାଳନ ନାମରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇ ପିଲାମାନଙ୍କୁ ଆପଣମାନେ ଏମିତି ଅଣଦେଖା କରିବା ଉଚିତ୍ ହେବ ନାହିଁ। ଥରେ ଭାବିଲେ ଦେଖି ଅର୍ଜିତ ଅମାପ ଧନ ସମ୍ପତ୍ତି କାହା ପାଇଁ, ଯଦି ପିଲାମାନେ ମଣିଷ ପରି ମଣିଷ ହୋଇ ନ ପାରିଲେ! ଯେତିକି ସମୟ ମୋବାଇଲ ସହିତ ବିତାଉଛନ୍ତି, ଯେତିକି ସମୟ କ୍ଲବ ପାର୍ଟିରେ କଟାଉଛନ୍ତି, ସେତିକି ସମୟ ନିଜ ପିଲା ପାଖରେ ରହିଲେ ଯେଉଁ ଶୂନ୍ୟତା ସେମାନେ ଅନୁଭବ କରୁଛନ୍ତି ତାହା ହେବନାହିଁ।

ବହୁ ମାତାପିତା ଅଛନ୍ତି, ଯେଉଁମାନେ ନିଜ ପିଲାଙ୍କ ଭବିଷ୍ୟତ ପ୍ରତି ଅଧିକ ସଚେତନ। ଆବଶ୍ୟକତାଠାରୁ ମଧ୍ୟ ଅଧିକ। ସେମାନେ ପିଲାଙ୍କ ପ୍ରାକୃତିକ ବୃଦ୍ଧିକୁ ଅପେକ୍ଷା କରିପାରନ୍ତି ନାହିଁ। କଥା କହିବାକୁ ଆରମ୍ଭ କଲା ବେଳଠୁ ଚାଲେ ପାଠପଢ଼ା। ପିଲାଟିର ଦକ୍ଷତା କେତେ, ସେ କେତେ ଗ୍ରହଣ କରିପାରିବ, ସେ ଚାହୁଁଛି କ'ଣ ଏସବୁ ପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ। ତା' ଭିତରେ କେଉଁ ପ୍ରତିଭା ଅଛି, ତାକୁ ଅନ୍ୱେଷଣ ନ କରି ସବୁଥିରେ ପାରଙ୍ଗମ କରିବାକୁ ଲାଗିପଡ଼ନ୍ତି। ଏଥିପାଇଁ ଯାହା ଯାହା ଦରକାର ଯୋଗାଇଦେବାକୁ ଲାଗିପଡ଼ନ୍ତି। ଏହି ଧରଣର ମାନସିକତା ଯୋଗୁ ଏକ ରୁଟିନବନ୍ଧା ଜୀବନ ଭିତରକୁ ଟାଣିନିଏ ପିଲାମାନଙ୍କୁ। କେବଳ ଏତିକି ନୁହେଁ, ଅସୁସ୍ଥ ପ୍ରତିଯୋଗିତା ପିଲାମାନଙ୍କୁ ଅଣନିଃଶ୍ୱାସୀ କରିପକାଏ। ଆଉ କିଛି ମା'ବାପା ଅଛନ୍ତି, ଯେଉଁମାନ ନିଜ ଝିଅପୁଅଙ୍କୁ ଉତ୍ସାହିତ କରିବା ପରିବର୍ତ୍ତେ ଏକ ନୈରାଶ୍ୟଜନକ ସ୍ଥିତିକୁ ଟାଣିନିଅନ୍ତି। ଏମାନେ ସର୍ବଦା ଅନ୍ୟ ପିଲାଙ୍କ ସହିତ ନିଜ ପିଲାଙ୍କୁ ତୁଳନା କରିବା ଆରମ୍ଭ କରିଦିଅନ୍ତି। ଏହାଦ୍ୱାରା ପିଲାମାନେ ନିଜକୁ ଛୋଟ ମଣନ୍ତି। ନିରୁତ୍ସାହିତ ହୋଇପଡ଼ନ୍ତି। ଯେଉଁମାନଙ୍କ ଉଦାହରଣ ଦିଆଯାଏ, ସେମାନଙ୍କ ପ୍ରତି ଈର୍ଷାପରାୟଣ ହୁଅନ୍ତି।

ପିଲାମାନଙ୍କ ପିଲାଦିନ ଅତ୍ୟନ୍ତ ସମ୍ବେଦନଶୀଳ ସମୟ। ସହଜରେ ସବୁ କଥା ଗ୍ରହଣ କରିପାରନ୍ତି ନାହିଁ କି ପ୍ରତିବାଦ କରିବାର ସାହସ ଦେଖାଇ ପାରନ୍ତି ନାହିଁ। ନିଜର ଆବଶ୍ୟକତାକୁ ମୁହଁ ଖୋଲି କାହା ଆଗରେ ଖୋଲି କହିପାରନ୍ତି ନାହିଁ, କିନ୍ତୁ ଅଭାବ ରହିଲେ ଅଣଦେଖା କରାଯାଉଛି ବୋଲି ଧରିନିଅନ୍ତି। ଏଣୁ ମା'ବାପାମାନେ ବେଶ୍ ଯତ୍ନବାନ ହେବା ଜରୁରୀ। ମା'ବାପା ହେଉଛନ୍ତି ପ୍ରତ୍ୟେକ ପିଲାର ପ୍ରଥମ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ପରିବାର ହେଉଛି ପ୍ରଥମ ପାଠଶାଳା। ମା'ର କୋଳଠାରୁ ନିରାପଦ ସ୍ଥାନ ପୃଥିବୀରେ କେଉଁଠି ନାହିଁ କି ବାପାଠାରୁ ଅଧିକ ଭରସାଯୋଗ୍ୟ ବ୍ୟକ୍ତି କେହି ନାହାନ୍ତି। ଆପଣମାନଙ୍କ ସବୁଠୁ ବଡ଼ ଦାୟିତ୍ୱ ହେଲା ପିଲା ଭିତରେ ସତ୍‌ସାହସ ସଞ୍ଚାରିତ କରିବା। କୌଣସି କଥାକୁ ସେମାନେ ଯେପରି ଅନ୍ଧ ଭାବରେ ବିଶ୍ୱାସ କରିଯାଆନ୍ତି ନାହିଁ ସେ ଦିଗରେ ଉଦ୍ୟମ କରିବା। ପିଲା ଭିତରେ ଜିଜ୍ଞାସା ରହିଲେ ସେ କାରଣ ଖୋଜିବ। କାରଣ ଖୋଜିଲେ ସର୍ଜନଶୀଳତା ବୃଦ୍ଧି ପାଇବ। ଏଣୁ ମା'ବାପାମାନେ ପିଲାଙ୍କୁ ଭୀରୁ କରିଦିଅନ୍ତୁ ନାହିଁ କି ନିଜର ଇଚ୍ଛାକୁ ସେମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ। ପ୍ରତ୍ୟେକ ପିଲା କୌଣସି ନା କୌଣସି ପ୍ରତିଭାର ଅଧିକାରୀ। ସେହି ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେହି ଦିଗରେ ପ୍ରୋତ୍ସାହିତ କଲେ ସେ ଭବିଷ୍ୟତରେ ଏକ ପ୍ରଭାବଶାଳୀ ବ୍ୟକ୍ତିରେ ପରିଗଣିତ ହେବ।

**ସଭାପତି, ଓଷ୍ଟା, ନୟାସଡ଼କ, କଟକ**

# ଜୀବନ ଦୃଷ୍ଟିରେ ଜୈବ ବିବିଧତା



ଈପ୍ସିତା ମହାନ୍ତି

ବେଦ, ଉପନିଷଦ, ପୁରାଣ, ଗୀତା, ଭାଗବତ ଆଦି ଗ୍ରନ୍ଥରେ ଆମ ପ୍ରାଚୀନ ଭାରତୀୟ ସଭ୍ୟତା ଏବଂ ସାମାଜିକ ଜୀବନର ମୂଲ୍ୟବୋଧ ସଂରକ୍ଷିତ ହୋଇରହିଛି। ଆମ ସାମାଜିକ ଏବଂ ସାଂସ୍କୃତିକ ଜୀବନକୁ ଶୃଙ୍ଖଳିତ ଢଙ୍ଗରେ ଗଢ଼ିତୋଳିବା ପାଇଁ ଯେଉଁସବୁ ମୂଲ୍ୟବୋଧ ଆବଶ୍ୟକ, ସେସବୁ ଏହି ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ସନାତନ ଧର୍ମ ଅନୁସାରେ ଧରିତ୍ରୀ ହେଉଛି ଆମ ମା'। ଏହା ଉପରେ ମନୁଷ୍ୟର ଯେତିକି ଅଧିକାର ଅନ୍ୟ ସମସ୍ତ ପ୍ରାଣୀଙ୍କର ସେତିକି ଅଧିକାର ରହିଛି। ସହ-ଜୀବନ ଏବଂ ସହ-ଅସ୍ତିତ୍ୱର ମୂଲ୍ୟ ଏହି ଧର୍ମର ସବୁଠାରୁ ବଡ଼ ପୁଞ୍ଜି। ଜୈବ ବିବିଧତା ସୁନିଶ୍ଚିତ ପାଇଁ ଏଠାରେ ପ୍ରକୃତିର ବିଭିନ୍ନ କାରକ ଯଥା- ବୃକ୍ଷଲତା, ପଶୁପକ୍ଷୀ, ସରୀସୃପ, ଜଳ, ବାୟୁ, ମୃତ୍ତିକା, ଅଗ୍ନି, ପ୍ରସ୍ତର, ପର୍ବତ, ଗ୍ରହ, ନକ୍ଷତ୍ର ଆଦି ପୂଜାର୍ଚ୍ଚନାର ବ୍ୟବସ୍ଥା ରହିଛି। ଏହା ମାଧ୍ୟମରେ ଆମେ ପ୍ରକୃତିର ବିଭିନ୍ନ ପବିତ୍ରତାକୁ ଚିହ୍ନଟ କରିଛୁ। ସମୟକ୍ରମେ ତାହାର ପ୍ରଶଂସା କରିବା ସହିତ ସଂରକ୍ଷଣ ପାଇଁ ଅଣ୍ଟାଭିଡ଼ିଛୁ।

ବାୟୁମଣ୍ଡଳ, ବାରିମଣ୍ଡଳ ଏବଂ ଅଶ୍ମମଣ୍ଡଳ ମଧ୍ୟରେ ଏକ ସହ-ଅସ୍ତିତ୍ୱର ସିଦ୍ଧାନ୍ତ ଉପରେ ବୈଦିକ ସଭ୍ୟତା ଛିଡ଼ାହୋଇଥିଲା। ଜୀବନର ଉତ୍ପତ୍ତି ଜଳରୁ ହୋଇଛି। ଜଳର ଶୁଦ୍ଧତା ସୁନିଶ୍ଚିତ ନ କରି ଜୀବନ ରକ୍ଷା ହୋଇପାରିବ ନାହିଁ। ଜଳ ପ୍ରଦୂଷଣକୁ ରୋକିବା ପାଇଁ ନଦୀ, ହ୍ରଦ ସମେତ ବିଭିନ୍ନ ଜଳ ଉତ୍ସକୁ ପୂଜା କରାଯାଉଥିଲା। ବୈଦିକ ସଭ୍ୟତାର ଲୋକମାନେ ଜାଣିଥିଲେ ପର୍ବତ, ଜଙ୍ଗଲ ଏବଂ ତୃଣଭୂମି ହେଉଛି ଜୈବ ବିବିଧତାର ଅମାପ ଭଣ୍ଡାର। ଜୀବନ ରକ୍ଷାକାରୀ ପରିବେଶୀୟ ତନ୍ତ୍ରର ସଂରକ୍ଷଣ ପାଇଁ ଏହା ଅତ୍ୟନ୍ତ ଜରୁରୀ ଥିଲା। ବୈଦିକ ସଂସ୍କୃତିର ବିଶ୍ୱାସ ଅନୁଯାୟୀ ମାନବଙ୍କ ପରି ଉଦ୍ଭିଦମାନଙ୍କର ମଧ୍ୟ ଚେତନା ଅଛି। ଉଦ୍ଭିଦମାନେ ଯନ୍ତ୍ରଣା ସହିତ ଆନନ୍ଦକୁ ମଧ୍ୟ ଅନୁଭବ କରନ୍ତି। ଏହି ବିଶ୍ୱାସର ଫଳ ସ୍ୱରୂପ ଉଦ୍ଭିଦ ଏବଂ ସେମାନଙ୍କର ଉତ୍ପାଦଗୁଡିକ ଆମ ରୀତିନୀତିର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଗଲେ। ଆଜି ମଧ୍ୟ ଭାରତୀୟ ଗ୍ରାମୀଣ ପରିବେଶରେ ଅଶ୍ୱତ୍ଥ, ବର, ଅଁଳା, ନିମ, ଅଶୋକ, କଦମ୍ବ, ବଉଳ, ବେଲ, ତୁଳସୀ, ଆମ୍ବ, ନଡ଼ିଆ, କଦଳୀ, ପାନ, ଚନ୍ଦନ, ରୁଦ୍ରାକ୍ଷ, ପଦ୍ମ, ପାରିଜାତ, ଦୂବଘାସ ଆଦି ବୃକ୍ଷଲତା ପୂଜାର୍ଚ୍ଚନାର ଅତ୍ୟାବଶ୍ୟକ ଅଂଶ ରୂପେ ବ୍ୟବହୃତ ହେଉଛି। ''ବାୟୁମଣ୍ଡଳରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ନିୟନ୍ତ୍ରଣକୁ ବଜାୟ ରଖିବାରେ ବୃକ୍ଷଲତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'' ଏକଥା ବୈଦିକକାଳର ଲୋକମାନେ ବେଶ୍ ଭଲ ଭାବେ ଜାଣିଥିଲେ।

'ସର୍ବନିମ୍ନ ସମ୍ବଳ ସହିତ ବଞ୍ଚିବା' ଏବଂ 'ପ୍ରାକୃତିକ ସମ୍ପଦର ନ୍ୟାୟପୂର୍ଣ୍ଣ ବ୍ୟବହାର' ଥିଲା ବୈଦିକ ସଭ୍ୟତାର ଦୁଇଟି ମୁଖ୍ୟ ନୀତି। ଯାହା ମାନବ ଜୀବନକୁ ନିୟନ୍ତ୍ରଣରେ ରଖିଥିଲା। ଭାରତବର୍ଷର ଶେଷ ହିନ୍ଦୁ ଶାସକ ସମ୍ରାଟ ହର୍ଷବର୍ଦ୍ଧନଙ୍କ ରାଜୁତି ପରେ ବିଶେଷକରି ବିଦେଶୀ ଶାସନ କାଳରେ ଭାରତୀୟ ପ୍ରାଚୀନ ବୈଦିକ ସଂସ୍କୃତି, ପରମ୍ପରା ଏବଂ ମୂଲ୍ୟବୋଧ ଦ୍ରୁତଗତିରେ



ଅବକ୍ଷୟ ହୋଇଚାଲିଲା। ଏଭଳି ସ୍ଥିତିରେ ଆମର ସମଗ୍ର ବିଶ୍ୱ ଦୃଷ୍ଟିଖଣ୍ଡିତ ହେବାରେ ଲାଗିଲା। 'କମ ହିଁ ଅଧିକ' ଆଜି 'ଅଧିକ ମଧ୍ୟ କମ ଅଟେ', 'ସର୍ବେ ଭବନ୍ତୁ ସୁଖୀନଃ' ଆଜି 'ଅହମ ଭବନ୍ତୁ ସୁଖୀନଃ', 'ବସୁଧୈବ କୁଟୁମ୍ବକମ' ଆଜି 'ଲିଭ ଇନ୍ ରିଲେସନଶିପ', 'ମୁଁ ନୁହେଁ ତୁମେ' ଆଜି 'ତୁମେ ନୁହଁ ମୁଁ', 'ପ୍ରକୃତି କୈନ୍ଦ୍ରିକ' ଆଜି 'ଆତ୍ମକୈନ୍ଦ୍ରିକ' ଏବଂ 'ପରିବେଶ ସହ ବନ୍ଧୁତା' ଆଜି 'ପରିବେଶ ସହ ଶତ୍ରୁତା'ରେ ପରିବର୍ତ୍ତିତ ହୋଇଛି। ସବୁକିଛି ମୋର ଏବଂ ଏହା କେବଳ ମୋ ପାଇଁ ଏଭଳି ଅନୁଭବ ଆଜି ମଣିଷଙ୍କ ଭିତରେ ଦୃଢ଼ ଭାବରେ ଘର କରିନେଇଛି। 'ମୁଁ'କାର ଆଜି ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। 'ପ୍ରକୃତି ଆମ ଆତ୍ମାର ବିସ୍ତାର' ଏଭଳି ବୈଦିକ ବିଚାର ଆମ ଚିନ୍ତାଧାରାରୁ କ୍ରମଶଃ ଲୁପ୍ତ ପାଇବାକୁ ଯାଉଛି। ପ୍ରାକୃତିକ ପରିବେଶ ସହ ରହିଥିବା ଆମ ନିବିଡ଼ତାକୁ ଆମେ ଅନୁଭବ କରିପାରୁ ନାହୁଁ। ଆମେ ବ୍ୟକ୍ତିବାଦୀ, ଉପଭୋକ୍ତାବାଦୀ ମାନସିକତାକୁ ଜୀବନର ଲକ୍ଷ୍ୟ କରିନେଇଛୁ। ଫଳସ୍ୱରୂପ ପ୍ରାକୃତିକ ସମ୍ପଦ ଅତ୍ୟଧିକ ମାତ୍ରାରେ ଶୋଷିତ ହୋଇଚାଲିଛି। ପ୍ରାକୃତିକ ଅବୟବଗୁଡ଼ିକ ପ୍ରଭାବହୀନ ହୋଇଛି। ଜଙ୍ଗଲରେ ମୂଲ୍ୟବାନ ବୃକ୍ଷଲତା, ବିରଳ ଜୀବଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଉଛି। ନଦୀ, ହ୍ରଦ ଆଦି ଜଳାଶୟ ଶୁଖିଯାଉଛି। ସେଥିରେ ମଇଳା ଆବର୍ଜନା ଜମା ହେଉଛି। ଅନେକ ସ୍ଥାନରେ ଏଗୁଡିକ ବିଲୁପ୍ତ ହୋଇଗଲେଣି। ବାୟୁମଣ୍ଡଳ ବହୁମାତ୍ରାରେ ପ୍ରଦୂଷିତ ହେଉଛି। ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି।

''ମାନବ ଶରୀର ଜଳ, ଆକାଶ, ବାୟୁ, ଅଗ୍ନି ଓ ପୃଥିବୀ ଆଦି ପଞ୍ଚତତ୍ତ୍ୱରେ ଗଢ଼ା।'' ଏହି ୫ଟି ତତ୍ତ୍ୱ ପୃଥିବୀ ପୃଷ୍ଠରେ ଜୀବନର ଆଧାର। ଆମେରିକୀୟ ଅନ୍ତରିକ୍ଷୀୟ ଗବେଷଣା ସଂସ୍ଥା (ନାସା)ର ତଥ୍ୟ ଅନୁଯାୟୀ, କୌଣସି ୨ୟ ଗ୍ରହରେ ମାନବ ସଭ୍ୟତାର ଜୀବନ ଧାରଣ ପାଇଁ ୫ଟି ତତ୍ତ୍ୱ ନିହାତି ଜରୁରୀ। ତାହା ହେଲା- ଜଳ, ସୂର୍ଯ୍ୟାଲୋକ, ଅମ୍ଳଜାନ, ମନୁଷ୍ୟକୁ ସୁହାଇଲା ଭଳି ତାପମାତ୍ରା ଏବଂ ଯବକ୍ଷାରଜାନ। ହେଲେ ଦୁଃଖର କଥା; ଧର୍ମୀୟ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଜୀବନ ପାଇଁ ଆବଶ୍ୟକ ଏସବୁ ତତ୍ତ୍ୱର ବିନାଶ କାର୍ଯ୍ୟକୁ ମନୁଷ୍ୟ ଆଜି ଖୁବ୍ କ୍ଷିପ୍ର ଗତିରେ ଆରମ୍ଭ କରିଦେଇଛି। ପୃଥିବୀରେ ଜୀବନ ଧାରଣ ପାଇଁ ଯେଉଁ ସବୁ ତତ୍ତ୍ୱ ଅନିବାର୍ଯ୍ୟ ସେସବୁ ମଧ୍ୟରୁ ଅଧିକାଂଶକୁ ଆମେ ନଷ୍ଟ କରିସାରିଛୁ ଅବା ନଷ୍ଟ କରିବା ଦିଗରେ ମାତିଚାଲିଛୁ। ଏହି ପରିପ୍ରେକ୍ଷୀରେ ଆମେ ଯଦି ସମସାମୟିକ ବିପଦପୂର୍ଣ୍ଣ ପରିସ୍ଥିତିରେ ଜୈବ ବିବିଧତାର ସଂରକ୍ଷଣ ପାଇଁ ଚାହିଁବା, ତେବେ ଆମକୁ ଆମ ବୈଦିକ ସଂସ୍କୃତି, ପରମ୍ପରା ଏବଂ ପ୍ରକୃତି ସହ ରହିଥିବା ସମ୍ପର୍କ ସହିତ ମାନବ ସମାଜର ସୌହାର୍ଦ୍ଦ୍ୟକୁ ପୁନର୍ବାର ଅବସ୍ଥାପିତ କରିବାକୁ ପଡ଼ିବ। ପ୍ରକୃତିକୁ ବଞ୍ଚାଇବା ପାଇଁ ସମସ୍ତଙ୍କ ପ୍ରତିବଦ୍ଧତା ଆବଶ୍ୟକ। ଏଥିପାଇଁ ସର୍ବପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ହେବ ଯେ ଜୀବନ ଜିଇବା ପାଇଁ ବର୍ତ୍ତମାନର ଆମ ବିଚାରଧାରା ଉଚିତ ଏବଂ ନ୍ୟାୟସଙ୍ଗତ ନୁହେଁ। ତତ୍‌ସହିତ ଆମକୁ ଏହା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେ ପ୍ରକୃତି ପ୍ରତି ନିଷ୍ଠୁର ହୋଇପଡିଛୁ ଏବଂ ଆମର ଅସୀମ ଲାଳସା ପୂରଣ ପାଇଁ ଆମେ ଜୈବ ବିବିଧତାକୁ କ୍ଷତି ପହଞ୍ଚାଇ ଚାଲିଛୁ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ: ୬୩୭୦୬୭୯୪୦୫**

## ଏଇ ଭାରତରେ

ଝିଅମାନେ କାହାଠାରୁ କମ୍ ନୁହନ୍ତି, ଭାରତର ଝିଅ ସୁଚେତା ସତୀଶ ଏହା ପ୍ରମାଣିତ କରିଛନ୍ତି। ସୁଚେତା କେବଳ ଗୋଟିଏ କିମ୍ବା ଦୁଇଟି ନୁହେଁ ୧୪୦ ଭାଷାରେ ଗୀତ ଗାଇ ତାଙ୍କ ନାମରେ ଏକ ନିଆରା ରେକର୍ଡ ସୃଷ୍ଟି କରିଛନ୍ତି। ଆଜି ପର୍ଯ୍ୟନ୍ତ ବିଶ୍ୱରେ କେହି ଏହି ସଫଳତା ହାସଲ କରିବାକୁ ସକ୍ଷମ ହୋଇନାହାନ୍ତି। ଏହି କାରଣରୁ, ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡରେ ସୁଚେତାଙ୍କ ନାମ ମଧ୍ୟ ରେକର୍ଡ କରାଯାଇଛି। କେରଳର ବାସିନ୍ଦା ସୁଚେତା, ନଭେମ୍ବର ୨୪, ୨୦୨୩ରେ ଦୁବାଇରେ କନସର୍ଟ ଫର କ୍ଲାଇମେଟ୍‌ରେ ଅଂଶଗ୍ରହଣ କରିଥିଲେ। ସେଠାରେ ସେ ଏହି ଅନନ୍ୟ ପ୍ରତିଭା ପ୍ରଦର୍ଶନ କରିଥିଲେ। ଯେତେବେଳେ ଗିନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡସ ତାଙ୍କର ଅନନ୍ୟ ପ୍ରତିଭାକୁ ପ୍ରଶଂସା କଲା, ସେ ନିଜେ ଇନଷ୍ଟାଗ୍ରାମରେ ଏହି ସୂଚନା ଶେୟାର କରିଥିଲେ। ସେ ଲେଖିଛନ୍ତି, ମୁଁ ୨୪ ନଭେମ୍ବର ୨୦୨୩ରେ କନସର୍ଟ ସମୟରେ ୯ ଘଣ୍ଟାରେ ୧୪୦ ଭାଷାରେ ଗୀତ ଗାଇ ଏକ ନୂତନ ଗିନିଜ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସେ ୧୪୦ଟି ଭାଷାରେ ଗୀତ ଗାଇ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଜାନୁଆରୀ ୧୯୭୫

- ଆନ୍ଧ୍ରପ୍ରଦେଶ ବିଧାନସଭାର ରାୟଦୁର୍ଗା ଓ କୋଇଲିକୁନ୍ତଳା ନିର୍ବାଚନମଣ୍ଡଳୀରେ ହୋଇଥିବା ଉପନିର୍ବାଚନରେ କଂଗ୍ରେସ ଦଳ ଉଭୟ ଆସନରୁ ବିଜୟୀ ଘୋଷିତ।
- ଭାରତ ମରିସସ୍‌କୁ ତା'ର ଦ୍ୱିତୀୟ ଯୋଜନା ପାଇଁ ୧୭୫ ନିୟୁତ ଟଙ୍କା ମଧ୍ୟରୁ ୧୦୦ ନିୟୁତ ଟଙ୍କା ଋଣ ଆକାରରେ ଦେବା ନେଇ ଘୋଷଣା।

## ଚିରନ୍ତନୀ

ସଂଗ୍ରାମ ନିଶା ପିଇ
ସର୍ବହରାର ସୈନିକ ଆଜି ମାଟିରୁ
ଉଠଇ ଜୀଇଁ
ଶୋଷକ ଭିତରେ ସରିଛି ଲଢ଼େଇ
ଆବର ରହିଛି ବାକି
ଶୋଷିତ ଉଠିଛି ଡାକି!
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିରୋଧୀବିହୀନ ଗଣତନ୍ତ୍ର

ମହାଶୟ,

ଦେଶପ୍ରେମୀମାନେ ଲହୁଲୁହ ଦେଇ ଦେଶକୁ ସ୍ୱାଧୀନ କଲେ ଓ ଦେଶକୁ ସାର୍ବଭୌମ ଗଣତନ୍ତ୍ରରେ ପରିଣତ କଲେ। ଲୋକେ ପ୍ରତ୍ୟକ୍ଷଭାବେ ସାଂସଦମାନଙ୍କୁ ନିର୍ବାଚିତ କରି ସଂସଦ ଭବନକୁ ପଠାଉଛନ୍ତି। ଦୀର୍ଘ ୭୫ବର୍ଷ ପରେ ଦେଶ ଆଜି ଏକଚ୍ଛତ୍ରବାଦୀ ଶାସନରେ ପରିଣତ ହୋଇଗଲାଣି। ସରକାର ଜାଣିବା ଉଚିତ ଯେ ପାର୍ଲାମେଣ୍ଟ କେବଳ ସରକାରୀ ଦଳର ନୁହେଁ, ଏଥିରେ ବିରୋଧୀ ଦଳ ସଦସ୍ୟଙ୍କର ବି ଅଧିକାର ଅଛି। ଲୋକେ ନିର୍ବାଚିତ କରି ପଠାଇଥିବା ସଦସ୍ୟମାନଙ୍କୁ ସରକାର କେଉଁ ଅଧିକାରରେ ସଂସଦରୁ ବହିଷ୍କାର କରିଛନ୍ତି। ତାଙ୍କୁ ଏ ଅଧିକାର ଦେଲା କିଏ? ବିରୋଧୀ ଦଳବିହୀନ ଦେଶକୁ କଦାପି ଗଣତନ୍ତ୍ର ଦେଶ କୁହାଯାଇପାରିବ ନାହିଁ। ଏତେଦିନ ପରେ ଆଜି ଗଣତନ୍ତ୍ର ଲୋପପାଇ ଏକଚ୍ଛତ୍ରବାଦୀ ଦେଶରେ ପରିଣତ ହେବାକୁ ବସିଲାଣି। ସରକାରୀ ଦଳର ଅହଙ୍କାର ଏତେ ବଢ଼ିଯାଇଛି ଯେ ଆଜି ଏତେବଡ଼ ଗଣତାନ୍ତ୍ରିକ ଦେଶକୁ ଏକଚ୍ଛତ୍ରବାଦୀ ଦେଶରେ ପରିଣତ କଲେଣି।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦିଲୀପଙ୍କ ମୃତଦେହ ଅପେକ୍ଷାରେ ମା’

## ହାଇଟେକ୍ ହସ୍ପିଟାଲରେ ବିସ୍ଫୋରଣ ଘଟଣା



ଏମ୍ସ ଶବ ବ୍ୟବଚ୍ଛେଦ ଗୃହ ନିକଟରେ କାନ୍ଦି କାନ୍ଦି ଶୋଇଯାଇଥିବା ଦିଲୀପଙ୍କ ମା’ ଅହଲ୍ୟା।

ଭୁବନେଶ୍ୱର,୭।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ହାଇଟେକ୍ ହସ୍ପିଟାଲ ଏସି କମ୍ପ୍ରେସରରେ ଗ୍ୟାସ୍ ଭର୍ତ୍ତିବେଳେ ବିସ୍ଫୋରଣ ଘଟଣାକୁ ରବିବାର ୧୦ଦିନ ପୂରିଛି। ଇତିମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ମୃତଦେହ ଚିହ୍ନଟରେ ତ୍ରୁଟି ଯୋଗୁ ଜଣେ ମୃତକ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ବଅଙ୍ଗ ଗ୍ରାମର ଦିଲୀପ ସାମନ୍ତରାୟଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି। ଏହି ଦୁଃଖଦ ଘଟଣାକୁ ନେଇ ସବୁଠି ଚର୍ଚ୍ଚା ଲାଗି ରହିଛି। ତେବେ ତୃତୀୟ ମୃତକ ଦିଲୀପ ବୋଲି ପରିବାର ଲୋକେ ଚିହ୍ନିଥିଲେ ମଧ୍ୟ ମୃତଦେହ ହସ୍ତାନ୍ତର କରାଯାଉନାହିଁ। ମୃତଦେହ ଚିହ୍ନଟରେ ପ୍ରଥମେ ଭୁଲ୍ ହୋଇଥିବାରୁ ତୃତୀୟ ମୃତଦେହର ହସ୍ତାନ୍ତର ପ୍ରକ୍ରିୟା ଆଇନ ଅନୁଯାୟୀ କରାଯିବ। ଡିଏନ୍ଏ ଟେଷ୍ଟରୁ ମୃତକଙ୍କ ପରିଚୟ ସ୍ପଷ୍ଟ ନ ହେବା ଯାଏ, ଉକ୍ତ ମୃତଦେହକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ପୋଲିସ କହୁଛି। ହେଲେ ଦିଲୀପଙ୍କ ପରିବାର ଲୋକେ ଏହାକୁ ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏଭଳିସ୍ଥିତିରେ ପୁଅ ଦିଲୀପଙ୍କ ମୃତଦେହ ନେଇ ଅନ୍ତିମ ସତ୍କାର କରିବାକୁ ଅପେକ୍ଷା କରିଛନ୍ତି ମା’ ଅହଲ୍ୟା। ଭୁବନେଶ୍ୱର ଏମ୍ସ ପରିସରରେ ରବିବାର ଏହାକୁ ନେଇ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏମ୍ସ ମୃତଦେହ ବ୍ୟବଚ୍ଛେଦ ଗୃହ ସାମ୍ନାରେ ମା’ ଅହଲ୍ୟା ଜଗି ବସିଥିଲେ। ମଝିରେ ମଝିରେ କାନ୍ଦି କାନ୍ଦି ଚେତାଶୂନ୍ୟ ହୋଇଯାଉଥିଲେ। ବାହୁନି କାନ୍ଦି କହୁଥିଲେ, ପୁଅ ମଲା, ବୋହୂ ବି ମଲା, ମୁଁ ବି ମରିବି। ଜ୍ୟୋତିରଞ୍ଜନଙ୍କ ପରିବାର ଲୋକ କହିଲେ, ଆମର କିଛି ଦାବି ନାହିଁ। ତୃତୀୟ ମୃତକ ତମରି ପୁଅ। ଏହି ମୃତଦେହକୁ ନେଇ ତମେ ଘରକୁ ଯାଅ। ହେଲେ ଏମାନେ ମୋ ପୁଅର ମୃତଦେହକୁ କାହିଁକି ଛାଡୁନାହାନ୍ତି ବୋଲି ଅହଲ୍ୟା ନିରାଶାରେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଦିଲୀପ କୁହାଯାଉଥିବା ତୃତୀୟ ମୃତଦେହର ରବିବାର ବ୍ୟବଚ୍ଛେଦ କରାଯାଇଛି। ଏଥିସହ ଡିଏନ୍ଏ ଟେଷ୍ଟ ଲାଗି ମୃତଦେହ ସମେତ ଦିଲୀପଙ୍କ ମା’ ଏବଂ ଜ୍ୟୋତିରଞ୍ଜନଙ୍କ ମା’ବାପାଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଦିଲ୍ଲୀ ପଠାଯାଇଛି। ଡିଏନ୍ଏ ରିପୋର୍ଟ ଆସିବାକୁ ୭ ଦିନ ଲାଗିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ସରକାରଙ୍କ ପକ୍ଷରୁ ତଦନ୍ତ ହେଉଛି: ହାଇଟେକ୍ ସିଇଓ

ମୃତଦେହ ଚିହ୍ନଟ ବିଭ୍ରାଟରେ ଜ୍ୟୋତିରଞ୍ଜନ ଓ ଦିଲୀପଙ୍କ ପରିବାର ଲୋକ ହାଇଟେକ୍ ହସ୍ପିଟାଲ ଓ ପୋଲିସକୁ ଦୋଷ ଦେଇ ଆସୁଛନ୍ତି। ଏଭଳିସ୍ଥିତିରେ ରବିବାର ହସ୍ପିଟାଲର ସିଇଓ ସ୍ମିତା ପାଢ଼ୀ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଘଟଣାର ତଦନ୍ତ କରାଯାଉଛି। ବିସ୍ଫୋରଣ କିଭଳି ହେଲା, ଏଥିପାଇଁ ଦାୟୀ କିଏ, ମୃତକଙ୍କ ଚିକିତ୍ସା ଠିକ୍ ଭାବେ ହୋଇଛି କି ନାହିଁ, ଏସବୁ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ସୋମନାଥ ମନ୍ଦିରକୁ ଘଣ୍ଟ ଦେବାକୁ ମାନସିକ କରିଥିଲେ ଅହଲ୍ୟା

ପ୍ରଥମେ ଦୁଃଖ, ତା’ପରେ ସାମାନ୍ୟ ଖୁସି, ପୁଣି ଶେଷରେ ସେହି ହୃଦୟ ବିଦାରକ ଖବର। ଜୀବନ ମରଣର ଏଭଳି ଚକ୍ରବ୍ୟୁହରେ ଛନ୍ଦି ହୋଇଯାଇଥିଲେ ଦିଲୀପଙ୍କ ୭୨ ବର୍ଷୀୟା ମା’ ଅହଲ୍ୟା। ଜଣେ ମା’ ଏଭଳି ପରିସ୍ଥିତି ଦେଇ ଗତି କରିବେ ବୋଲି କେହି ଭାବି ନ ଥିଲେ। ପୁଅ ଓ ବୋହୂଙ୍କ ମୃତ୍ୟୁ ଖବର ପାଇ ଅହଲ୍ୟା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ି ଖାଇବା ଛାଡ଼ି ଦେଇଥିଲେ। ହେଲେ ଗୁରୁବାର ପୁଅ ଜୀବିତ ଥିବା ଜାଣିବାକୁ ପାଇ ସେ ପୁଣି ଥରେ ବଞ୍ଚିବାର ରାହା ପାଇ ପେଟକୁ ଟିକେ ଖାଦ୍ୟ ଦେଇଥିଲେ। ଏଥିପାଇଁ ସେ ଠାକୁରଙ୍କୁ ମନାସି କୋଟି ଜୁହାର ବି ଦେଉଥିଲେ। ସ୍ଥାନୀୟ ହରିରାଜପୁରସ୍ଥିତ ସୋମନାଥ ମନ୍ଦିରକୁ ଏକ ଘଣ୍ଟ ଦେବାକୁ ବି ସେ ମାନସିକ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ହସ୍ପିଟାଲ ବେଡ୍‌ରେ ଥିବା ପୁଅ ତାଙ୍କ ସହ କଥା ହେବା ବେଳେ ସେ ଆଖିରୁ କେତେ ଖୁସିର ଲୁହ ଝରାଇଥିଲେ। ହେଲେ ଏହାର କିଛିଘଣ୍ଟା ପରେ ପୁଣି ତାଙ୍କ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ପୁଅର ପୁଣି ମୃତ୍ୟୁ ଖବର ପାଇ ଅହଲ୍ୟା ନିଜକୁ ଅଟକାଇ ପାରି ନ ଥିଲେ। ହସ୍ପିଟାଲସ୍ଥିତ ଗଛ ମୂଳେ ସେ କାନ୍ଦି କାନ୍ଦି ଗଡିଯାଉଥିଲେ। ପୁଅକୁ ଝୁରି ହୋଇ ଦୁଇଦିନ ହେବ ଖାଇବାପିଇବା ଛାଡ଼ି ଦେଇଥିବା ଜଣାପଡ଼ିଛି।

## ପଳାଶ କାଠ କୋକେଇରେ ନେଇ ସତ୍କାର କରିବେ ଜ୍ୟୋତିଙ୍କ ପରିବାର

ପ୍ରଥମେ ଜ୍ୟୋତିରଞ୍ଜନଙ୍କ ମୃତଦେହକୁ ଦିଲୀପଙ୍କ ମୃତଦେହ କହି ଦିଆଗଲା। ଦିଲୀପଙ୍କ ସମ୍ପର୍କୀୟ ଉକ୍ତ ମୃତଦେହକୁ ନେଇ ଗାଁ ଶ୍ମଶାନରେ ସତ୍କାର କରିଦେଲେ। ହେଲେ ପରେ ତାହା ଜ୍ୟୋତିରଞ୍ଜନଙ୍କ ମୃତଦେହ ଥିଲା ବୋଲି ଜଣାପଡ଼ିଥିଲା। ଏପଟେ ଜ୍ୟୋତିରଞ୍ଜନଙ୍କ ଅନ୍ତିମ ସତ୍କାର କରିବାକୁ ମୃତଦେହ ବି ପରିବାର ଲୋକ ପାଇ ନ ଥିଲେ। ଏଭଳିସ୍ଥିତିରେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କୁଳବ୍ରାହ୍ମଣସାଇଲୋ ଗ୍ରାମର ଜ୍ୟୋତିରଞ୍ଜନଙ୍କ ପରିବାର ଦଶାହ କର୍ମ ପାଇଁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ଜ୍ୟୋତିରଞ୍ଜନଙ୍କ ଦଶାହ ଦିନ ପଳାଶ କାଠକୁ କୋକେଇରେ ନେଇ ପୋଡ଼ିବେ ବୋଲି ପରିବାର ଲୋକେ ନିଷ୍ପତ୍ତି ନେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମଳୟ



@ ରୋହିତ୍



@ ଲକି



@ ସୌମ୍ୟରଞ୍ଜନ



@ ରଶ୍ମି



@ ଅର୍ଜୁନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୭।୦୧।୨୦୨୪

| | |
|---|---|
| ୫,୭୮, ୯୩୦ ଟଙ୍କା | |
| ସୁନା | ୧୮.୭୨୦ ଗ୍ରାମ୍ |
| ରୁପା | ୧୮.୭୦୦ ଗ୍ରାମ୍ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ବାର୍ଷିକ ବିଜ୍ଞାନ ଓ କଳା ପ୍ରଦର୍ଶନୀ, ଷ୍ଟୁଆର୍ଟ ସ୍କୁଲ ପରିସର, ସିଆର୍‌ପି ସ୍କୋୟାର, ସକାଳ ୮ଟା ୩୦।
- ଆଦିବାସୀ ମହାସଂଘ, ଓଡ଼ିଶା ପକ୍ଷରୁ ବିଭିନ୍ନ ଦାବିରେ ଆନ୍ଦୋଳନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ପୋର୍ଟଫୋଲିଓ ଷ୍ଟୁଡିଓ ଉଦ୍‌ଘାଟନ ଉତ୍ସବ, ଶ୍ରୀରାମ ନିବାସ, ଏନ୍–୪/୬୦, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୧ଟା।
- ସୃଜନ ଏବଂ ଜେକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଅନ୍ତରଦ୍ରିଷ୍ଟି କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।



୩ ଦିନିଆ ଓଡ଼ିଶାଗସ୍ତରେ ଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର କଟକ ଜିଲା ଆଠଗଡ଼ସ୍ଥିତ ପ୍ରସିଦ୍ଧ ଧବଳେଶ୍ୱର ମନ୍ଦିର ପରିଦର୍ଶନରେ ଆସି ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି।

## ଚିଲିକାରେ ୨ ଘଣ୍ଟା ଫସିଲେ କେନ୍ଦ୍ର ମନ୍ତ୍ରୀ

ବ୍ରହ୍ମଗିରି, ୭।୧(ସ୍ୱାଧୀନ ଚମ୍ପତିରାୟ)

ଚିଲିକାରେ ସାଗର ପରିକ୍ରମା ପ୍ରକଳ୍ପ ଓ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିବାକୁ ରବିବାର କେନ୍ଦ୍ର ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା ଆସିଥିବାବେଳେ ଚିଲିକା ମଧ୍ୟରେ ୨ ଘଣ୍ଟା ଫସିରହିଥିଲେ। ଯସୂଚନା ଅନୁଯାୟୀ, ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦାଠାରେ ସାଗର ପରିକ୍ରମା ଓ ସ୍ଥାନୀୟ ମତ୍ସଜୀବୀଙ୍କ ସମସ୍ୟା ନେଇ ଏକ ଆଲୋଚନା କାର୍ଯ୍ୟକ୍ରମ ହେବାର ଥିଲା। ଏଥିରେ ଯୋଗଦେବା ପାଇଁ କେନ୍ଦ୍ର ମତ୍ସ୍ୟ ସମ୍ପଦ, ପଶୁପାଳନ ଏବଂ ଦୁଗ୍ଧ ବିକାଶ ମନ୍ତ୍ରୀ ରୂପାଲା ଭାଜପା ପ୍ରବକ୍ତା ସମ୍ବିତ ପାତ୍ରଙ୍କ ସହିତ ରବିବାର ଅରଖକୁଦାକୁ ମୋଟରଚାଳିତ ଡଙ୍ଗା ଯୋଗେ ଚିଲିକାରେ ଯାଉଥିଲେ। ଏହି ସମୟରେ କାଳିଯାଇ ଗଣ୍ଡ ନିକଟରେ ଉକ୍ତ ଡଙ୍ଗାର ମୋଟରରେ ଜାଲ ଲାଗିଯାଇଥିଲା। ଫଳରେ ଡଙ୍ଗାଟି ଚିଲିକାରେ ୨ଘଣ୍ଟା ଫସି ରହିଥିଲା। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସାତପଡ଼ା ଓ ବାଲୁଗାଁରୁ ଦୁଇଟି ଉଦ୍ଧାରକାରୀ ଡଙ୍ଗା ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ପରେ କେନ୍ଦ୍ର ମନ୍ତ୍ରୀଙ୍କ ଅରଖକୁଦା ଗସ୍ତ ବାତିଲ କରାଯାଇଥିଲା। ପରେ ସାତପଡ଼ାଠାରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ମତ୍ସ୍ୟଜୀବୀମାନେ ଚିଲିକା ଖନନ ସହ କେତେକ ଦାବି ଉପସ୍ଥାପନ କରିଥିଲେ।

## ସୁସ୍ଥ ହେଲେ ପଦ୍ମଶ୍ରୀ କମଳା ପୂଜାରୀ

କଟକ,୭।୧
(ଶିଳ୍ପା ପ୍ରିୟଦର୍ଶିନୀ

ଏସ୍‌ସିବି ମେଡିକାଲରେ ଚିକିତ୍ସା ପରେ ପଦ୍ମଶ୍ରୀ କମଳା ପୂଜାରୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଖୁବ୍‌ଶୀଘ୍ର ମେଡିକାଲରୁ ତାଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ଭେଷଜ ବିଭାଗର ବରିଷ୍ଠ ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ପୂର୍ବରୁ ପୂଜାରୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ। ଏହାଛଡା ସେ ନିମୋନିଆରେ ଆକ୍ରାନ୍ତ ହୋଇଥିବାବେଳେ ଉଚ୍ଚ ରକ୍ତଚାପ ଓ ରକ୍ତହୀନତା ଥିବା ଜଣାପଡ଼ିଥିଲା। ଫଳରେ ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଚିକିତ୍ସା ପାଇଁ ଏକ ଡାକ୍ତରୀ ଟିମ୍ ଗଠନ ହୋଇଥିଲା। ଡା. ଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଟିମ୍‌ରେ ପ୍ରଫେସର ବିଜୟ ବେହେରା, ଡା. ଶୁଭେନ୍ଦୁ ଆଚାର୍ଯ୍ୟ, ନେଫ୍ରୋଲୋଜି ବିଭାଗ ଡା. ଅରୁଣା ଆଚାର୍ଯ୍ୟ, ରେସ୍‌ପିରେଟୋରୀ ମେଡିସିନ୍ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତି ପଟ୍ଟନାୟକ, ଡା. ମନୋରଞ୍ଜନ ଦାସ ରହି ପୂଜାରୀଙ୍କ ଚିକିତ୍ସା କରିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଗୋଆ ମୁଖ୍ୟମନ୍ତ୍ରୀ

ପୁରୀ, ୭।୧(ଅଜିତ ମହାନ୍ତି)

ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ସପରିବାର ରବିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ସାୱନ୍ତଙ୍କୁ ଜିଲା ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସାୱନ୍ତ ପରିବାର ସହିତ ଶ୍ରୀମନ୍ଦିରକୁ ଯାଇ ଶ୍ରୀବିଗ୍ରହ ଓ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିବା ସହ କିଛି ସମୟ ଅତିବାହିତ କରି ଫେରିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ସେ ଖୁସି ଥିବା କହିଥିଲେ। ଆଜାଦି କି ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖିଥିବା ବିକଶିତ ଭାରତର ସ୍ୱପ୍ନ ସଫଳ ହେଉ ବୋଲି ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିବା କହିଛନ୍ତି। ଗୋଆର ଅର୍ଥନୀତିକୁ ସମୃଦ୍ଧି ମିଳିବା ଓ ଗୋଆ ଅଧିବାସୀଙ୍କ ପାଇଁ ମହାପ୍ରଭୁଙ୍କ ନିକଟରେ ମଙ୍ଗଳ କାମନା କରିଥିବା ସେ ପ୍ରକାଶ କରିଥିଲେ। ଓଡ଼ିଶାରେ ଶ୍ରୀମନ୍ଦିର ବିକାଶର କାର୍ଯ୍ୟକୁ ନେଇ ସେ ପ୍ରଶଂସା କରିଛନ୍ତି। ଏଥିସହ କାଶୀବିଶ୍ୱନାଥ, ମହାକାଳେଶ୍ୱର ଆଦିର କରିଡରକୁ ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ସମାରୋହ

# ଚନ୍ଦନ ଶ୍ରେଷ୍ଠ ନାୟକ, ସୁପ୍ରିୟା ଶ୍ରେଷ୍ଠ ନାୟିକା

କଟକ,୭।୧ (କାର୍ତ୍ତିକ ସାହୁ)



ଅଭିନେତ୍ରୀ ସରସ୍ୱତୀ ଦେବୀଙ୍କୁ ନିତାଇ ପାଲିତ ସମ୍ମାନ ପ୍ରଦାନ କରାଯାଉଛି।





ଶ୍ରେଷ୍ଠ ନାୟିକା ସୁପ୍ରିୟା ନାୟକ, ଶ୍ରେଷ୍ଠ ନାୟକ ଚନ୍ଦନ କର।

ସିନେମା ପତ୍ରିକା ଚଳଚ୍ଚିତ୍ର ଜଗତ ପକ୍ଷରୁ ୪୮ତମ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ମୁରାରକା ଶ୍ରେଷ୍ଠ ପୁରସ୍କାରରେ ଚନ୍ଦନ କରଙ୍କୁ ଶ୍ରେଷ୍ଠ ନାୟକ ଓ ସୁପ୍ରିୟା ନାୟକଙ୍କୁ ଶ୍ରେଷ୍ଠ ନାୟିକା ଭାବେ ସମ୍ମାନିତ କରାଯାଇଛି। ଏଥିସହ ଶ୍ରେଷ୍ଠ ଗୀତିକାର ଅରୁଣ ମନ୍ତ୍ରୀ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ହ୍ୟୁମାନ୍ ସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବରିଷ୍ଠ ଅଭିନେତ୍ରୀ ସରସ୍ୱତୀ ଦେବୀଙ୍କୁ ଚଳଚ୍ଚିତ୍ର ଜଗତ ପ୍ରଦତ୍ତ ନିତାଇ ପାଲିତ ସମ୍ମାନ, ନିର୍ଦ୍ଦେଶକ ତଥା ଅଭିନେତା ପ୍ରମୋଦ ରଞ୍ଜନ ମହାନ୍ତିଙ୍କୁ ଭୀମ ସିଂ ସମ୍ମାନ ଏବଂ ସଙ୍ଗୀତ ନିର୍ଦ୍ଦେଶକ ତଥା ତବଲା ବାଦକ ଦିବଂଗତ ରାଧାକାନ୍ତ ନନ୍ଦଙ୍କୁ ମରଣୋତ୍ତର ଭାବେ ଜେଇ କ୍ୟାସେଟ୍ କମ୍ପାନୀର ପ୍ରତିଷ୍ଠାତା ସତ୍ୟନାରାୟଣ ଅଗ୍ରୱାଲଙ୍କ ନାମରେ ନାମିତ ସମ୍ମାନ ପ୍ରଦାନ କରାଯାଇଛି। ରାଧାକାନ୍ତଙ୍କ ସ୍ତ୍ରୀ ନିରୁପମା ନନ୍ଦ ଓ ପୁଅ ବିଭୂପ୍ରସାଦ ନନ୍ଦ ଏହି ସମ୍ମାନ ଗ୍ରହଣ କରିଥିଲେ। ୨୦୨୩ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର, ବିଭିନ୍ନ ଟିଭି ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ୨୫ ଜଣ କଳାକାର ଓ ଟେକ୍ନିସିଆନ୍‌ଙ୍କ ସମେତ ଅନ୍ୟ ପ୍ରତିଭାଧରଙ୍କୁ ସମ୍ମାନିତ କରାଯାଇଛି।

ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ନରହରି ସେଠୀ, ଓୟୁଏଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଲୋକସେବକ ମଣ୍ଡଳ ଓଡ଼ିଶା ଶାଖାର ଅଧ୍ୟକ୍ଷ ନିରଞ୍ଜନ ରଥ, ସିଏମ୍‌ସି ମେୟର ସୁବାସ ସିଂ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡା. ନିରଞ୍ଜନ ତ୍ରିପାଠୀ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଆଦିକନ୍ଦ ରାଉତ ବିବରଣୀ ପାଠ, ସହସମ୍ପାଦକ ବିଜୟ ରାଉତରାୟ ସ୍ୱାଗତ ଭାଷଣ, ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ।

## କୃଷ୍ଣା ମହାନ୍ତି ପାଇବେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର

ଭୁବନେଶ୍ୱର,୭।୧(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଶାର ବିଶିଷ୍ଟ ଗାନ୍ଧୀବାଦୀ ସର୍ବୋଦୟ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତି ୨୦୨୩ ବର୍ଷ ପାଇଁ ସମ୍ମାନଜନକ ‘ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର’ ପାଇବେ। ଗାନ୍ଧୀ ତଥା ସର୍ବୋଦୟ ବିଚାରର ସର୍ବୋଚ୍ଚ ସଂଗଠନ ସର୍ବ ସେବା ସଂଘ (ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ପକ୍ଷରୁ ରାଜସ୍ଥାନର ଜୟପୁରଠାରେ ସଂଘର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ଏହି ସମ୍ମାନ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଛି। ସର୍ବ ସେବା ସଂଘର ଆଗାମୀ ରାଷ୍ଟ୍ରୀୟ ଅଧିବେଶନରେ କୃଷ୍ଣାଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ନିମନ୍ତେ ସମ୍ମାନ ପତ୍ର ସହ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚନ୍ଦନ ପାଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।








ଇନ୍‌ଫୋସିସ୍ ଛକରୁ ଶିଖରଚଣ୍ଡୀ ପାହାଡ଼ ପର୍ଯ୍ୟନ୍ତ ରାସ୍ତାରେ ରବିବାର ଆୟୋଜିତ ଦ୍ୱିତୀୟ ପଥ ଉତ୍ସବରେ ବିଭିନ୍ନ ବେଶରେ ସଚେତନ କରୁଥିବା ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ସହ ଅତିଥି ଏବଂ ଉତ୍ସାହିତ ସହରବାସୀ।

# ନାଚଗୀତ ଭିତରେ ସଚେତନତା

## ପଥ ଉତ୍ସବ

### ୨୧ରେ ବର୍ଷର ଶେଷ ପଥ ଉତ୍ସବ

ଭୁବନେଶ୍ୱର, ୭।୧ (ବନ୍ଦନା ସେଠୀ)



ନାଚଗୀତ ସାଙ୍ଗକୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପ୍ରକମ୍ପିତ ହେଲା ଇନ୍‌ଫୋସିଟି-ଶିଖରଚଣ୍ଡୀ ଅଞ୍ଚଳ। ଏହା ଭିତରେ ସଚେତନ ହୋଇଥିଲେ ରାଜଧାନୀବାସୀ। ଅବସର ଥିଲା ରବିବାର ଅନୁଷ୍ଠିତ ଦ୍ୱିତୀୟ ପଥ ଉତ୍ସବ। ସକାଳୁ ସକାଳୁ ହଜାର ହଜାର ଦର୍ଶକଙ୍କ ଉପସ୍ଥିତି ପରିବେଶକୁ ପୂରା ସରଗରମ କରିଦେଇଥିଲା। ପ୍ରାରମ୍ଭରେ ସିଜ୍‌ଲର୍ସ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ରୋମାଞ୍ଚକର ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କଣ୍ଠଶିଳ୍ପୀ ପ୍ରଜ୍ଞା ହୋତା ଓ ସତ୍ୟଜିତ୍ ପ୍ରଧାନଙ୍କ 'ଲେ ଲେ ଲଚକା ମଣି', 'ଏକ୍‌ଡା ଏକ୍‌ଡା ରା', 'ରଙ୍ଗବତୀ' ଭଳି ଲୋକପ୍ରିୟ ଗୀତରେ ଝୁମିଥିଲେ ଲୋକେ। ଶିଖରଚଣ୍ଡୀ ଛକରୁ ଇନ୍‌ଫୋସିଟି ଛକ ପର୍ଯ୍ୟନ୍ତ ରାସ୍ତାରେ ଝୋଟି, ବିଏମ୍‌ସିର ପରିମଳ ସଚେତନତା, ଗଜଲ, କିଡୋ କିଙ୍ଗଡମ, ଜୁମ୍ବା, ହେଲ୍‌ଥ କ୍ୟାମ୍ପ, ୱେଲନସ୍ କର୍ନର, ସ୍ପୋର୍ଟସ, କ୍ରାଫ୍ଟ ଜୋନ୍, ଓପନ ଜିମ୍ ଆଦି ବହୁ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସାଙ୍ଗକୁ ସାଇ ଇଣ୍ଟରନ୍ୟାଶ୍‌ନାଲ ସ୍କୁଲର ପିଲାଙ୍କ ଦ୍ୱାରା ସ୍କେଟିଂ, ଝୋଟି ଆଦି ଆକର୍ଷଣ ସାଜିଥିଲା। ସେହିପରି ବିଟ୍ ବକ୍ସିଂ, ଗୀଟାରିଷ୍ଟ, କମେଡି, ବାସ୍କେଟବଲ୍, ବ୍ୟାଡ୍‌ମିଟନ୍, ସ୍ଲାଇଡ୍, ସାପ-ଶିଡି ଖେଳ, ଏକ ଚକିଆ ସାଇକେଲ ଚାଳନା, ପେଣ୍ଟିଂ, ଡ୍ରଇଂ, କ୍ଲେ ମଡେଲିଂ ଇତ୍ୟାଦିର ମଜା ନେଇଥିଲେ ଲୋକେ। ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟ ମଞ୍ଚ ନିକଟରେ ଦେଖଣାହାରିଙ୍କ ପାଇଁ ଭିନ୍ନ ଆସର ଜମିଥିଲା। ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତ, କମେଡି, ଏକକ ଅଭିନୟ ଲୋକଙ୍କୁ ବାନ୍ଧି ରଖିଥିଲା। ଚଳିତ ବର୍ଷର ଶେଷ ପଥ ଉତ୍ସବ ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ମନ କିଣିଲା ନୁକଡ଼୍, ରଣପା ନାଚ

ପ୍ରଥମଥର ପାଇଁ ପଥ ଉତ୍ସବରେ 'ନୁକଡ୍' ପରିବେଷଣ କରାଯାଇଥିଲା। ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରିବାର ଅଭିନବ ପ୍ରୟାସକୁ ସାଧାରଣ ଲୋକେ ବେଶ୍ ପ୍ରଶଂସା କରିଥିଲେ। ସେହିପରି 'ରଣପା ନୃତ୍ୟ' ଓ ଯୋଡ଼ିଶଙ୍ଖ ବାଦ୍ୟ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା।



### ଖୁସି ଭରିଦେଲା 'ଫ୍ରି ହଗ୍'

ପଥ ଉତ୍ସବର ଅନ୍ୟତମ ଆକର୍ଷଣ ପାଲଟିଥିଲା 'ଫ୍ରି ହଗ୍'। ଯୁବତୀ ଯୁବକ ହାତରେ 'ଫ୍ରି ହଗ୍' ଲେଖାଥିବା ପ୍ଲାକାର୍ଡ ଧରି ଠିଆ ହୋଇଥିଲେ। ଅନେକ ଲୋକ ସେମାନଙ୍କୁ ପାଖକୁ ଯାଇ ଆଲିଙ୍ଗନ କରି ଚାଲି ଆସୁଥିଲେ। ଏହି ସମୟରେ ଜଣେ ବ୍ୟକ୍ତି କାନ୍ଦି ପକାଉଥିବା ଦେଖିବାକୁ ମିଳିଥିଲା। ବ୍ୟସ୍ତବହୁଳ ସମୟରେ ଲୋକଙ୍କ ପାଖରେ ଅନ୍ୟପାଇଁ ସମୟ ନାହିଁ। ତେଣୁ ନିଜକୁ ଏକୁଟିଆ ଅନୁଭବ କରୁଥିବା ଲୋକଙ୍କ ପାଇଁ ଏହି କନ୍‌ସେପ୍ଟ ବହୁତ ଆନନ୍ଦ ଦେଇଥିଲା। ସେହିପରି 'ସ୍କାନ୍ ଟୁ ସି ସମ୍‌ଥିଙ୍ଗ୍ ବିୟୁଟିଫୁଲ୍' କାର୍ଡ ଧରି ମଧ୍ୟ ପିଲାମାନେ ଠିଆ ହୋଇଥିଲେ। ସେଥିରେ ସ୍କାନ୍ କରିବା ପରେ ସମସ୍ତଙ୍କ ପାଇଁ ଗୋଟିଏ ମେସେଜ୍ ଆସୁଥିଲା। ତାହା ହେଉଛି 'ଆପଣ ବି ସୁନ୍ଦର'।

### ଆକର୍ଷିତ କଲା କୌତୁକିଆ ପୋଷାକ

ହେଲ୍ପମେଟ ପକ୍ଷରୁ ପଥ ଉତ୍ସବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ବୃକ୍ଷରୁ ପବନ, ପବନ ରୁ ଜୀବନ' ବିଷୟ ଉପରେ କୌତୁକିଆ ପୋଷାକ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପଥଚାରୀଙ୍କୁ ବୃକ୍ଷ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ ଓ ସହ ସମ୍ପାଦିକା ଲିନା ମିଶ୍ର କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରିଥିଲେ। ଅତିଥି ଭାବେ ବିଜ୍ଞାନ ଓ କାରିଗରି କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଏମ୍‌ପି ସୁଲତା ଦେଓ, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମତ୍ସ୍ୟ ନିଗମର ଅଧ୍ୟକ୍ଷ ସୁବାଷ ପାତ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, କଲ୍‌ଚରାଲ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ ଓ ପ୍ରୀତିନନ୍ଦା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ୟାଲେଣ୍ଟ ଦେଖାଇଲେ ପେଟ୍ ଡଗ୍

ପଥ ଉତ୍ସବରେ ପ୍ରଥମ କରି ପେଟ୍ ଡଗ୍ ଶୋ' ରଖାଯାଇଥିଲା। ଥିମ୍ ରହିଥିଲା 'ପଜ୍ ଆଣ୍ଡ୍ ପ୍ଲେ'। ୧୨ରୁ ଊର୍ଦ୍ଧ୍ୱ ମାଲିକ ସେମାନଙ୍କ ପେଟ୍‌ଡଗ୍ ସହ ସାମିଲ ହୋଇଥିଲେ। ଏକ ସ୍ୱତନ୍ତ୍ର ଷ୍ଟେଜ୍‌ରେ ପେଟ୍‌ଡଗ୍‌ମାନେ ଟ୍ୟାଲେଣ୍ଟ ଦେଖାଇଥିଲେ। କିଏ ମାଲିକଙ୍କ କଥାରେ ଗୋଡ଼ ଯୋଡି ପ୍ରଣାମ କରୁଥିଲା ତ ଆଉ କିଏ ଉଠବସ୍ ହେଉଥିଲା। ଆଉ କିଏ ସଲାମ୍ କରିବା ଢଙ୍ଗରେ ଗୋଡ଼ ଟେକୁଥିଲା।






ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ଛାତ୍ରୀଛାତ୍ର ଓ ସ୍କେଟିଂ ଟିମ୍।



ପଥ ଉତ୍ସବରେ ଦୁଇ ଯୁବତୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଶିଶିର ସରସ ମେଳାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଷ୍ଟଲ୍

### ପ୍ରଚାରିତ ହେଉଛି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୭।୧ (ଶର୍ମିଷ୍ଠା ପାଣିଗ୍ରାହୀ)-ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡିଆଠାରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରଦର୍ଶନୀ 'ଶିଶିର ସରସ-୨୦୨୪' ମେଳାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଚାର କରାଯାଉଛି। ଏକ ସ୍ୱତନ୍ତ୍ର ଏଲଇଡ଼ି ଭିଡିଓ ୱାଲ୍ ମାଧ୍ୟମରେ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି। ଏହି ମେଳା ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ଆସନ୍ତା ୧୫ ତାରିଖ ଯାଏ ଏହା ଖୋଲା ରହିବ।

## ରେଟ୍ରୋଡର ନୂଆ କାର୍ଯ୍ୟାଳୟ ଖୋଲିଲା



ଭୁବନେଶ୍ୱର,୭।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଭ୍ରମଣ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସେବା ପ୍ରଦାନ କରୁଥିବା 'ରେଟ୍ରୋଡ୍'ର ନୂତନ କାର୍ଯ୍ୟାଳୟ ଏସ୍‌ପ୍ଲାନେଡ ମଲରେ ରବିବାର ଖୋଲିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ ମହାନ୍ତି, ଷ୍ଟାର୍ଟଅପ୍ ଓଡିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟ, ତାଜ୍ କ୍ରାଉନ୍‌ର ପରିଚାଳନା ନିର୍ଦ୍ଦେଶକ ଦେବଶିଷ ମହାନ୍ତି ଏବଂ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟର ଦୁର୍ଗାପ୍ରସାଦ ଗୌଡ଼ ଯୋଗଦେଇଥିଲେ। ଟ୍ରାଭେଲ ଟେକ୍ ଲ୍ୟାଣ୍ଡସ୍କେପ୍‌କୁ ପରିବର୍ତ୍ତନ କରିବା ଦିଗରେ ରେଟ୍ରୋଡ୍ ଏକ ନୂତନ ଅଧ୍ୟାୟର ପ୍ରତୀକ। ପର୍ଯ୍ୟଟନ କ୍ଷେତ୍ରକୁ ଡିଜିଟାଇଜେଶନ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଇଛି।

## ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ସଚ୍ଚିଦାନନ୍ଦ ମହାପାତ୍ରଙ୍କ ପରଲୋକ

**ଭୁବନେଶ୍ୱର, ୭।୧ (ବନ୍ଦନା ସେଠୀ):** ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ଚିଫ୍ ଇଞ୍ଜିନିୟର ସଚିଦାନନ୍ଦ ମହାପାତ୍ରଙ୍କ ଶନିବାର ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ପାଇଁ ସେ ଚିକିତ୍ସିତ ହେଉଥିଲେ। ସେ ହୀରାକୁଦ ଡ୍ୟାମ୍ ଡିଭିଜନ୍ ଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ଜଣେ ସରଳ ସଚ୍ଚୋଟ କର୍ତ୍ତବ୍ୟନିଷ୍ଠ ତଥା ଦାୟିତ୍ୱପୂର୍ଣ୍ଣ ଯନ୍ତ୍ରୀ ଭାବେ ସୁନାମ ଅର୍ଜନ କରିଥିଲେ। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ମୂଳବସନ୍ତ ଗ୍ରାମରେ ତାଙ୍କର ଜନ୍ମ। ବିଦ୍ୟୁତ୍ ବିଭାଗର କର୍ମଚାରୀ ଓ ଆତ୍ମୀୟସ୍ୱଜନ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ।

## ଇଞ୍ଚୀଣାରେ ଅର୍ପଣ ରଥ

ବାରଙ୍ଗ,୭।୧(ଲିଙ୍ଗରାଜ ରାଉତ)



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ହେବାକୁ ଥିବା ବେଳେ ବିଭିନ୍ନ ଅଞ୍ଚଳରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅର୍ପଣ ରଥ ପରିକ୍ରମା କରିବା ସହିତ ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅର୍ପଣ ରଥ ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ରଥ ଇଞ୍ଚୀଣା ଗ୍ରାମରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହା ପରେ ଗ୍ରାମ ପରିକ୍ରମା କରାଯାଇ ପ୍ରତି ଘରୁ ଗୁଆ, ଅରୁଆଚାଉଳ,ନଡିଆ ସଂଗ୍ରହ କରାଯାଇଥିଲା। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରିମୟୀ ମିଶ୍ର, ଜିଲା ପରିଷଦ ସଭ୍ୟା ବବିତା ରାଉତ, ନିର୍ମଳ ରାଉତଙ୍କ ସମେତ ଦଳୀୟକର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଧାୟକ ଝାଞ୍ଜ ବଜାଇ ସଂକୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା।



ଭୁବନେଶ୍ୱର ବରମୁଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାର ଏକ ଷ୍ଟଲ୍‌ରେ ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଝିରପାଣିର ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜି ପକ୍ଷରୁ ମିଲେଟ ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି।

## ୬୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ

### ଗାନ୍ଧୀ ହସ୍ତଶିଳ୍ପ ବଜାର ସରିଲା

ଭୁବନେଶ୍ୱର,୭।୧(ଶର୍ମିଷ୍ଠା ପାଣିଗ୍ରାହୀ)




ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର ରବିବାର ଅନୁଗୋଳ ଡୋଭର ସମ୍ପାଦକ ଅନିଲ କୁମାର ମିଶ୍ରଙ୍କ ଉପସ୍ଥିତିରେ ଉଦଯାପିତ ହୋଇଯାଇଛି। ଉକ୍ତ ସଭାରେ ଓଡ଼ିଶା ଖଦି ଏବଂ ଭିଲେଜ ଇଣ୍ଡଷ୍ଟ୍ରି ବୋର୍ଡ଼ର ଅବସରପ୍ରାପ୍ତ ସୁପରଭାଇଜର ସୁରେଶ ଚନ୍ଦ୍ର ଦାସ, ଡୋଭର ପ୍ରକଳ୍ପ ସଂଯୋଜକ ସଂଗ୍ରାମ କେଶରୀ ନାୟକ, ରାଜସ୍ଥାନର ନିପୁଣ କାରିଗର ଅରବିନ୍ଦ ଖତ୍ରୀ, ମଣିପୁରର ନିପୁଣ କାରିଗର କେ.ଏସ. ଉଷାରାଣୀ, କେ.ଏଚ ସାଇତ, କଲିକତାର ଏମ୍ବ୍ରୋଡୋରୀ କାରିଗର ବାଣି ମେଘମାଳା, ବୀରଭୂମିର ଜୁଏଲାରୀ କାରିଗର ସିପ୍ରା ମିଡଡେ, କଲିକତାର କନ୍ଥା ଷ୍ଟିଚ କାରିଗର ରାମକିଶନ, ରାଜସ୍ଥାନର ଚାନ୍ଦୁଆ କାରିଗର କୋମଲ ଶର୍ମା, କଲିକତାର ଲାଖଚୁଡ଼ି କାରିଗର ଅସରଫୁଲ ହାସନ ପ୍ରମୁଖ ଉପସ୍ଥିତ ଥିଲେ। ବଜାରରେ ବିଭିନ୍ନ ବର୍ଗର ଜନସାଧାରଣ, ବୁଦ୍ଧିଜୀବି ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ଯୋଗୁଁ ପ୍ରଦର୍ଶନୀରେ ପ୍ରାୟ ୬୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ ବ୍ୟବସାୟ ହୋଇଛି। ଆଗାମୀ ଦିନରେ ପୂର୍ବବର୍ଷ ଭଳି ଚଳିତବର୍ଷର ଆକର୍ଷଣୀୟ ପ୍ରଦର୍ଶନୀକୁ ଭବିଷ୍ୟତରେ ଭୁବନେଶ୍ୱର ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ ପରିସରରେ କରାଇବା ନିମନ୍ତେ ସମସ୍ତଙ୍କ ତରଫରୁ ଅନୁରୋଧ କରାଯାଇଥିଲା।

**ସଂକ୍ଷେପରେ**

## ଅକ୍ଷତ କଳସ ଯାତ୍ରା, ନିମନ୍ତ୍ରଣପତ୍ର ବଣ୍ଟନ

ବୋଲଗଡ଼,୭।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ଅନ୍ତର୍ଗତ ଗିରିଗିରିଆ ଓ ସିଉଳା ଗ୍ରାମରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ଶୋଭାଯାତ୍ରା ଓ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବନିର୍ମିତ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ଫଟୋକୁ ଭକ୍ତମାନେ ଗ୍ରାମ ପରିକ୍ରମା କରାଇ ସମସ୍ତ ପରିବାରରେ ନିମନ୍ତ୍ରଣ ବଣ୍ଟନ କରିଥିଲେ। ଗ୍ରାମର ସମସ୍ତ ପରିବାର ଜାନୁଆରୀ ୨୨ରେ ସ୍ୱଗୃହରେ ସକାଳେ କଳସ ସ୍ଥାପନ ଓ ସନ୍ଧ୍ୟା ପରେ ୫ଟି ଦୀପ ପ୍ରଜ୍ୱଳନ କରି ଏହି ଉତ୍ସବରେ ସାମିଲ ହେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକକର୍ମୀ ସୂଜାତ ନାରାୟଣ ସାନ୍ତିକାମି, ଅପର୍ତ୍ତି ରଣସିଂହ, ପବିତ୍ର ସାହୁ, ହେମନ୍ତ ଜେନା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁବଳ ସାହୁ, ରାକେଶ କୁମାର ସାହୁ, ଗୋବିନ୍ଦ ଜଗଦେବ, ବାଟୁ, ରାଜା, ସ୍ୱାଧୀନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପିତୃ ବିୟୋଗ

ଜଟଣୀ,୭।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ପିତା ବିପ୍ରଚରଣ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ, ପରଉପକାରୀ, ଧର୍ମପରାୟଣ, ସ୍ନେହୀ ଏବଂ ମେଳାପି ବ୍ୟକ୍ତି ଥିଲେ। କଳା ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିବା ସହିତ ବହୁ ସାମାଜିକ ଏବଂ ସାଂସ୍କୃତିକ ସଙ୍ଗଠନ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ପ୍ରକାଶ ମହାନ୍ତି, ଏଲଏନକେ ସର୍ଭିସର ଅଧକ୍ଷ ପ୍ରତାପ ପରିଡାଙ୍କ ସମେତ ପୌର ଯନ୍ତ୍ରୀ, ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଦିଲୀପ ମୁଖାଗ୍ନି ଦେଇଥିଲେ।

## ବାବା ରଘୁନାଥ ଦେବ ରାଇଜିଂଷ୍ଟାର ବିଜୟୀ

ଟାଙ୍ଗୀ,୭।୧(ରଘୁନାଥ ସାହୁ)

କୁଞ୍ଜୁରୀ ଖେଳପଡିଆରେ ଚାଲିଥିବା ପ୍ରିମିୟର ଲିଗ ଫ୍ଲଡଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବାବା ରଘୁନାଥ ଦେବ ରାଇଜିଂ ଷ୍ଟାର ବିଜୟୀ ହୋଇଛି। ରବିବାର ଏହି ମ୍ୟାଚ୍ ବାବା ରଘୁନାଥ ଦେବ ରାଇଜିଂଷ୍ଟାର ଓ ଶୁଭ ଫ୍ଲାସ ଫାୟାର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାବା ରଘୁନାଥ ଦେବ ରାଇଜିଂଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୮ ଉଇକେଟ ବିନିମୟରେ ୬୧ରନ ସଂଗ୍ରହ କରିଥିଲା। ଜବାବରେ ଶୁଭ ଫ୍ଲାସ ଫାୟାର ଟିମ୍ ନିର୍ଦ୍ଧାରିତ ଓଭରରେ ୨ ଉଇକେଟ ବିନିମୟରେ ୫୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସତ୍ୟନାରାୟଣ ଓ ରବୀନ୍ଦ୍ର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ବିଜୁ ଜନତା ଦଳର ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ଉପବିଜେତା ଟିମକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ କଳାକାହ୍ନୁ ପରିଡା ଏବଂ ମ୍ୟାନ ଅଫ ଦି ସିରିଜ ଭଗବାନ ମହାକୁଡ଼ଙ୍କୁ ପୁରସ୍କୃତ କରାଯାଇଥିଲା। ଲିପୁ ବେହେରା, ତପନ ବେହେରା, ଭଗବାନ ମହାକୁଡ଼ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଦକ୍ଷ ପ୍ରଜାପତି ମନ୍ଦିର ଅବହେଳିତ

ଗମ୍ଭାରୀମୁଣ୍ଡା,୭।୧(ଦିଲୀପ ସ୍ୱାଇଁ)

■ ବର୍ଷା ହେଲେ ଗର୍ଭଗୃହରୁ ପାଣି ଗଳୁଛି

■ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବାକୁ ଦାବି

ସରକାର ବିଭିନ୍ନ ମନ୍ଦିର ଓ ମଠର ପୁନରୁଦ୍ଧାର କରିବା ସହ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଖୋର୍ଦ୍ଧା ଜିଲା ବାଣପୁରରେ ଥିବା ଦକ୍ଷ ପ୍ରଜାପତି ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ରକ୍ଷଣାବେକ୍ଷଣ ଅଭାବରୁ ବର୍ଷାହେଲେ ତ୍ରୟୋଦଶ ଶତାବ୍ଦୀର ଏହି ମନ୍ଦିରର ଗର୍ଭଗୃହରୁ ପାଣି ଗଳୁଛି। ଏପରିକି କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହି ମନ୍ଦିରର ମରାମତି ପାଇଁ ଦାବି ହେଉଛି।

କିମ୍ବଦନ୍ତୀ ଅନୁଯାୟୀ, ଗଙ୍ଗବଂଶର ରାଜାମାନେ ଦାକ୍ଷିଣାତ୍ୟ ବିଜୟ କରି ଫେରିବା ପରେ ଏହି ମନ୍ଦିର ପ୍ରତିଷ୍ଠା କରାଇଥିଲେ। ମନ୍ଦିରର ଭାସ୍କର୍ଯ୍ୟ ବେଶ୍ ମନଛୁଆଁ। ମନ୍ଦିରରେ ନିର୍ମିତ ଅଷ୍ଟସଖୀ, ନାଗନାଗୁଣୀ, ଶାର୍ଦ୍ଦୂଳ, ଓଲଟ ଗଜ, ବରାଳ ସିଂହ, ଓଲଟ ସିଂହ, ଓଲଟ ଉଡ଼ା ସିଂହ, ଅଳସିକନ୍ୟାମାନଙ୍କର ନାଟ୍ୟରତ ଅଙ୍ଗରଙ୍ଗୀ ଆଦି ଆକୃଷ୍ଟ କରିଥାଏ। ସମଗ୍ର ପୂର୍ବ ଭାରତରେ ଏକମାତ୍ର ମନ୍ଦିର, ଯେଉଁଠାରେ ଦକ୍ଷ ପ୍ରଜାପତିଙ୍କୁ ପୂଜା କରାଯାଇଥାଏ। ଏହି ମନ୍ଦିରକୁ ମା' ଭଗବତୀଙ୍କ ପିତ୍ରାଳୟ ବୋଲି କୁହାଯାଇଥାଏ। ଏଠାରେ ମା' ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ପୂଜା ପାଇଥାନ୍ତି। ପ୍ରତ୍ୟହ ମଙ୍ଗଳବାର ପିତ୍ରାଳୟରୁ ମା'ଙ୍କ ଚଳନ୍ତି



ପ୍ରତିମା ଦେବୀଙ୍କ ପୀଠକୁ ଆଗମନ ହୋଇଥାଏ। ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ନେଇଥିଲା। ମୁଖ୍ୟ ମନ୍ଦିର ଅଗ୍ରଭାଗରେ ଫାଟ ସୃଷ୍ଟି ହେଲାଣି। ମନ୍ଦିର ଗର୍ଭଗୃହରୁ ଇଟା ଓ ଚୂନ ଅତଡ଼ା ଖସୁଥିବା ବେଳେ ବର୍ଷା ପାଣି ମା'ଙ୍କ ଆସ୍ଥାନରେ ଜମିରହୁଛି। ତେଣୁ ବର୍ଷାଦିନେ ମା'ଙ୍କୁ ଗର୍ଭଗୃହରୁ ବିସ୍ଥାପନ କରିବାକୁ ମନ୍ଦିର କର୍ତ୍ତୃପକ୍ଷ ବାଧ ହେଉଛନ୍ତି। ମନ୍ଦିର ପରିସରରେ ଥିବା ଛୋଟ ବଡ଼ ମନ୍ଦିରଗୁଡିକର ବି ସମାନ ଅବସ୍ଥା। ତୁରନ୍ତ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ କହିଛନ୍ତି, ବର୍ଷାପାଣିରେ ମନ୍ଦିର ଭର୍ତ୍ତି ହୋଇଯାଉଛି। ମା'ଙ୍କ ଶୟନରେ ବାଧା ସୃଷ୍ଟି ହେଉଛି। ଏନେଇ ପ୍ରତ୍ନତତ୍ତ୍ୱ ବିଭାଗ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉନାହିଁ। ଏହି ମନ୍ଦିର ତ୍ରୟୋଦଶ ଶତାବ୍ଦୀର। ଥରେ ଭାଙ୍ଗିଲେ ଆଉ ତୋଳିହେବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

## କଣ୍ଟେନର ଜବତ, ୭୦ ଗୋରୁ ଉଦ୍ଧାର

ନିରାକାରପୁର,୭।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ପୋଲିସ ଶନିବାର ରାତିରେ ଗୋରୁ ବୋଝେଇ କଣ୍ଟେନର ଜବତ କରିଛି। ପୋଲିସ ୭୦ ଗୋରୁଙ୍କୁ ଉଦ୍ଧାର କରିବା ସହ ଚାଳକଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶର ଚାଳକ ମୁସ୍ତକିମ ସାହା, ମୀର ହାସନ ଏବଂ ଶାହରୁଖ ମଲ୍ଲିକ। ଉଦ୍ଧାର ଗୋରୁଙ୍କୁ ବୋଲଗଡ଼ ଗୋଶାଳା ଏବଂ ଭୁବନେଶ୍ୱର ସ୍ଥିତ ଏକ ଗୋଶାଳାକୁ ପଠାଯାଇଛି। ସୂଚନା ମୁତାବକ, ଉତ୍ତରପ୍ରଦେଶରୁ ଏକ ଗୋରୁ ବୋଝେଇ କଣ୍ଟେନର(ୟୁପି-୨୩-ଏଟି-୧୮୫୧) ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ଖବରପାଇ ଜଙ୍କିଆ ପୋଲିସ ୧୬ନମ୍ବର ଜାତୀୟ ରାଜପଥର ମଲାଗୁଣୀ ନଦୀ ବ୍ରିଜ୍ ନିକଟରେ



କଣ୍ଟେନରକୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲେ। ପରେ ଏସ୍‌ପି ସିଆଇ ଜଙ୍କିଆ, ଏସ୍‌ଡିପିଓ ଦିଲ୍ଲୀପ ଦାଶ, ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞାଗୁରୁପ୍ରଧାନ ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୯/୨୪) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ପକ୍ଷୀ, ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଟାଙ୍ଗୀ,୭।୧(ରଘୁନାଥ ସାହୁ)

କାଳୁପଡ଼ାଘାଟ ଚିଲିକା ଆଞ୍ଚଳିକ ସେବା ପରିଷଦ ଆନୁକୂଲ୍ୟରେ ପରିବେଶ ସୁରକ୍ଷା ଓ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଦସ୍ୟମାନେ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ମାର୍ଗଦର୍ଶକ ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବଦତ୍ତ ମହାପାତ୍ର, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ବଳିୟାରସିଂହ ଯୋଗଦେଇଥିଲେ। ଏହି ଅବସରରେ ସଦସ୍ୟମାନେ ସ୍ଥାନୀୟ ଗଣେଶ ବଜାର ସଫେଇ କରିଥିଲେ। ପରିଷଦର ସଭାପତି ଦୀପକ କୁମାର ନାଥ, ଉପସଭାପତି ରମେଶ ଚନ୍ଦ୍ର ମଙ୍ଗରାଜ, ସମ୍ପାଦକ ସନ୍ତୋଷ କୁମାର ବଳିୟାରସିଂହ, ସହସମ୍ପାଦକ ଦିଲୀପ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ପଲାଇ, ହୃଦାନନ୍ଦ ମହାପାତ୍ର, ଜିତେନ୍ଦ୍ର ମାନସିଂହ, କାହ୍ନୁଚରଣ ବେହେରା, ସୁରେଶ ଚନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅବସରରେ ରବିବାର ଜାଗୃତି ଏବଂ ଭଏସ୍ ଅଫ୍ ମିଡିଆ ଅନୁଷ୍ଠାନର କର୍ମକର୍ତ୍ତା ଓ ଅନ୍ୟମାନେ।

# ଗୋଲାପ, ଚକୋଲେଟ୍ ଦେଇ ସଚେତନତା

ଖୋର୍ଦ୍ଧା,୭।୧(ପ୍ରଭାତ ପାଣିଗ୍ରାହୀ)

**ସରିଲା ସଡ଼କ ସୁରକ୍ଷା ସପ୍ତାହ**

ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢ଼ିଚାଲିଛି। ବେପରୁଆ ଗାଡ଼ିଚାଳନା କିମ୍ବା ଅନ୍ୟ କାରଣରୁ ଜୀବନ ଯାଉଛି। ତେଣୁ ସଚେତନ ହେଲେ ସୁରକ୍ଷିତ ରହିବେ ବୋଲି ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଛନ୍ତି। ସଡ଼କ ସୁରକ୍ଷା ସପ୍ତାହର ଶେଷ ଦିବସ ରବିବାର ସାମାଜିକ ଅନୁଷ୍ଠାନ ଜାଗୃତି, ଭଏସ୍ ଅଫ୍ ମିଡିଆ ମିଳିତ ଆନୁକୂଲ୍ୟରେ ଜିଲା ପ୍ରଶାସନ ଓ ସହକାରୀ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସହଯୋଗରେ ନୂଆ ବସ୍‌ଷ୍ଟାଣ୍ଡ ଏବଂ ଟ୍ରାଫିକ୍ ଛକରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମିତ୍ର, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଆଇନଜୀବୀ ଶିଶିର ପରିଡା, ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଲୋକଙ୍କୁ ଗୋଲାପ ଫୁଲ, ଚକୋଲେଟ୍ ଦେଇ ସଚେତନ କରିଥିଲେ। ବାଇକ୍ ଚଳାଇବା ବେଳେ ହେଲମେଟ ପରିଧାନ କରନ୍ତୁ। ସଡ଼କ ନିୟମ ପାଳନ କରିବା ସହ ଗହଳି ସ୍ଥାନରେ ଓଭରଟେକ୍ କରନ୍ତୁ ନାହିଁ। ଆବଶ୍ୟକଠାରୁ ଦ୍ରୁତ ଗାଡ଼ିଚାଳନା ବିପଦକୁ ଡାକିଥାଏ। ସଚେତନ ନାଗରିକଭାବେ ଟ୍ରାଫିକ ନିୟମକୁ ପାଳନ କଲେ ବିପଦରେ ପଡିବା ନାହିଁ ଏବଂ ଦୁର୍ଘଟଣାରୁ ମଧ ବର୍ତ୍ତିପାରିବା। ଏଥିପ୍ରତି ସଜାଗ ରହିବାକୁ ସଚେତନତାର ବାର୍ତ୍ତା ଦେଇଥିଲେ। ଜାଗୃତି ସଭାପତି ଦିଲୀପ ପଟ୍ଟନାୟକ, ସମ୍ପାଦକ ପ୍ରଭାତ ପାଣିଗ୍ରାହୀ, ଭଏସ୍ ଅଫ୍ ମିଡିଆର ରାଜ୍ୟ ସଭାପତି ପ୍ରଭାତ ମିଶ୍ର, ସମ୍ପାଦକ ଉମାଶଙ୍କର ପ୍ରସାଦ, ଜିଲା ସଭାପତି ସୁକାନ୍ତ ପରିଡାଙ୍କ ସମେତ ବରିଷ୍ଠ ଖବରଦାତା ଲଳିତ ମୋହନ ମହାପାତ୍ର, ସୂର୍ଯ୍ୟନାରାୟଣ ମହାନ୍ତି, ଧନେଶ୍ୱର ବିଧାର, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ରାକେଶ ସାହୁ, ପ୍ରଦୀପ ବେହେରା, ଗୋପାଳ ଦାସ, ଜିତେନ୍ଦ୍ର ବେହେରା, ଶରତ ଚନ୍ଦ୍ର ବାରିକ, ଆର୍‌ଟିଓ ଟ୍ରାଫିକ୍ ସବ୍‌ଇନ୍‌ସ୍ପେକ୍ଟର ଦୀପ୍ତିରେଖା ଜେନା, ପୋଲିସ ଟ୍ରାଫିକ୍ କନ୍‌ଷ୍ଟେବଲ ମସି ଖାନ୍‌ଙ୍କ ସମେତ ପୋଲିସ ଓ ଆର୍‌ଟିଓ କାର୍ଯ୍ୟାଳୟ କର୍ମଚାରୀ ସାମିଲ ହୋଇଥିଲେ।

## ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଟାଙ୍ଗୀ,୭।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଛଣଗିରି ମା'ଭଗବତୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଫ୍ରେଣ୍ଡସ ପାରାଡ଼ାଇଜ ଜଟଣୀ ଓ ନୀଳମାଧବ କ୍ଲବ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ୫-୧ ଗୋଲରେ ଫ୍ରେଣ୍ଡସ ପାରାଡ଼ାଇଜ ଟିମ୍ ବିଜୟୀ ହୋଇଥିଲା। ଏମ୍.ଏସ୍. ବେଗ, ସୁକାନ୍ତ କୁମାର ପ୍ରଧାନ, ଚିତ୍ତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ସାଗର ବଳିୟାରସିଂହ, ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ସଭାପତି ମାନସ ଦାସ, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧକ୍ଷ ଶେଖ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା, ରମେଶ ନାୟକ, ସୁକେଶ ପରିଡ଼ା, ପପି ପାଇକରାୟ ଓ କାଳିଆ ମାଝୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଶେଖ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଲୁ ଚରଣ ସେଠୀ, ପ୍ରଭାତ ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ସହଯୋଗ କରିଥିଲେ।

## କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଗମ୍ଭାରୀମୁଣ୍ଡା,୭।୧(ଦିଲୀପ ସ୍ୱାଇଁ)

ନାରୁଣୀସ୍ଥିତ ଗୋଦାବରୀଶ ସରକାରୀ ହାଇସ୍କୁଲ ଖେଳପଡିଆରେ ଗତ ୨ତାରିଖରୁ ଆରମ୍ଭ ହୋଇଥିବା କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମାନସ ରଞ୍ଜନ ମଙ୍ଗରାଜ, ସମ୍ମାନିତ ଅତିଥି ଖୋର୍ଦ୍ଧା ଜିଲା ପରିଷଦର ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, ବାଣପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଶୀତଲ ଅଗ୍ରୱାଲ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ନାରୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳୀ ପଲାଇ, ସମିତିସଭ୍ୟ ବିରଞ୍ଚି ନାରାୟଣ ରାଉତ, ତୋରସିଂହ ସରପଞ୍ଚ ଆକାଶ ପ୍ରଧାନ, ବାଲୁଗାଁ ଏନ୍‌ଏସି କାଉନସେଲର ଅଭିମନ୍ୟୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବାଣପୁର ବ୍ଲକ ଓ ଏନ୍‌ଏସିର ପ୍ରତିଯୋଗୀ ଭାଗ ନେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ହକି, ଫୁଟ୍‌ବଲ, ଭଲିବଲ, ଖୋଖୋ, କବାଡି, କ୍ରିକେଟ ଆଦ ଖେଳ ହୋଇଥିଲା। ଗୋଦାବରୀଶ ସରକାରୀ ହାଇସ୍କୁଲର କ୍ରୀଡା ଶିକ୍ଷକ ସୌମ୍ୟକାନ୍ତ ସାହୁ ଏବଂ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ହାଇସ୍କୁଲର କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ଜେନା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।

# କେନ୍ଦ୍ରମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ

ବାଲୁଗାଁ, ୭।୧(ସଂଗ୍ରାମ ପାଇକରାୟ)

କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ସାଗର ପରିକ୍ରମା କାର୍ଯ୍ୟକ୍ରମ ଜାରି ରହିଛି। ବିଶେଷକରି ମତ୍ସ୍ୟଜୀବୀଙ୍କ ଜୀବନଜୀବିକାରେ ଉନ୍ନତି ନିମନ୍ତେ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଅର୍ଥ ଠିକ୍‌ଭାବେ ବିନିଯୋଗ ହୋଇପାରୁଛି କି ନାହିଁ ସେ ଦିଗରେ ତଥ୍ୟ ହାସଲ ଏହି ସାଗର ପରିକ୍ରମାର ମୂଳ ଲକ୍ଷ୍ୟ। କେନ୍ଦ୍ର ମତ୍ସ୍ୟ ସମ୍ପଦ, ପଶୁପାଳନ ଏବଂ ଦୁଗ୍ଧ ବିକାଶ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଏହି ସାଗର ପରିକ୍ରମା କାର୍ଯ୍ୟକ୍ରମର ତତ୍ତ୍ୱାବଧାରକଭାବେ ବିଭିନ୍ନ ରାଜ୍ୟ ବୁଲି ମତ୍ସ୍ୟଜୀବୀଙ୍କ ସମ୍ପର୍କରେ ତଥ୍ୟ ହାସଲ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ




ନଈରୀ ଦଶଦୋଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଅତିଥି।

ଅଧୀନ ଚିଲିକା ତଟବର୍ତ୍ତୀ ବାଲୁଗାଁ ଏବଂ ନଈରୀ ଗ୍ରାମଠାରେ ଆୟୋଜିତ ବୈଠକରେ ରୁପାଲା ଯୋଗଦେଇଥିଲେ। ପୂର୍ବାହ୍ନରେ ବାଲୁଗାଁ ଚିଲିକା କୂଳସ୍ଥିତ ନୂତନ ଜେଟିଠାରେ ଆୟୋଜିତ ବୈଠକରେ ଯୋଗଦେଇ ମତ୍ସ୍ୟଜୀବୀଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଏହା ଠିକ୍‌ଭାବେ ସଦ୍‌ବିନିଯୋଗ ହେଉଛି କି ନାହିଁ ପଚାରି ବୁଝିଥିଲେ। ଯେଉଁଠି ମତ୍ସ୍ୟଜୀବୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି, ତୁରନ୍ତ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ମତ୍ସ୍ୟଜୀବୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଚିଲିକା ଉପରେ ନିର୍ଭର କରୁଥିବା ୩ଟି ଜିଲାର ମତ୍ସ୍ୟଜୀବୀଙ୍କ ଜୀବନଜୀବିକାର ଉନ୍ନତି ନିମିତ୍ତ ବିଭିନ୍ନ ପ୍ରସ୍ତାବ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା.ସମ୍ବିତ୍ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ସମାବେଶରେ ରାଜ୍ୟ ମତ୍ସ୍ୟ ବିଭାଗୀୟ ନିର୍ଦ୍ଦେଶକ ସାଦ୍ଦିକ ଆଲାମ୍, ଆଇଏଏସ୍ ନିତା କୁମାରୀ ପ୍ରସାଦ ଉପସ୍ଥିତ ଥିଲେ। ୧ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ଏହି ସମାବେଶରେ ଯୋଗଦେଇଥିଲେ। ଅନୁରୂପଭାବେ ଚିଲିକା ତଟବର୍ତ୍ତୀ ନଈରୀ ଦଶଦୋଳ ପଡ଼ିଆରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରମନ୍ତ୍ରୀ ରୁପାଲା ଯୋଗଦେଇ ମତ୍ସ୍ୟଜୀବୀଙ୍କ ସମସ୍ୟା ପଚାରି ବୁଝିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଭାଜପା ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ୬ ଚାଷୀଙ୍କଠାରୁ ୨୦୨ କ୍ୱିଣ୍ଟାଲ ଧାନ କିଣାଗଲା

ବୋଲଗଡ଼,୭।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାଗରଗୁଆଁ ସେବା ସମବାୟ ସମିତି ଲିଃର ଧାନମଣ୍ଡି ରବିବାର ଉଦ୍‌ଘାଟିତ ହୋଇଛି। ସମିତି ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ବାରିକ ଏବଂ ଅତିଥିଭାବେ ଯୋଗଦେଇଥିବା ୨୬ନଂ. ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସ୍ଥାନୀୟ ସରପଞ୍ଚ ରମାମଣି ଦେଈ, ସମିତି ସଭ୍ୟ ତୋଫାନ ବେହେରାଙ୍କ ସମେତ ସମିତିର ସମ୍ପାଦକ ପରମାନନ୍ଦ ମହାପାତ୍ର, ରବୀନ୍ଦ୍ର ନାଥ ସୁବୁଦ୍ଧି ଏବଂ ବାଲୁଗାଁ ଆଞ୍ଚଳିକ ବଜାର ନିୟନ୍ତ୍ରିତ କମିଟିର କର୍ମଚାରୀଙ୍କ ଉପସ୍ଥିତିରେ ମଣ୍ଡି ଉଦ୍‌ଘାଟନ ହୋଇଥିଲା। ପ୍ରଥମ ଦିବସରେ ୬ ଜଣ ଚାଷୀଙ୍କଠାରୁ ୨୦୨ କ୍ୱିଣ୍ଟାଲ ଧାନ ମିଲର ଶିବାନୀ ଫୁଡ୍ ପ୍ରଡକ୍ଟ ଉଠାଣ କରିଥିଲା।

## ଓଳସିଂହ ପ୍ରିମିୟର ଲିଗ୍ ଜିତିଲା ଇଲେଭେନ ଷ୍ଟାର

ନିରାକାରପୁର,୭।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଓଳସିଂହ ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା ଓଳସିଂହ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଗଗୁ ଫାଇଟର ଓ ଇଲେଭେନ ଷ୍ଟାର କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୩ ଓଭରରେ ଗୋଟିଏ ଉଇକେଟ ବିନିମୟରେ ୫୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଗୁ ଫାଇଟର ୩ ଓଭରରେ ୩ ଉଇକେଟ ହରାଇ ୧୬ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଇଲେଭେନ ଷ୍ଟାର ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ରାଜେଶ ପଟ୍ଟନାୟକ ଓ ସୁଶୀଲ ବରିସଲ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଛି। ବାସୁଦେବ ରାଉତରାୟ, ମାନସ ଭଞ୍ଜ, ଅଶୋକ ସାହୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



**ଜୟଦୁର୍ଗା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

## ମା'ମଙ୍ଗଳା କ୍ଲବ ବାଙ୍କୀ ଚାମ୍ପିୟନ

ବେଗୁନିଆ,୭।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଲିମ ଗ୍ରାମସ୍ଥିତ ଖେଳପଡିଆରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବାଙ୍କୀର ମା'ମଙ୍ଗଳା କ୍ଲବ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଟାଙ୍ଗୀ ରଘୁନାଥ ଦେବ କ୍ଲବ ଓ ବାଙ୍କୀର ମା'ମଙ୍ଗଳା କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ମା'ମଙ୍ଗଳା କ୍ଲବର ଖେଳାଳିମାନେ ଗୋଟିଏ ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଘୁନାଥ ଦେବ କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ବିଦେଶୀ ନାୟକ, ଟୁଟୁ ବାହିନୀପତି, ସଗିର ଅହମ୍ମଦ ଏବଂ ପ୍ରଫୁଲ୍ଲ ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଦୟାନ ଖାଁ ମ୍ୟାଚ କମିଶନର ଥିଲେ। ମିହିର ରଞ୍ଜନ ମହାପାତ୍ର ଏବଂ ଶୁଭେନ୍ଦୁ ବଳିୟାରସିଂହ ମ୍ୟାଚର ଧାରା



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଗ୍ରାମର ସଭାପତି ଜମ୍ଯେଶର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସ୍ଥାନୀୟ ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ବିଇଓ ଭାସ୍କର ଚନ୍ଦ୍ର ଲେଙ୍କା, ସାମାଜିକ କର୍ମୀ ଶ୍ରୀନିବାସ ପାଇକରାୟ, ସୁକାନ୍ତ ପରିଡ଼ା, ଶୁଭେନ୍ଦୁ ବଳିୟାରସିଂହ, ଚିତ୍ତରଞ୍ଜନ ପାତ୍ର, କୃପାସିନ୍ଧୁ ମାର୍ଥା, ସଂଗ୍ରାମ କେଶରୀ ରାୟ, ଆର୍ତ୍ତବନ୍ଧୁ ମାଝୀ, ପ୍ରଦୀପ ବଳିୟାରସିଂହ, ସନ୍ତୋଷ ବଳିୟାରସିଂହ, ପରେଶ ଜଗଦେବ, ପଞ୍ଚାନନ ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଟିମକୁ ଟ୍ରଫି ସହିତ ୭ ହଜାର ଟଙ୍କା ଏବଂ ରନର୍ସଅପ ଟିମକୁ ଟ୍ରଫି ସହିତ ୫ହଜାର ଟଙ୍କା ଆୟୋଜକ ଆସୋସିଏଶନ ପକ୍ଷରୁ ପ୍ରଦାନ କରାଯାଇଛି।

## କଳାଙ୍ଗ ପ୍ରିମିୟର ଲିଗ୍ ଜିତିଲା ହାଟବସ୍ତ

ବୋଲଗଡ଼,୭।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ କଳାଙ୍ଗ ଗୋଛାବାରି ପଡ଼ିଆରେ ଚାଲିଥିବା କଳାଙ୍ଗ ପ୍ରିମିୟର ଲିଗ୍(କେପିଏଲ)କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ହାଟବସ୍ତ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ଘୋରଡ଼ିଆ କ୍ରିକେଟ କ୍ଲବ ଓ ହାଟବସ୍ତ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ହାଟବସ୍ତ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ ଘୋରଡ଼ିଆ ଟିମ୍ ୨୦ ଓଭରରେ ୭ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ହାଟବସ୍ତ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ସଭାରେ ଅତିଥିଭାବେ ବିଜେଡି ନେତା ପ୍ରଦୀପ କୁମାର ସାହୁ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ଗ୍ରାମ ସଭାପତି ପ୍ରଶାନ୍ତ ହୋତା, ରତିକାନ୍ତ ରାଉତରାୟ, ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ, ପ୍ରଭାତ ସ୍ୱାଇଁ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ସର୍ବେଶ୍ୱର ସାହୁ ଓ ଶରତ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଚାଲି ଚାଲି ପୁରୀରୁ ଅଯୋଧ୍ୟା

ଗୋପ, ୭ା୧ (ଭାରତୀ ଭୂଷଣ ଉପାଧ୍ୟାୟ):



'ଆଶା ହିଁ ପରମ ଦୁଃଖ। ଭଗବାନଙ୍କ ନିକଟରେ କୌଣସି ଆଶା ରଖ ନାହିଁ। ଭଗବାନଙ୍କୁ ନିଷ୍ଠାର ସହିତ ଭକ୍ତି କଲେ ସବୁ କିଛି ପାଇପାରିବ' ବୋଲି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ବାହାରି ଚାଲି ଚାଲି ଅଯୋଧ୍ୟା ଯାଉଥିବା ପୁରୀ ଜିଲା ବ୍ରହ୍ମପୁରର କୃଷ୍ଣଚନ୍ଦ୍ର କହିଛନ୍ତି। ସେ ପ୍ରଭୁ ରାମଚନ୍ଦ୍ରଙ୍କୁ ପୂଜା କରିବା ସହ ତାଙ୍କ ପରମଭକ୍ତ ହନୁମାନଙ୍କ ବାନା ଧରି ଯାଉଥିବା କହିଥିଲେ। ଯାତ୍ରାର କୌଣସି ଉଦ୍ଦେଶ୍ୟ ନାହିଁ, କେବଳ ସମାଜର କଲ୍ୟାଣ କାମନା କରି ଚାଲି ଚାଲି ଯାଉଥିବା ପ୍ରକାଶ କରିଥିଲେ। ସେ ଜାନୁଆରୀ ୧ରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଏହି ଯାତ୍ରା ଆରମ୍ଭ କରିଥିବା ସୂଚନା ଦେଇଥିଲେ। ମୁଣ୍ଡରେ ପଗଡ଼ି, ଗଳାରେ ମାଳି ସହିତ ହାତରେ ହନୁମାନଙ୍କ ପତାକା ଧରି ଏହି ଯାତ୍ରାରେ ବାହାରିଥିବା କୃଷ୍ଣଚନ୍ଦ୍ର ଆନନ୍ଦରେ ଜୟଶ୍ରୀରାମ, ଜୟ ହନୁମାନ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୟ ବୋଲି କହୁଥିବା ଦେଖିବାକୁ ମିଳିଥିଲା।

### ମା' ଯୋଗମାୟା ଭଲିବଲ୍ ଟୁର୍ନାମେଣ୍ଟ: ପୁରୀ କ୍ଲବ ଚାମ୍ପିୟନ

ପୁରୀ, ୭ା୧ (ଅଜିତ୍ ମହାନ୍ତି):

ମା' ଯୋଗମାୟା ଭଲିବଲ ଏକାଡେମୀ ପକ୍ଷରୁ ଦ୍ୱିତୀୟ ମା' ଯୋଗମାୟା ଭଲିବଲ୍ ଟୁର୍ନାମେଣ୍ଟ (ରଘୁନାଥ ମେମୋରିଆଲ୍ ଟ୍ରଫି) ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ କ୍ଲବ ୨-୦ରେ ଶ୍ରୀକ୍ଷେତ୍ର କ୍ଲବକୁ ପରାସ୍ତ କରି ଚାମ୍ପିୟନ ଟ୍ରଫି ହାସଲ କରିଛି। ଶୁଭମ ଜେନାଙ୍କୁ ଶ୍ରେଷ୍ଠ ଖେଳାଳି ଓ ପିଣ୍ଟୁ ପ୍ରଧାନଙ୍କୁ ବେଷ୍ଟ ଆଟାକର୍ସ ଭାବେ ପୁରସ୍କୃତ କରାଯାଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ପୁରୀ ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଆଥ୍‌ଲେଟିକ ସଂଘର ଭଲିବଲ୍ ସେକ୍ରେଟାରୀ ନାରାୟଣ ମହାସୁଆର, ସୁଶ୍ରୀ ରସାଶୁଷମା ସାହୁ, ବୁଦ୍ଧିଆ ମୁଦୁଲି, ସମଙ୍ଗ ସରପଞ୍ଚ ମୀନାକୁମାରୀ ସାହୁ, କୋଚ୍ ଅଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ରାଜ୍ୟସ୍ତରୀୟ ରେଫରି ପ୍ରିୟରଞ୍ଜନ ସାହୁ ଓ ବିଶ୍ୱଜିତ ବରାଳ ମ୍ୟାଚ୍ ପରିଚାଳନା କରିଥିଲେ।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ, ୭ା୧ (ଅଜିତ୍ ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବାବେଳେ ୫ ଜଣଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଧୋବାଖାଲ ଅଞ୍ଚଳର ଅବିନ ସାହୁ, ରତ୍ନକର ରୋଡ୍‌ର ଦୀପକ ପଟ୍ଟନାୟକ, କୁମ୍ଭାରପଡା ଥାନା ଅନ୍ତର୍ଗତ ହେରାଗୋହରୀ ସାହିର ମୃତ୍ୟୁଞ୍ଜୟ ଦାସ, ବାସେଳିସାହି ଥାନା ଅନ୍ତର୍ଗତ ତ୍ରିଦେବୀ ନଗରର ଆଶିଷ କୁମାର ରଥ, ମୋହନ ବେହେରା। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ଖଣ୍ଡା, ଗୋଟିଏ ହାତୁଡ଼ି, ଦୁଇଟି ଲୁହାରଡ, ଲଙ୍କା ଗୁଣ୍ଡ, ଗୋଟିଏ ଛୁରି, ସିଗାରେଟ ପ୍ୟାକେଟ ଏବଂ ଖାଲି ବିୟର ବୋତଲ ଜବତ କରିଛି। ଏନେଇ ଏକ କେସ୍ (ନଂ.୪/୨୪) ରୁଜୁ ହୋଇଛି।

# ଶୃଙ୍ଖଳିତ ଟ୍ରାଫିକ, ପାର୍କିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ

ପୁରୀ,୭ା୧ (ଅଜିତ୍ ମହାନ୍ତି):

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ଥିବାରୁ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା ଶୃଙ୍ଖଳିତ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏନେଇ ରବିବାର ଟାଉନ ଥାନା ସମ୍ମିଳନୀ କକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସ୍‌ପି ଶୁଶିଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସେବାୟତ ଓ ଶ୍ରୀମନ୍ଦିର ପୋଲିସ କର୍ମଚାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟ୍ରାଫିକ ଡିଏସ୍‌ପି କିରଣ ହେମ୍ବ୍ରମ, ପୋଲିସ ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ସେବାୟତ ନିଯୋଗର ସେବାୟତ ଓ ଜେଟିପି ଯୋଗଦେଇଥିଲେ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସେବାୟତ, ଜେଟିପି, ଶ୍ରୀମନ୍ଦିର କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଚାରିଦ୍ୱାରରେ ପାର୍କିଂ ବ୍ୟବସ୍ଥା ହେବା ନେଇ ବୈଠକରେ ଆଲୋଚନା ହୋଇଛି। ବିଶେଷକରି ୧୧ ତାରିଖ ସୁଦ୍ଧା ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ କରି ଶ୍ରୀମନ୍ଦିର ପ୍ରଶାସନ ହାତକୁ ନେବା ପରେ ବାହ୍ୟ ପରିକ୍ରମା ମାର୍ଗରେ ଦୁଇଚକିଆ ଗାଡ଼ି ପାର୍କିଂ ପାଇଁ ବ୍ୟବସ୍ଥା କରାଯାଉଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ତଥା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିରେ ନିୟୋଜିତ

### ଶ୍ରୀମନ୍ଦିର କର୍ମଚାରୀ, ସେବାୟତ, ପୋଲିସଙ୍କୁ ମିଳିବ ସ୍ୱତନ୍ତ୍ର ପାସ୍

ସେବାୟତଙ୍କୁ ସ୍ୱତନ୍ତ୍ର ବାଇକ୍ ପାସ୍ ଦିଆଯିବ। କେବଳ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ନୁହେଁ ବରଂ ବର୍ଷର ସବୁ ସମୟରେ ସେବାୟତଙ୍କ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବୈଠକରେ ଆଲୋଚନା ହୋଇଛି।

ବୈଠକ ସମ୍ପର୍କରେ ଅତିରିକ୍ତ ଏସ୍‌ପି ମିଶ୍ର କହିଛନ୍ତି, ପରିକ୍ରମା ପ୍ରକଳ୍ପ ପରିସରରେ ଗାଡ଼ି ପାର୍କିଂ ନେଇ ଆଲୋଚନା କରାଯାଇଥିଲା। ଖୁବ୍‌ଶୀଘ୍ର ପ୍ରକଳ୍ପ ହସ୍ତାନ୍ତର କରାଯିବା ପରେ ଯେଉଁ ସ୍ଥାନରେ ଗାଡ଼ି ପାର୍କିଂ କରାଯିବ, ସେଠାରେ ସାଇନ ବୋର୍ଡ ଲଗାଯିବ। ଯେପରି ସେବାୟତ, ଶ୍ରୀମନ୍ଦିର ପୋଲିସ ଓ କର୍ମଚାରୀମାନେ ସୁବିଧାରେ ଗାଡ଼ି ପାର୍କିଂ କରି ଯାଇପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। ସେହିପରି ୧୨୦୦ରୁ ୧୩୦୦ ଗାଡ଼ି ପାର୍କିଂ କରିବାର ବ୍ୟବସ୍ଥା ହେଉଛି। ନରେନ୍ଦ୍ର ମହଲାରେ ୩୦୦ ଗାଡ଼ି ପାର୍କିଂ ହୋଇପାରିବ। ଖୁବଶୀଘ୍ର ପରୀକ୍ଷାମୂଳକ ଭାବେ ଆରମ୍ଭ ହେବାକୁ ଯାଉଛି। ସେବାୟତ, ଜେଟିପି, ଶ୍ରୀମନ୍ଦିର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱତନ୍ତ୍ର ଷ୍ଟିକର ପ୍ରଦାନ କରାଯିବ। ସମସ୍ତ ନିଯୋଗକୁ ଏହି ନିଷ୍ପତ୍ତି ଜଣାଇଦେବାକୁ କୁହାଯାଇଛି। ଅନ୍ୟ ବ୍ୟକ୍ତିମାନଙ୍କ ଗାଡ଼ିକୁ ସେଠାରେ ପାର୍କିଂ କରାଯିବାକୁ ଦିଆଯିବ ନାହିଁ ବୋଲି ମିଶ୍ର କହିଛନ୍ତି।



ମଦ ଦୋକାନକୁ ବିରୋଧ କରି ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।



ମା' ଯୋଗମାୟା ଭଲିବଲ ଏକାଡେମୀ ପକ୍ଷରୁ ଆୟୋଜିତ ମା' ଯୋଗମାୟା ଭଲିବଲ୍ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି ।

## ପଞ୍ଚାୟତ ସମିତି ବୈଠକ ନେଇ ଅନିଶ୍ଚିତତା

ଗୋପ, ୭ା୧ (ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ପଞ୍ଚାୟତ ସମିତି ବୈଠକକୁ ନେଇ ଏବେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ରବିବାର କୋଣାର୍କ ନିକଟସ୍ଥ ଭଗବତୀ ପୀଠରେ ଗୋପ ବ୍ଲକ ଅଧୀନ ୩୧ଟି ପଞ୍ଚାୟତର ସମସ୍ତ ସମିତି ସଭ୍ୟସଭ୍ୟାଙ୍କୁ ନେଇ ଅନୁଷ୍ଠିତ ଗୁପ୍ତ ବୈଠକ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଇଛି। ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍ ସୋମବାର ବୈଠକ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ

### ଗୁପ୍ତ ବୈଠକକୁ ନେଇ ଚର୍ଚ୍ଚା

ବୋଲି କହିଛନ୍ତି। ସେପଟେ ଗୋପ ବ୍ଲକ ପକ୍ଷରୁ ସମିତି ବୈଠକ ହେବା ଲାଗି ଚେଷ୍ଟା କରାଯାଉଥିଲେ ମଧ୍ୟ ସମିତି ସଭ୍ୟାସଭ୍ୟଙ୍କ ଅନୁପସ୍ଥିତି ଯୋଗୁ ବୈଠକ ବସିପାରୁନାହିଁ। ଫଳରେ ପଞ୍ଚାୟତ ସମିତି ବୈଠକ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି।

ପ୍ରକାଶ ଯେ, ଦୀର୍ଘଦିନ ଧରି ଗୋପ ବ୍ଲକରେ ପଞ୍ଚାୟତ ସମିତି ବୈଠକ ହୋଇପାରିନାହିଁ। ଡିସେମ୍ବର ୨୮ରେ ଏହି ବୈଠକ ଡକାଯାଇଥିଲା। କିନ୍ତୁ ବୈଠକରେ ସମିତି ସଭ୍ୟାସଭ୍ୟମାନେ ଯୋଗଦେବେ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ବିଡିଓ ଛବିରାଣୀ ସାହୁଙ୍କୁ ଭେଟି ଜଣାଇ ଦେଇଥିଲେ। ପରେ ବିଡିଓ ଏହି ବୈଠକକୁ ବାତିଲ୍ କରିଥିଲେ। ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ରବିବାର ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରେ ଗୁପ୍ତ ବୈଠକ ହେବା ପରେ ବ୍ଲକକୁ ଆସୁଥିବା ବିଭିନ୍ନ ସରକାରୀ ଯୋଜନାର ଠିକ୍ ହିସାବ ନ ପାଇବା, ସମସ୍ତ ସରକାରୀ କାର୍ଯ୍ୟରେ ସମିତି ସଭ୍ୟାସଭ୍ୟଙ୍କୁ ସାମିଲ୍ ନ କରିବା ସହିତ ଅନ୍ଧାରରେ ରଖାଯାଉଥିବା ଆଲୋଚନା ହୋଇଥିଲା। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସମେତ ୨୮ ଜଣ ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏ ନେଇ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍ କହିଛନ୍ତି, ରବିବାର ବୈଠକ ହୋଇଛି। ସୋମବାର ହେବାକୁ ଥିବା ବୈଠକରେ ଯାହା କିଛି ନିଷ୍ପତ୍ତି ନିଆଯିବ।



ଭଗବତୀ ପୀଠରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ଅନ୍ୟମାନେ ।

### ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

#### କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚ ସ୍ୱାମୀଙ୍କ ମଧ୍ୟରେ ବିବାଦ ଘଟଣା

ସାକ୍ଷୀଗୋପାଳ, ୭ା୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ପଞ୍ଚାୟତରେ ଚଳିତ ମାସ ୫ ତାରିଖରେ ଉନ୍ନୟନ କାର୍ଯ୍ୟକୁ ନେଇ ବ୍ଲକ କନିଷ୍ଠ ଯନ୍ତ୍ରୀ ରମେନ୍ଦ୍ର ନାରାୟଣ କର ଏବଂ ନାଏବ ସରପଞ୍ଚ ପ୍ରଦୀପ୍ତ ମିଶ୍ରଙ୍କ ସହ ସରପଞ୍ଚ ବର୍ଷାରାଣୀ ସେଠୀଙ୍କ ସ୍ୱାମୀ ପ୍ରଶାନ୍ତ ସେଠୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦକୁ ନେଇ ସତ୍ୟବାଦୀ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୋଗରେ ଦର୍ଶାଯାଇଛି ଯେ, କନିଷ୍ଠ ଯନ୍ତ୍ରୀ କର ଗତ ୫ତାରିଖରେ ଉକ୍ତ ପଞ୍ଚାୟତକୁ କ୍ଷେତ୍ର ପରିଦର୍ଶନ ନିମନ୍ତେ ନାଏବ ସରପଞ୍ଚଙ୍କ ସହିତ ଯାଇଥିଲେ। ସରପଞ୍ଚଙ୍କ ସ୍ୱାମୀ ସେଠାରେ ପହଞ୍ଚି ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଗାଳିଗୁଲଜ ଓ ଠେଲାପେଲା କରି ଧମକଚମକ ଦେଇଥିଲେ। ଅନ୍ୟପଟେ ସରପଞ୍ଚ ସେଠୀ ଜେଇ କର ଓ ନାଏବ ସରପଞ୍ଚ ମିଶ୍ରଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସରପଞ୍ଚ ଉନ୍ନୟନ କାର୍ଯ୍ୟରେ ତାଙ୍କୁ ସହଯୋଗ କରୁ ନ ଥିବା ଓ ଗାଳିଗୁଲଜ କରି ଧମକଚମକ ଦେଇ ଜାତିଆଣ ଆକ୍ଷେପ ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ବୋଲି ସରପଞ୍ଚ ସେଠୀ ଅଭିଯୋଗ କରିଛନ୍ତି।

## ୯ରୁ ୧୨ରୁ ଗ୍ଲୋରୀ ଫେଷ୍ଟ



ଆୟୋଜକଙ୍କ ପକ୍ଷରୁ ଗ୍ଲୋରିଫେଷ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି ।

ପୁରୀ,୭ା୧ (ଅଜିତ୍ ମହାନ୍ତି):

ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚଳିତ ମାସ ୯ରୁ ୧୨ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଜାତୀୟସ୍ତରୀୟ ଆନ୍ତଃମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ସ୍ତରୀୟ ସାଂସ୍କୃତିକ ମହୋତ୍ସବ ୨୭ତମ ଗ୍ଲୋରିଫେଷ୍ଟ ୨୦୨୪ ଅନୁଷ୍ଠିତ ହେବାକୁ ଯାଉଛି। ଏନେଇ ରବିବାର ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମହୋତ୍ସବରେ ୧୫ଟି ବିଭାଗରେ ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଅନ୍ତାକ୍ଷରୀ, ସ୍କଟ ପେଣ୍ଟିଙ୍ଗ, ରେକର୍ଡ ଡ୍ୟାନ୍ସ, ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ନାଟକ, ଯନ୍ତ୍ର ସଙ୍ଗୀତ, ଲଘୁ ସଙ୍ଗୀତ, ଏକ ଅଭିନୟ ନାଟକ, କବିତା ଅନୁସନ୍ଧାନ, ଆଙ୍କର କି ଖୋଜ ଓ ଗ୍ଲୋରୀ କୁଇନ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରାଜ୍ୟ ତଥା ରାଜ୍ୟ ବାହାରର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିବେ। ଏହି ମହୋତ୍ସବର ଉଦ୍‌ଯାପନୀ ୧୧ ଓ ୧୨ ତାରିଖରେ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ। ଏଥିରେ ଆକର୍ଷଣୀୟ ହେବ 'ଗ୍ଲୋରୀ କୁଇନ' ପ୍ରତିଯୋଗିତା। ସର୍ବଶ୍ରେଷ୍ଠ ବିବେଚିତ ଛାତ୍ରୀଙ୍କୁ ଗ୍ଲୋରୀ କୁଇନ ଟାଇଟଲ ଭୂଷିତ କରାଯିବ। ଜାତୀୟସ୍ତରୀୟ

### ଶ୍ରେଷ୍ଠ ପ୍ରତିଯୋଗୀ ପିନ୍ଧିବେ ଗ୍ଲୋରୀ କୁଇନ୍ ମୁକୁଟ

ଆଲୋଚନା ଚକ୍ର 'ବସୁଦେବ କୁଟୁମ୍ବକମ' ଅନୁଷ୍ଠିତ ହେବ। ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେବେ। ଖବରଦାତା ସମ୍ମିଳନୀରେ ବିଧାୟକ ତଥା ଗ୍ଲୋରୀଫେଷ୍ଟ-୨୦୨୪ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡଙ୍ଗୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ସହକାର୍ଯ୍ୟକାରୀ ଅଧ୍ୟକ୍ଷ ହରପ୍ରସାଦ ବିଶ୍ୱାଳ, ସଂଗ୍ରାମ କେଶରୀ କାନୁନଗୋ, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ମନୋଜ ମହାପାତ୍ର, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର ସାଙ୍ଗଠିକ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଜଗମୋହନ ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଦାମୋଦର ଶତପଥୀ, ସମାଜସେବା ସମ୍ପାଦକ ଜିତେନ୍ଦ୍ରନାଥ କଟିସେ, ମୁଖପାତ୍ର ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ବରିଷ୍ଠ ସଦସ୍ୟ ସଞ୍ଜୀବ ରଥଶର୍ମା, ଶିବଶଙ୍କର ପ୍ରଧାନ, ପ୍ରଦୀପ କୁମାର ପରିଡା, ଆଲୋକ ବିଶୋଇ, ଅଜୟ ରଣସିଂହ, ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପିଟ୍‌ଲାଇନ୍ ପରିସର ସଫେଇ କଲେ ରେଳ କର୍ମଚାରୀ




ପୁରୀ, ୭ା୧ (ଅଜିତ୍ ମହାନ୍ତି):

ରେଲୱେ କର୍ମଚାରୀଙ୍କ ପକ୍ଷରୁ ରବିବାର ଏକ ସଫେଇ କାର୍ଯ୍ୟକ୍ରମ ପୁରୀ ରେଳ ଷ୍ଟେଶନ୍‌ର ପିଟ୍ ଲାଇନ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ହେବ ପିଟ୍ ପରିସରରେ ଅଳିଆ ଆବର୍ଜନା ପଡ଼ିରହି ଦୁର୍ଗନ୍ଧ ସୃଷ୍ଟି ହେଉଥିଲା। ଏନେଇ କର୍ମଚାରୀମାନେ ବାରମ୍ବାର ପିଟ୍ ଲାଇନ ଦାୟିତ୍ୱରେ ଥିବା ସିନିୟର ସିଡିଓଙ୍କୁ ଜଣାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ କର୍ମଚାରୀମାନେ ବାଧ୍ୟହୋଇ ରବିବାର ପିଟ୍ ପରିସରରେ ସଫେଇ କରିଛନ୍ତି। ଶ୍ରମିକ କଂଗ୍ରେସର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁଙ୍କ ହସ୍ତକ୍ଷେପ ପରେ ଅଳିଆ ଆବର୍ଜନା ପରିଷ୍କାର କରାଯାଇଥିଲା। ଶ୍ରମିକ କଂଗ୍ରେସର ସୁନିଲ କୁମାର, ନିରଞ୍ଜନ ମିଶ୍ର, ଶ୍ରୀନିବାସ ରାଓ, ସୁଧାର ପାଢୀ ପ୍ରମୁଖ ଏହି କାର୍ଯ୍ୟ ସମୀକ୍ଷା କରିଥିଲେ।

## ଭଗବତୀ ବିଦ୍ୟା ନିକେତନର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ପୁରୀ, ୭ା୧ (ଅଜିତ୍ ମହାନ୍ତି)



ଅଠରନଳା ଶିକ୍ଷାଶ୍ରୀ ଲେନସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଭୋଳାନାଥ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. କାର୍ତ୍ତିକ କୁମାର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ପ୍ରତିଷ୍ଠାତା ସଦସ୍ୟ ତଥା ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ଏବଂ ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଉଦ୍‌ବୋଧନ ଦେଇ ଖେଳ, କସରତ ଶରୀର ଗଠନ ଦିଗରେ ସହାୟକ ହେବା ସହ ମନକୁ ସୁସ୍ଥ ରଖେ ବୋଲି କହିଥିଲେ। ସହସମ୍ପାଦକ ଲକ୍ଷ୍ମୀଧର ମାଝୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମମତା ଦାସ, ରତ୍ନମଣି ଦଳେଇ, ପ୍ରୀତିମୟୀ ମହାପାତ୍ର, ବୀଣାପାଣି ପ୍ରଧାନ, ବିଷ୍ଣୁପ୍ରିୟା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଗନ୍ନାଥ ମହାରଣା, ସୁବ୍ରତ ମହାନ୍ତି, ବିଶ୍ୱରଂଜନ ଗୋଛାୟତ, ରାଜେଶ ପାଇକରାୟ, ଆଲୋକ ଜେନା, ବବଲିନ ଦାସ, ସନ୍ତୋଷୀ ଦାସ, ଟିଟୁନା ଜେନା, ଖୁସନୁମା ଅକତର ପ୍ରମୁଖ ସହଯୋଗ କରିଥିଲେ।

## ମଙ୍ଗଳା କପ୍ କ୍ରିକେଟ୍: ଜୁଭେନାଇଲ ଚାମ୍ପିୟନ

କାକଟପୁର, ୭ା୧ (ଶୁଭଦର୍ଶନ ମିଶ୍ର):

କାକଟପୁର ମିନି ଷ୍ଟାଡିୟମରେ ଚାଲିଥିବା ୩୪ତମ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜୁଭେନାଇଲ କ୍ଲବ ଓ ଭଦ୍ରକର ୟୁନିକ ଇଲେଭେନ୍ ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଜୁଭେନାଇଲ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ଉଇକେଟ ହରାଇ ୨୨୦ ରନ କରିଥିଲା। ଜବାବରେ ୟୁନିକ ଇଲେଭେନ ସମସ୍ତ ଉଇକେଟ ହରାଇ ୧୮୫ ରନ କରିପାରିଥିଲା। ଫଳରେ ଜୁଭେନାଇଲ ଟିମ୍ ମ୍ୟାଚ ଜିତିବା ସହ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ହିମାଂଶୁ ଭୂଷଣ ଦୀକ୍ଷିତ, ଓଡ଼ିଶା କ୍ରିକେଟ ଆସୋସିଏଶନର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ପାରାଦୀପ ପୋର୍ଟର ମେମ୍ବର ଶ୍ରୀକାନ୍ତ ରାୟ, ମଙ୍ଗଳା କ୍ଲବ ଉପଦେଷ୍ଟା ରାକେଶ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଦଳକୁ ୪୪, ୪୪୧ ଏବଂ ରନର୍ସ ଅପ୍ ଦଳକୁ ୨୧, ୨୨୧ ଟଙ୍କା ପ୍ରଦାନ କରାଯାଇଥିଲା ବୋଲି କ୍ଲବ ସଭାପତି ପ୍ରଦୀପ୍ତ ଦୀକ୍ଷିତ ଓ ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ ସୂଚନା ଦେଇଥିଲେ। ଅମ୍ପାୟାର ଭାବେ ନିର୍ମଳ କୁମାର ମିଶ୍ର ଏବଂ ଅୟସକାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାନେଜର ଭାଗବତ ସ୍ୱାଇଁ, ସଞ୍ଜୟ ସାମଲ, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦୀକ୍ଷିତ, ସୁଶାନ୍ତ ଦାସ ଏବଂ ଶ୍ୟାମସୁନ୍ଦର ରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ।




ଚାମ୍ପିୟନ ଜୁଭେନାଇଲ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ନିମାପଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ନିମାପଡ଼ା,୭ା୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ରବିବାର '୨୮ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟ ତଥା ୧୨ତମ କିଶୋର ପଣ୍ଡା ମେମୋରିଆଲ' ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଭୁବନେଶ୍ୱର ଓ ବିଡାନାସୀ କ୍ରିକେଟ କ୍ଲବ, କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡ଼ାନାସୀ କ୍ରିକେଟ କ୍ଲବକୁ ୧ ଉଇକେଟରେ ହରାଇ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ବିଜୟ ଲାଭ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବିଡାନାସୀ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର ମଧ୍ୟରୁ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ କରିଥିଲା। ବିଡାନାସୀ ଦଳର ଚେରି ୩୦ ବଲ ଖେଳି ୩୯ ରନ୍ କରିଥିବାବେଳେ ଜୟଦେବ ସ୍ପୋର୍ଟ ଆସୋସିଏଶନର ଭାଗିରଥି ଜେନା ୬ ଓଭରରେ ୪୬ରନ ଦେଇ ୪ଟି ଉଇକେଟ ନେଇଥିଲେ। ଜବାବରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ୨୬.୩ ଓଭରରେ ୯ ଉଇକେଟ ହରାଇ ୧୨୧ରନ୍ ସଂଗ୍ରହ କରି ଜିତିଥିଲା। ଦଳର ସନ୍ତୋଷ ପଟ୍ଟନାୟକ ୩୦ ବଲରେ ୩୦ ରନ କରିଥିବା ବେଳେ ବିଡାନାସୀ କ୍ରିକେଟ କ୍ଲବର ରୋହିତ ପ୍ରଧାନ ୬ ଓଭରରେ ୧୯ ରନ ଦେଇ ୩ ଉଇକେଟ ନେଇଥିଲେ। ଜୟଦେବ ସ୍ପୋର୍ଟସ ଆସୋସିଏଶନ୍‌ର ଭାଗୀରଥି ଜେନା ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ ହେବା ସହ ଅତିଥି ନିରଦ ବରଣ ଖୁଣ୍ଟିଆ ଓ ପୂର୍ବତନ ଖେଳାଳି ଅଚ୍ୟୁତାନନ୍ଦ ମିଶ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅତିଥି ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜଗତ ପ୍ରସାଦ ସାବୁତ, ପୂର୍ବତନ ଅଧ୍ୟକ୍ଷ ମେଜର




ଅତିଥିଙ୍କଠାରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ସେମିରେ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ

ଅମରେଶ ନନ୍ଦନ ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ୍ତ ଖଟୋଇ, ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଯୋଗଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା କ୍ରିକେଟ ଆସୋସିଏଶନର କୋଷାଧ୍ୟକ୍ଷ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଅଭିନନ୍ଦନ ପାତ୍ର ଓ ସମ୍ପିତ ପଟ୍ଟନାୟକ ଅମ୍ପାୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ଆସୋସିଏଶନର କ୍ରିକେଟ ସମ୍ପାଦକ ଅକ୍ଷୟ ବେହେରା ଓ ଶୁଭାଶିଷ ରାଉତରାୟ ସହଯୋଗ କରିଥିଲେ। ପାର୍ଥସାରଥୀ ପରିଡ଼ା ଓ ବିଶ୍ୱଜିତ ଘଡେଇ ସ୍କୋରର ଥିଲେ। ସୋମବାର ବିଆର୍‌କେ ବାରିପଦା ବନାମ ମାଷ୍ଟର କ୍ଲବ କଟକ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟରଫାଇନାଲ ମ୍ୟାଚ ହେବ।

## ସଂକ୍ଷେପରେ

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ

**ମଙ୍ଗୁଳି-ଜଗତପୁର,୭ା୧(ମାନସ ସାମଲ)**

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ପାଇଁ ବିଭିନ୍ନ ଗ୍ରାମରେ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ଶ୍ରୀ ଗନ୍ଧର୍ବନାଥ ରାମଲୀଳା ସମିତି ପକ୍ଷରୁ ଚୌଦ୍ୱାର ପୌରପାଳିକା ଅଧୀନ ୧୫ ଓ ୧୬ ନମ୍ବର ୱାର୍ଡରେ ଶ୍ରୀରାମ ରଥ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ସନ୍ତୋଷ ମହାନ୍ତି ଯୋଗଦେଇ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦିନ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାକୁ କହିଥିଲେ। ରାମ, ଲକ୍ଷ୍ମଣ, ସୀତାଙ୍କ ପ୍ରତିମୂର୍ତ୍ତି ଶୋଭାଯାତ୍ରାରେ ଚିତ୍ରେଶ୍ୱର, ଜେନାପାଟଣା, ଗୋଡିପାଟଣା, ଦୌଲତାବାଦ, ମଙ୍ଗଳାସାହି, ମୁରାଦାଖାପାଟଣା ପରିକ୍ରମା କରିଥିଲା। ସ୍ଥାନୀୟ ଅଞ୍ଚଳର କୁନି ପିଲାମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ। ଏହି ଶୋଭାଯାତ୍ରାରେ ଶ୍ରୀକାନ୍ତ ମହାପାତ୍ର, ବଳରାମ ସାହୁ, ଝୁନୁରାଣୀ ଦାସ, ବର୍ଷାରାଣୀ ପଲେଇ, ଅକ୍ଷୟ ମୁଦୁଲି, ଦୀପକ ବେହେରା, ନୃସିଂହ ମହାପାତ୍ର, କାର୍ତ୍ତିକ ନାୟକ, ପ୍ରଦୀପ ମହାପାତ୍ର, ନିଗମ ସାହୁଙ୍କ ସମେତ ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ।

# ‘ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟ ଜରୁରୀ’

**କଟକ,୭ା୧(କାର୍ତ୍ତିକ ସାହୁ)**



ବିଜ୍ଞାନ ପ୍ରଚାର ସମିତିର ବାର୍ଷିକ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବିଜ୍ଞାନ ପ୍ରଚାର ସମିତିର ୭୪ତମ ବାର୍ଷିକ ଉତ୍ସବ**

ବିଜ୍ଞାନ ପ୍ରଚାର ସମିତିର ୭୪ତମ ବାର୍ଷିକ ଉତ୍ସବ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ ଚନ୍ଦ୍ର ନାୟକ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟ ଜରୁରୀ, ଉତ୍ତମ କୃଷି ସହିତ ଖାଦ୍ୟ ସୁରକ୍ଷା ଅତି ଜରୁରୀ ବୋଲି କହିଥିଲେ। ମୁଖ୍ୟବକ୍ତା କିମ୍ସ୍ ଭୁବନେଶ୍ୱରର ପ୍ରୋ-ଭାଇସ ଚାନ୍ସେଲର ଡା. ସି. ବି. କେ. ମହାନ୍ତି କୋଭିଡ୍ ମହାମାରୀର ଆମ ସମାଜ ଉପରେ ପ୍ରଭାବ ଉପରେ ଆଲୋଚନା କରି ଏଥିରୁ ରକ୍ଷା ପାଇବା ପାଇଁ ସାବଧାନତାର ସହ ଚଳିବାକୁ ପଡ଼ିବ ବୋଲି କହିଥିଲେ।

ଏହି ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକଙ୍କୁ ବିଜ୍ଞାନ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପ୍ରଫେସର ରମେଶ ଚନ୍ଦ୍ର ପରିଡାଙ୍କୁ ହୀରକ ସ୍ମାରକୀ ସମ୍ମାନ, ଡା. ପଦ୍ମନାଭ ବେହେରାଙ୍କୁ ସୁବର୍ଣ୍ଣ ସ୍ମାରକୀ ସମ୍ମାନ, ଡ. ପ୍ରମୋଦ କୁମାର ମହାପାତ୍ରଙ୍କୁ ରାୟସାହେବ ବନବିହାରୀ ମହାନ୍ତି ସମ୍ମାନ, ପ୍ରଫେସର ତପନ କୁମାର ପାତ୍ରଙ୍କୁ ଡା. ବିକ୍ରମ ଦାସ ସମ୍ମାନ, ଡ. ପ୍ରତିଭା ମହାରଥୀଙ୍କୁ ବିଜ୍ଞାନ ବାଗ୍ମୀତା ସମ୍ମାନ, ଡ. ସଙ୍ଗୀତା ମହାନ୍ତିଙ୍କୁ ଡା. ମହାମାୟା ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଆର୍ଯ୍ୟପ୍ରକାଶନୀର ସ୍ୱତ୍ୱାଧିକାରୀ ଦୀପ୍ତିପ୍ରଭା ମିଶ୍ରଙ୍କୁ ନିମାଇଁ-କିରଣ ବିଜ୍ଞାନ ପୁସ୍ତକ ପ୍ରକାଶକ ସମ୍ମାନ, ଡ. ହେମନ୍ତ କୁମାର ପରିଡାଙ୍କୁ ସୁକୁମାର-ସୁନନ୍ଦା ଜନପ୍ରିୟ ବିଜ୍ଞାନ ପୁରସ୍କାର, ଅରବିନ୍ଦ କରଙ୍କୁ ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ ସ୍ମୃତି ପୁରସ୍କାର, ବୀରକିଶୋର ବାରିକଙ୍କୁ ପ୍ରଫେସର ଗୋପୀନାଥ ପ୍ରସାଦ ମହାନ୍ତି ପ୍ରତିଭା ପୁରସ୍କାର, ପ୍ରକାଶ ରଞ୍ଜନ ଦାଶଙ୍କୁ ପରିବେଶ ପୁରସ୍କାର, ସସ୍ମିତା ପାଳଙ୍କୁ କୁମୁଦିନୀ ସ୍ମୃତି ପୁରସ୍କାର, ଡା. ଯଶସ୍ୱିନୀ ପଣ୍ଡାଙ୍କୁ ଶ୍ରେଷ୍ଠ କବିରାଜ ସମ୍ମାନ, ପ୍ରଫେସର ଶ୍ୟାମା କାନୁନ୍‌ଗୋଙ୍କୁ ଶ୍ରେଷ୍ଠ ଚିକିତ୍ସକ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ ବିଜ୍ଞାନ ବିବିଧା, ଡା. ନିତ୍ୟାନନ୍ଦ ସ୍ୱାଇଁ, ଡା. ସଚ୍ଚିଦାନନ୍ଦ ଶତପଥୀ, ପ୍ରଫେସର ଭାରତୀ ବେହେରାଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ସମିତିର ଉପସଭାପତି ପ୍ରଫେସର ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ, ସମ୍ପାଦକ ଡା. ଦୀପକ ରାଜ ବିବରଣୀ ପାଠ, ଯୁଗ୍ମ ସମ୍ପାଦକ କବିତା ପାଟଶାଣୀ ଧନ୍ୟବାଦ ଦେଇଥିଲେ। ଡା. ସଚ୍ଚିଦାନନ୍ଦ ଶତପଥୀ, କୋଷାଧ୍ୟକ୍ଷ ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ ଓ ପୂର୍ବତନ ସମ୍ପାଦକ ନିରଞ୍ଜନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଭାରତୀ ବେହେରା, ଡ. ଜ୍ୟୋତିର୍ମୟୀ ଉଦ୍‌ଗାତା, ଡା. ସଚ୍ଚିଦାନନ୍ଦ ଶତପଥୀ, ସୁଲୋଚନା ଦାଶ ମାନପତ୍ର ପାଠ କରିଥିଲେ। ପ୍ରଫେସର ପ୍ରଭାତ ମିଶ୍ର, ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ମହାନ୍ତି, ଡା. ବରଦା ଚରଣ ମହାନ୍ତି, ସୁଜିତାଭ ଶତପଥୀ, ସୁକାନ୍ତ କିଶୋର ମହାନ୍ତି, ଜୀବନାନନ୍ଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପେନ୍‌ସନ୍ ବୃଦ୍ଧି ନ ହେଲେ ବ୍ୟାପକ ଆନ୍ଦୋଳନ

**କଟକ,୭ା୧(କାର୍ତ୍ତିକ ସାହୁ)**

**କଟକ ଜିଲା ଇପିଏଫ୍ ପେନ୍‌ସନର ସଂଘର ବାର୍ଷିକ ସମ୍ମିଳନୀ**

କଟକ ଜିଲା ଇପିଏଫ୍ ପେନ୍‌ସନର ସଂଘର ତୃତୀୟ ବାର୍ଷିକ ସମ୍ମିଳନୀ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଉପସଭାପତି ତଥା ରାଜ୍ୟ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ସମ୍ମିଳନୀକୁ ଉଦ୍‌ଘାଟନ କରି ପେନ୍‌ସନ ବୃଦ୍ଧି ସହିତ ମହଙ୍ଗାଭତ୍ତା ପ୍ରଦାନ କରା ନ ଗଲେ ଆନ୍ଦୋଳନ ବ୍ୟାପକ ହେବ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, କୋର୍ କମିଟି ସଦସ୍ୟ ସଚ୍ଚିଦାନନ୍ଦ ସାମନ୍ତରାୟ, ସରୋଜକାନ୍ତ ମଲ୍ଲିକ, ଗୀତାଞ୍ଜଳି ପାତ୍ର, ଉର୍ବଶୀ ମିଶ୍ର, ପୁରୀ ଜିଲା ସମ୍ପାଦକ କସ୍ତୁରୀ ସୁବୁଦ୍ଧି, ଜିଲା ଉପଦେଷ୍ଟା ଇଂ. ବିଜୟ ନାୟକ, ବିକ୍ରମ ଛୋଟରାୟ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସଭାପତି ରାଜକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ବିନୋଦ ବେହେରା ସ୍ୱାଗତ ଭାଷଣ ଏବଂ ସହ ସମ୍ପାଦକ ବୁଲେଇ ବେହେରା ବିବରଣୀ ପାଠ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଅଧିବେଶନରେ ଆଗାମୀ ଦୁଇବର୍ଷ ପାଇଁ ଜିଲା କାର୍ଯ୍ୟକାରୀ କମିଟିର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ଭାବେ ରାଜକିଶୋର ସ୍ୱାଇଁ, ଉପସଭାପତି ଅଗାଧୁ ପ୍ରଧାନ, ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିନୋଦ ବେହେରା, ସହସମ୍ପାଦକ ବୁଲେଇ ବେହେରା, ଅଲେଖ ରାଉତ, କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର କୁମାର ସାହୁ ନିର୍ବାଚିତ ହୋଇଥିଲେ। ବିଭିନ୍ନ ସଙ୍ଗଠନରୁ ୨୭ ଜଣିଆ ସଦସ୍ୟ ବିଶିଷ୍ଟ କାର୍ଯ୍ୟନିର୍ବାହୀ କମିଟି ଗଠନ କରାଯାଇଥିଲା। ଅଗାଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଲକ୍ଷ୍ମୀବିହାର ହାଉସିଂ ସୋସାଇଟିର ବାର୍ଷିକୋତ୍ସବ

**କଟକ,୭ା୧(ଶିଳ୍ପା ପ୍ରିୟଦର୍ଶିନୀ)**

ତ୍ରିଶୂଳିଆ ମଧୁବନସ୍ଥିତ ଲକ୍ଷ୍ମୀ ବିହାର ହାଉସିଂ ସୋସାଇଟିର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ତଥା ବାରଙ୍ଗ ମିଶନଶକ୍ତି ସଭାନେତ୍ରୀ ସୁମିନା ପ୍ରଧାନ, ପୂର୍ବତନ ସରପଞ୍ଚ ବିଜୟ କୁମାର ରାଉତ ଓ ସୁକାନ୍ତ ବେହେରା ଯୋଗଦେଇଥିଲେ। ସଭାପତି ବିବେକାନନ୍ଦ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୋସାଇଟିର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସୋସାଇଟିକୁ କଂକ୍ରିଟ ରୋଡ୍ ସହ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ରାଉତରାୟ ଅତିଥିମାନଙ୍କୁ ଅନୁରୋଧ କରିଥିଲେ। ସୋସାଇଟିର ଉନ୍ନତୀମୂଳକ କାର୍ଯ୍ୟ ଆଗେଇ ନେବା ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ବରଦାନ ନଗର ଆସୋସିଏଶନ ସଭାପତି ରମେଶ ଚନ୍ଦ୍ର ରାଉତ। ସୋସାଇଟି ପକ୍ଷରୁ କରାଯାଇଥିବା ଅନୁରୋଧ ରକ୍ଷା କରାଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଛନ୍ତି। ସୋସାଇଟିର କୋଷାଧ୍ୟକ୍ଷ ମନୋଜ କୁମାର ରଥ ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିବାବେଳେ ସାମାଜିକ କର୍ମୀ ପ୍ରକାଶ ପଲେଇ ସହଯୋଗ କରିଥିଲେ।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ୧୫ତମ କଟକ ମହୋତ୍ସବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ପୁରସ୍କୃତ କଳାକାର।

### ଡିଏଭି ନ୍ୟାଶନାଲ୍ ସ୍ପୋର୍ଟ୍ସମିଟ୍‌ରେ ବ୍ରୋଞ୍ଜ ପଦକ ହାସଲ କଲା ସିଡିଏ ଡିଏଭି

**କଟକ,୭ା୧(ଶିଳ୍ପା ପ୍ରିୟଦର୍ଶିନୀ)**

ଡିଏଭି କଲେଜ ମ୍ୟାନେଜିଂ କମିଟି ନୂଆଦିଲ୍ଲୀ ପକ୍ଷରୁ ଦୁଇଦିନିଆ ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ଦିଲ୍ଲୀ ଓ ହରିୟାଣାଠାରେ ଥିବା ବିଭିନ୍ନ ସ୍କୁଲରେ ଶୁକ୍ରବାର ଓ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲର ପ୍ରତିଯୋଗୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଲନ୍‌ଟେନିସରେ ସ୍କୁଲର ଛାତ୍ର ସାଇସ୍ୱସ୍ତିକ ମହାନ୍ତି, ଜଗତଜ୍ୟୋତି ପତି ଚାମ୍ପିୟନ, ଚେସ୍‌ରେ ଅଙ୍କିତା ସାହୁ, ଋତୁପର୍ଣ୍ଣା ତ୍ରିପାଠୀ, ଅଂଶୀତା ପଟ୍ଟନାୟକ ଓ ହର୍ଷିତା ସିଂ ଚାମ୍ପିୟନ, ଆଥ୍‌ଲେଟିକ୍ସରେ ଛାତ୍ର ରାହୁଲ ସେଠ, ଟାଏକୋଣ୍ଡୋରେ ଛାତ୍ରୀ ଶ୍ରଦ୍ଧାସୁମନ ସାହୁ କ୍ରୀଡ଼ା ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶନିବାର ରାତିରେ ଛାତ୍ରୀଛାତ୍ରମାନେ କଟକରେ ପହଞ୍ଚିଥିବାବେଳେ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହାସହ ରାଜ୍ୟର ସମସ୍ତ ପ୍ରତିଯୋଗୀଙ୍କୁ ସର୍ବାଧିକ ପଏଣ୍ଟରେ ପରାଜିତ କରାଇ ସିଡିଏ ଡିଏଭିର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସଫଳତା ନେଇ ସ୍କୁଲର ଅଧ୍ୟକ୍ଷା ନମିତା ମହାନ୍ତି ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

**ମହାସତ୍‌ସଙ୍ଗ, ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ**

## ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଦିବ୍ୟାଲୋକ ସନ୍ଧାନେ ସମ୍ମାନ

**ଫୁଲନଖରା,୭ା୧(ସତ୍ୟରଞ୍ଜନ ଦାସମହାପାତ୍ର)**

କଟକ ସଦର ଥାନା ଅଧୀନ ନଛିପୁର ଗ୍ରାମସ୍ଥିତ କେଦାରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆଧ୍ୟାତ୍ମିକ ପତ୍ରିକା ‘ଦିବ୍ୟାଲୋକ ସନ୍ଧାନେ’ ୨୩ତମ ସ୍ୱନକ୍ଷତ୍ର ଉପଲକ୍ଷେ ମହାସତ୍‌ସଙ୍ଗ ଏବଂ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ଶରତ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସତ୍‌ସଙ୍ଗରେ ସନ୍ଥ ସ୍ୱାମୀ ଭଗବତାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟକ, ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି, ଡା. ଆଶୁତୋଷ ପ୍ରସାଦ ମିଶ୍ର ମୁଖ୍ୟବକ୍ତା ଏବଂ ବାବାଜୀ ବିଶ୍ୱନାଥ ଦାସ, ଗଣଶିକ୍ଷା ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଶରତ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ‘ଦିବ୍ୟାଲୋକ ସନ୍ଧାନେ’ର ଜାନୁଆରୀ ସଂଖ୍ୟା ଲୋକାର୍ପିତ ହୋଇଥିଲା। ପରେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଦିବ୍ୟାଲୋକ ସନ୍ଧାନେ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ହାଇକୋର୍ଟର ଆଇନଜୀବୀ ଦେବସ୍ମାନ ଦାସଙ୍କୁ ଆଦର୍ଶ ଅଧିବକ୍ତା ସମ୍ମାନ, ଡ. ଗୁରୁପ୍ରସାଦ ମହାପାତ୍ରଙ୍କୁ ପ୍ରବକ୍ତା ରତ୍ନ, ଅଭିନନ୍ଦନ ଦାସଙ୍କୁ ଶ୍ରୀଜଗନ୍ନାଥ ଗବେଷକ ଓ ପ୍ରଚାରକ ସମ୍ମାନ, ଚୌଧୁରୀ ଅମିତାଭ ଦାସଙ୍କୁ ସାମ୍ବାଦିକ ଗୌରବ ସମ୍ମାନ, ପ୍ରଫେସର ଶ୍ରୀକାନ୍ତ ଧରଙ୍କୁ ଚିକିତ୍ସକ ରତ୍ନ, ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ଆଦର୍ଶ ଲେଖକ ସମ୍ମାନ, କଟକ ସଦର ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ଆଦର୍ଶ ଥାନାଧିକାରୀ, ପାଲା ଗାୟକ ଯୁଧିଷ୍ଠିର ପରିଜାଙ୍କୁ ଗାୟକ ଗୌରବ, କଟକସ୍ଥିତ ଅଭିଷେକ ମେମୋରିଆଲ ଚାରିଟେବଲ ଟ୍ରଷ୍ଟକୁ ଆଦର୍ଶ ସମାଜସେବୀ ଅନୁଷ୍ଠାନ ସମ୍ମାନିତ କରାଯାଇଥିଲା।

ଖବରଦାତା ରାଜେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପଣ୍ଡିତ ତ୍ରିନାଥ ମହାପାତ୍ର ଓ ସାଥିଙ୍କ ଦ୍ୱାରା ହନୁମାନ ଚାଳିଶା, ପାରାୟଣ ହୋଇଥିଲା। ଆଇନଜୀବୀ ପ୍ରଭୁ ପ୍ରସନ୍ନ ବେହେରା ସ୍ୱାଗତ ଭାଷଣ, ସମ୍ପାଦକ ଶ୍ରୀସନ୍ନ୍ୟାସୀ ଜୀ ଅତିଥି ପରିଚୟ, ସ୍ୱାମୀ ତ୍ରିଲୋକେଶ୍ୱର ଭାରତୀ ଧନ୍ୟବାଦ ଦେଇଥିଲେ। ପରିଚାଳନା ସମ୍ପାଦକ ଇଂ. ବିପ୍ଳବ ଦାସ, ରାମଚନ୍ଦ୍ର ବେହେରା, ଦିଲ୍ଲୁ ମଲ୍ଲିକ, ରାମଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଦିବ୍ୟାଲୋକ ସନ୍ଧାନେ ସମ୍ମାନ ପ୍ରଦାନ କରାଯାଉଛି।

## ଦେଶ ଗଠନରେ ଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଟିଗିରିଆ,୭ା୧(ଜାଫର ଖାଁ)**

ଟିଗିରିଆ ବ୍ଲକ ନିଜିଗଡ଼ ସ୍ଥିତ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା କୁଙ୍କୁମିତା ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗ ଦେଇ କଳିଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନଠାରୁ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲା। କିନ୍ତୁ ଏବେ ୫-ଟି ଅଧୀନରେ ବିଦ୍ୟାଳୟର ଉନ୍ନତି ହୋଇଛି ବୋଲି କହିଥିଲେ। ଦେଶ ଗଠନରେ ଛାତ୍ରୀମାନଙ୍କ ଭୂମିକା ଗୁରତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ସ୍ମିତା ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## କ୍ରିକେଟ: ଡମଣାଗାଡ଼ିଆ ବିଜୟୀ


ଅତିଥିଙ୍କ ଗହଣରେ ଖେଳାଳିମାନେ।

**ମାଣିଆବନ୍ଧ,୭ା୧(ଅଖିଳ କୁମାର ସାହୁ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ପଡ଼ିଆରେ ରବିବାର ୪୨ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ମ୍ୟାଚରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବିଶିଷ୍ଟ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ମଙ୍ଗୁଳି ସାହୁ ଯୋଗଦେଇଥିଲେ। ମାଣିଆବନ୍ଧ ସରପଞ୍ଚଙ୍କ ପ୍ରତିନିଧି ଅଜୟ ସ୍ୱାଇଁ, ସନ୍ତରାବାଲି ସରପଞ୍ଚ ମିତା ଜେନାଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା, ସମିତି ସଭ୍ୟାଙ୍କ ପ୍ରତିନିଧି ବିକାଶ ମନ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଆଠଗଡ ଷ୍ଟାର ଓ ଡମଣଗାଡ଼ିଆ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଆଠଗଡ଼ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭର ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୨୪୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଡମଣଗାଡ଼ିଆ ଦଳ ୧୮ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୁବ୍ରତ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବବୁଲ ପରିଡା ଓ ଲକ୍ଷ୍ମୀଧର ନାୟକ ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ଦେବାନନ୍ଦ ପାଳ, ସମ୍ପାଦକ ଶିବ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପବିତ୍ର ପ୍ରଧାନ ଏଥିରେ ସହଯୋଗ କରିଥିଲେ।

# ‘ଦେଶର ଅର୍ଥନୀତିରେ ଅଭିବୃଦ୍ଧି ସାଙ୍ଗକୁ ସାମଗ୍ରିକ ବିକାଶ ଘଟିଛି’

**ଆଠଗଡ/ବଡ଼ମ୍ବା/ ମାଣିଆବନ୍ଧ/ନିରଞ୍ଜନ ଦେବକୁମାର, ୭ା୧(ସତ୍ୟ ପ୍ରସାଦ ରଥ/ମାୟାଧର ମଲ୍ଲିକ/ ଅଖିଳ କୁମାର ସାହୁ/ ନିରଞ୍ଜନ ଦେବକୁମାର)**


ଆଠଗଡ଼ରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ବୋଧନ ଦେଉଛନ୍ତି।

- **ବିଭିନ୍ନ ଷ୍ଟେଶନରେ ଏକ୍ସପ୍ରେସ ରହଣି ଘୋଷଣା**
- **ଭଟ୍ଟାରିକା ମନ୍ଦିର ଉନ୍ନତି ପାଇଁ ୩୦ ଲକ୍ଷ ମଞ୍ଜୁର**
- **ଚମ୍ପାନାଥ ପୀଠକୁ ୫୦ ଲକ୍ଷ ଅନୁଦାନ**

କେନ୍ଦ୍ର ରେଳ, ଯୋଗାଯୋଗ, ବୈଦ୍ୟୁତିକ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ଜିଲାର ବିଭିନ୍ନ ବ୍ଲକ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ଆଠଗଡ଼ସ୍ଥିତ ମହାବୀର ପ୍ଲାଜାଠାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ୯ ବର୍ଷ ଶାସନରେ ଦେଶର ଅର୍ଥନୀତିରେ ଅଭିବୃଦ୍ଧି ସାଙ୍ଗକୁ ସାମଗ୍ରିକ ବିକାଶ ଘଟିଛି ବୋଲି କହିଥିଲେ। ପରେ ସେ କଟକ-ସମ୍ବଲପୁର ରାସ୍ତାର ଘଣ୍ଟିଖାଲ ରେଳବାଇ ଲେଭଲ କ୍ରସିଂଠାରେ ଫ୍ଲାଏ ଓଭର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଜା-ଆଠଗଡ଼ ଓ ଘଣ୍ଟିଖାଲ-ନିଧିପୁର ରେଳଷ୍ଟେଶନରେ ଏକ୍ସପ୍ରେସ ରହଣି ପାଇଁ ଘୋଷଣା କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାଏ ଏଥିରେ ଅଧ୍ୟକ୍ଷତା କରିଥିଲେ। ମନ୍ତ୍ରୀ ବୈଷ୍ଣବ ଧବଳେଶ୍ୱର ପୀଠସ୍ଥିତ ଡାକବଙ୍ଗଳାରେ ରାତ୍ରିଯାପନ ପରେ ରବିବାର ସକାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ସେଠାରୁ ଫେରିବା ବେଳକୁ ଆଠଗଡ ସହରର ଚାନ୍ଦବାଲି ଛକରେ ଭାଜପା କାର୍ଯ୍ୟକର୍ତ୍ତା ଓ ଦଳୀୟକର୍ମୀମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ଯତୀନ ମହାନ୍ତି, ଦିଲୀପ ମଲ୍ଲିକ, ପ୍ରକାଶ ବେହେରା, ରାମ ନାରାୟଣ ମହାନ୍ତି, ବିଚିତ୍ରାନନ୍ଦ ଜେନା ଓ ଶୁଭ୍ରାଂଶୁ ମୋହନ ପାଢୀ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ରେଳ ମନ୍ତ୍ରୀ ବୈଷ୍ଣବ ବଡ଼ମ୍ବା ଗସ୍ତରେ ଆସି ଗାନ୍ଧୀ ଛକଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବଡ଼ମ୍ବା ହାଟ ନିକଟ ଭାଜପା କାର୍ଯ୍ୟାଳୟରେ ଏକ ସଭା ଆୟୋଜନ କରାଯାଇ ମନ୍ତ୍ରୀ ବୈଷ୍ଣବଙ୍କୁ ଦଳୀୟ ନେତା ସମ୍ବିତ ତ୍ରିପାଠୀ ସ୍ୱାଗତ କରିଥିଲେ। ଏହାପରେ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା’ଭଟ୍ଟାରିକାଙ୍କୁ ମନ୍ତ୍ରୀ ବୈଷ୍ଣବ ଦର୍ଶନ କରି ମନ୍ଦିର ଉନ୍ନତି ପାଇଁ ୩୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ନରସିଂହପୁର ସହ ନୟାଗଡ଼ ଜିଲା ଖଣ୍ଡପଡ଼ାକୁ ରେଳ ସଂଯୋଗୀକରଣ ହେବ ବୋଲି ଏହି ଅବସରରେ ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପରେ ଭଟ୍ଟାରିକା ପାନ୍ଥଶାଳାରେ ଦଳୀୟ କର୍ମକର୍ତ୍ତାଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ କରି ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

ସେହିପରି ମନ୍ତ୍ରୀ ବୈଷ୍ଣବ ମାଣିଆବନ୍ଧ ଗ୍ରାମ ପରିଦର୍ଶନରେ ଆସି ସୁନିଆପାଟଣା ସାହିରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିଲେ। ସେଠାରେ ସେ ବୁଣାକାର ଓ ବୁଣାକାର ପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମାଣିଆବନ୍ଧର ଅଗ୍ରଣୀ ବୁଣାକାର ସଂସ୍ଥା ମହକ ତରଫରୁ ମାଣିଆବନ୍ଧ ଖଣ୍ଡୁଆ ଶାଢ଼ିର ଭୌଗୋଳିକ ଉପଦର୍ଶନ ପଞ୍ଜୀକରଣ ଏବଂ ବୁଣାକାର ହାଟ ପୂର୍ଣ୍ଣାଙ୍ଗୀକରଣ ତଥା ଅନ୍ୟାନ୍ୟ ସମସ୍ୟାକୁ ନେଇ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଏଥିସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମାଣିଆବନ୍ଧ ଶାଢ଼ିର ବିକ୍ରି ପାଇଁ କଟକ ରେଳ ଷ୍ଟେସନଠାରେ ଏକ ସ୍ୱତନ୍ତ୍ର ଷ୍ଟଲ ଯୋଗାଇ ଦେବାକୁ ମନ୍ତ୍ରୀ ବୈଷ୍ଣବ ଘୋଷଣା କରିଥିଲେ। ପରେ ମନ୍ତ୍ରୀ କେତେଜଣ ବୁଣାକାରଙ୍କ ଘରକୁ ଯାଇ ସେମାନଙ୍କ ସମସ୍ୟା ବୁଝିଥିଲେ। ଶେଷରେ ମନ୍ତ୍ରୀ ବୈଷ୍ଣବ ନରସିଂହପୁର ଗସ୍ତରେ ଆସି ଗଡଜାତ ଅଞ୍ଚଳର ସର୍ବପୁରାତନ ଚମ୍ପାନାଥ ମନ୍ଦିର ଓ କଇଁଛ ପୋଖରୀ ପରିଦର୍ଶନ କରି ନିଜର ପୁରାତନ ସ୍ମୃତିକୁ ମନେପକାଇଥିଲେ। ଏହାପରେ ଦଳୀୟ କର୍ମୀ ସମ୍ମିଳନୀରେ ଯୋଗଦେଇ ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ବିଜୟୀ କରାଇ ଡବଲ ଇଞ୍ଜିନ ସରକାର ଆଣିବାକୁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ଚମ୍ପାନାଥ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହି ସଭାରେ କଟକ ଜିଲା ଭାଜପା ସଭାପତି ପ୍ରକାଶ କୁମାର ବେହେରା ଓ ବିଜୟ କୁମାର ଦଳ ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପାପାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



### ଜନ୍ମଦିନ ଶୁଭେଚ୍ଛା



**ସିଦ୍ଧି (ପାପାଲି)**

ଦେଉଳିସାହି,ବାଗଲପୁର, କଟକ

ପ୍ରଥମ ବାର୍ଷିକ ଜନ୍ମୋତ୍ସବରେ ଅନେକ ଅନେକ ଶୁଭାଶୀର୍ବାଦ । ଜଗତରନାଥ ଜଗନ୍ନାଥ ତୋତେ କୋଟି ପରମାୟୁ ଦିଅନ୍ତୁ।

**ଶୁଭେଚ୍ଛା ସହ: ପରିବାରବର୍ଗ ।**

ଧ-୨୨୦୪


# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୁଆଁରମୁଣ୍ଡା,୭।୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଜଲଙ୍ଗବିରା ପଞ୍ଚାୟତ ଡୁରିଟୋଲାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ସୁଗଡ ସମାଦ(୩୫)। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ଏନେଇ ପୋଲିସ ତଦନ୍ତ ଚଳାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**Admission Open**

Post Diploma in C.S.S.D TECHNIQUES (Hospital Sterilization Technology)
Eligibility : +3 Science | Duration : 1 Year

Advance Diploma in OPERATION THEATRE TECHNOLOGY (OT Techniques)
Eligibility : +2 (Any Stream) | Duration : 2 Years

RMTI, PALASUNI, RASULGARH
BHUBANESWAR-25
Ph: 93382 12123

Hurry up... Hurry up... Hurry up...
**B.Ed**
**Only @89,000/-**
IMMEDIATELY CONTACT
B.Ed COUNSELLING CENTER BHUBANESWAR
7606962458
8908210843
9124391142
8908210443



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ‘ଜଣେ କଳାକାର ସବୁ ରିସ୍କ ନେବା ଦରକାର’

ଓଲିଉଡ୍‌ରେ ଏବେ ଦର୍ଶକଙ୍କ ପ୍ରିୟ ଅଭିନେତ୍ରୀ ହେଉଛନ୍ତି ସୁପ୍ରିୟା ନାୟକ। ଭିନ୍ନ ଭିନ୍ନ ଚରିତ୍ରରେ ଦମ୍‌ଦାର ଅଭିନୟ ତାଙ୍କ ସିନେମା କ୍ୟାରିୟରକୁ ଆହୁରି ମଜଭୁତ୍ କରିଛି। ଜଗତ୍‌ସିଂହପୁରରେ ଜନ୍ମିତ ସୁପ୍ରିୟା ୨୦୧୭ରେ ‘ଲଭ୍ ପାଇଁ କୁଛ୍ ବି କରେଗା’ ଚଳଚ୍ଚିତ୍ରରୁ ଓଲିଉଡ୍‌ରେ ପାଦ ଥାପିଥିଲେ। ପରେ ପରେ ବିଜୁବାବୁ, ଆସ୍ତିକ ନାସ୍ତିକ, ପୁଷ୍କରା, ଉଟ୍‌ପେନ୍ ଚଳଚ୍ଚିତ୍ର ସହ ‘କେମିତି କହିବି କହ’ ଧାରାବହିକ ଓ ‘ବାରଙ୍ଗ ୧୯୯୯’ ୱେବ୍ ସିରିଜରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇଛନ୍ତି। ତେବେ ୨୦୨୩ର ‘ପୁଷ୍କରା’ ଚଳଚ୍ଚିତ୍ରରେ ସୁପ୍ରିୟାଙ୍କ ମନଛୁଆଁ ଅଭିନୟକୁ ‘ଉଟ୍‌ପେନ୍’ ଫିଲ୍ମର ଆଇଟମ୍ ସଙ୍ଗ ‘ପୂନେଁଇ ଜହ୍ନ...’ରେ ସେ ଦର୍ଶକଙ୍କ ଭିଡ଼ରେ ବେଶ୍ ଚର୍ଚ୍ଚାରେ ଥିଲେ। ବର୍ଷ ଶେଷ ବେଳକୁ ତାଙ୍କ ସିରିଜ ସଫଳତାର ଆଉ ଏକ ଶିଡ଼ି ଛୁଇଁପାରିଥିଲା। ସୁପ୍ରିୟାଙ୍କ ସହ ଏଥରର ‘ଧରିତ୍ରୀ ଆଳାପ’।

ସାକ୍ଷାତ୍/ଫଟୋ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର



ଅଭିନେତ୍ରୀ ସୁପ୍ରିୟା ନାୟକ

**ଧରିତ୍ରୀ ଆଳାପ**

**ଆପଣଙ୍କର ଅନେକଗୁଡ଼ିଏ ହିଟ୍ ଫିଲ୍ମ, ୱେବ୍ ସିରିଜ ରିଲିଜ୍ ହୋଇଛି। ଦର୍ଶକଙ୍କ ଭଲ ପାଇବା କିଭଳି ମିଳିଛି?**

-ଗତବର୍ଷ ମୋତେ ଲୋକଙ୍କ ଭଲପାଇବା ବହୁତ ମିଳିଛି। ମୋର ସବୁ କାମକୁ ଦର୍ଶକ ପସନ୍ଦ କରିଛନ୍ତି। ସେମାନଙ୍କଠାରୁ ବହୁତ କିଛି ଶିଖିଛି। ଚେଷ୍ଟା କରୁଛି ଆଗକୁ ଆହୁରି କିଭଳି ଭଲ ପ୍ରୋଜେକ୍ଟ ସିଲେକ୍ଟ କରି କାମ କରିବି।

**ୱେବ୍ ସିରିଜ୍ ‘ବାରଙ୍ଗ ୧୯୯୯’ରେ ଆପଣ ଏକ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମ୍ନାକୁ ଆସିଛନ୍ତି। ସେ ବିଷୟରେ କ’ଣ କହିବେ?**

- ‘ବାରଙ୍ଗ ୧୯୯୯’ର ସେହି ଚରିତ୍ର ମେଣ୍ଟାଲି ମୋ ପାଇଁ ଟ୍ରେନିଙ୍ଗ ଥିଲା। ଏଭଳି ଏକ ଚରିତ୍ର କରିବା ଅସହଜ ଥିଲା। ଗୋଟିଏ ଝିଅ ସହ ଏଭଳି ଅଘଟଣ ଘଟୁଛି, ସେ ଏକା ଲଢ଼େଇ କରୁଛି, ଆଉ ତା’ ପଛରେ ମଧ୍ୟ କେହି ନାହାନ୍ତି। ପୂରା ବ୍ୟବସ୍ଥା ବି ତା’ ବିରୋଧରେ। ଯେଉଁମାନେ ତା’ ସହିତ ଦୁର୍ଘଟଣା ଘଟାଇଛନ୍ତି ସେମାନଙ୍କ ସହ ଲଢ଼ିବା ସହିତ ମୁଖ୍ୟମନ୍ତ୍ରୀଙ୍କ ସହ ଲଢ଼େଇ କରିବା...ଏସବୁ ପରେ ବି ମାନସିକ କିମ୍ବା ଶାରୀରିକ ସ୍ତରରେ ଦୁର୍ବଳ ନ ହୋଇ ଆଗକୁ ବଢ଼ିବା ନିହାତି ଚ୍ୟାଲେଞ୍ଜପୂର୍ଣ୍ଣ। ଆରମ୍ଭରୁ ଶେଷ ଯାଏ ଏମିତି କିଛି ସିନ୍ ନ ଥିଲା, ଯାହାକୁ ମୁଁ ସହଜ ମନେକରିବି। ତେଣୁ ମୋ ପାଇଁ ଏହି ଚରିତ୍ର ପୂରା ଚ୍ୟାଲେଞ୍ଜିଂ ଥିଲା।

**‘ପୁଷ୍କରା’ ଚଳଚ୍ଚିତ୍ରରେ ପ୍ରେମିକାରୁ ବିଧବା ମହିଳା ଚରିତ୍ରରେ ଦର୍ଶକ ଆପଣଙ୍କୁ ପାଇଥିଲେ। ଚଳଚ୍ଚିତ୍ରର ଅନୁଭୂତି କିପରି ଥିଲା?**

-ଭଲପାଇବାରେ ପଡ଼ିବା, ଆଉ ଭଲ ପାଇବା ନ ମିଳିବା ମଧ୍ୟ ସାଧାରଣ କଥା। ଏଭଳି କଥା ସମସ୍ତଙ୍କ ଜୀବନରେ ଘଟିଥିବ। ବାସ୍ତବ ଜୀବନର ସେହି କଥାକୁ ନେଇ ମୁଁ ଚରିତ୍ରରେ ଦେଖାଇବାକୁ ଚେଷ୍ଟା କରିଥିଲି। ବିଧବା ଚରିତ୍ରରେ ଅଭିନୟ କରିବା ମୋ ପାଇଁ ପ୍ରଥମ ଥିଲା। କାହାଣୀଟି ଯେଉଁ ପୁସ୍ତକ (ନାଦବିନ୍ଦୁ)ରୁ ନିଆଯାଇଛି, ତାକୁ ମୁଁ ଭଲ ଭାବରେ ପଢ଼ିଥିଲି। ଏହି ଚରିତ୍ର ପାଇଁ ସେ ବହିଟି ମୋତେ ବହୁତ ସାହାଯ୍ୟ କରିଛି। ସେ ଚରିତ୍ର ବିଷୟରେ ବହିଟିରେ ବହୁତ ଭଲ ଭାବରେ ବଖାଣିକି ଲେଖାଯାଇଛି। ଦର୍ଶକଙ୍କୁ ସବୁବେଳେ ଭଲ ବିଷୟବସ୍ତୁ ଦେବାର ଇଚ୍ଛା ହିଁ ମୋତେ ସାହାଯ୍ୟ କରିଥିଲା ଏହି ଚରିତ୍ର ସମ୍ଭାଳିବାକୁ। ଭଲ ଅଭିନୟରେ ହିଁ ଦର୍ଶକ ପ୍ରତିକ୍ରିୟା ପ୍ରକାଶ କରିଥାନ୍ତି।

**ଏଯାବତ୍ କେଉଁ ଫିଲ୍ମ ବା ସିରିଜ୍‌ରେ ନିଜର ବେଷ୍ଟ ଦେଇପାରିଛନ୍ତି ବୋଲି ଭାବୁଛନ୍ତି?**

-‘ବାରଙ୍ଗ ୧୯୯୯’ରେ ମୁଁ ମୋର ୧୦୦ ପ୍ରତିଶତ ଦେଇପାରିଛି ବୋଲି ଭାବୁଛି। ସେହିଭଳି ‘ପୁଷ୍କରା’ ମୋ କ୍ୟାରିୟରର ଟର୍ନିଂ ପଏଣ୍ଟ ଥିଲା। ଏହି ଫିଲ୍ମ ଦେଖିବା ପରେ ଅନେକ ଦର୍ଶକ କହିଛନ୍ତି, ଆପଣ କାହିଁକି ବିଧବା ଚରିତ୍ର କରୁଥିଲେ, ଆମେ ଆପଣଙ୍କୁ ଦେଖିପାରୁନୁ। କେତେଜଣ ଦର୍ଶକ ବି ମୋତେ ଧରି କାନ୍ଦିଛନ୍ତି। ଫିଲ୍ମ ଦେଖି ଯଦି ଏଭଳି କିଛି ପ୍ରତିକ୍ରିୟା ଆସୁଛି, ତା’ହେଲେ ଭାବୁଛି ମୁଁ କିଛି ଭଲ କାମ କରିପାରିଛି।

**ପୂନେଁଇ ଜହ୍ନ ଆଇଟମ୍ ସଙ୍ଗକୁ ନେଇ ଆପଣ ବହୁତ ଚର୍ଚ୍ଚାକୁ ଆସିଥିଲେ। ଦର୍ଶକଙ୍କ ପ୍ରତିକ୍ରିୟାକୁ କିଭଳି ଗ୍ରହଣ କରୁଛନ୍ତି?**

-କେବଳ ଯେ ଭଲ ପାଉଥିବା ଚରିତ୍ରଗୁଡ଼ିକ ମୁଁ କରିବି ସେମିତି ତ ହୋଇପାରିବ ନାହିଁ। ଜଣେ କଳାକାର ଭାବେ ବିଭିନ୍ନ ଚରିତ୍ରରେ ଅଭିନୟ କରିବା ଦରକାର। ମୋତେ ବି ନିଜକୁ ଜାଣିବାକୁ ପଡ଼ିବ, ମୁଁ କେଉଁ ଚରିତ୍ରକୁ ବେଶି ଭଲ ଭାବେ କରିପାରୁଛି। ଜଣେ କଳାକାର ସବୁ ରିସ୍କ ନେବା ଦରକାର।

**କିଛି ସ୍ମରଣୀୟ ଦର୍ଶକୀୟ ଅନୁଭୂତି?**

- ‘କେମିତି କହିବି କହ’ ଧାରାବାହିକରେ ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ସହ ଲିଡ୍ ଭୂମିକାରେ ଅଭିନୟ କରିଥିଲି। ଏକ ସିନ୍‌ରେ ମୋ ଦେହ ଖରାପ ହୋଇଥିଲା। ଜଣେ ମାଉସୀ ମୋତେ ଏତେ ଭଲ ପାଇଯାଇଥିଲେ ଯେ, ସେ ଭାବିଲେ ମୋ ଦେହ ସତରେ ଖରାପ ହୋଇଯାଇଛି। ସେ ମନ୍ଦିରରେ ଯାଇ ଦୀପ ଜାଳି ମୋ ପାଇଁ କାନ୍ଦୁଥିଲେ। ତାଙ୍କ ପୁଅ ମୋତେ ବାରମ୍ବାର କଲ୍ କରୁଥାନ୍ତି। ଅଜଣା ନମ୍ବର ଭାବି ମୁଁ ବହୁତ ପରେ ଫୋନ ଉଠାଇଲି। ଆଉ ଏସବୁ ବିଷୟରେ ଜାଣିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମାଉସୀଙ୍କ ସହ ଫୋନ୍‌ରେ କଥା ହେଲି, ଆଉ ଜଣାଇଲି ମୁଁ ଠିକ୍ ଅଛି ବୋଲି।

**ପ୍ରିୟ କଳାକାର?**

- ସିଦ୍ଧାନ୍ତ ମହାପାତ୍ର।

**ପ୍ରିୟ ଖାଦ୍ୟ?**

- ମଟନ ବିରିୟାନୀ।

**କେଉଁ ଆଉଟ୍‌ଫିଟ୍ ପିନ୍ଧିବାକୁ ବେଶି ଭଲ ପାଆନ୍ତି?**

-ଶାଢ଼ି।

**୨୦୨୪ ଯୋଜନା?**

-କ’ଣ ଆଉ ଭଲ କରିପାରିବି। ଯାହା ତ୍ରୁଟି ରହିଯାଇଛି, ତାହାକୁ ସୁଧାରିବି।

# ଆଜିଠୁ ଯୁକ୍ତ୨ ପିଲାଙ୍କୁ ରେଗୁଲାର ଏନ୍‌ଇଇଟି, ଜେଇଇ କୋଚିଂ

**ଭୁବନେଶ୍ୱର, ୭।୧(ଅସମାପିକା ସାହୁ):** ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି ପାଇଁ ସୋମବାରଠାରୁ ରେଗୁଲାର ଏନ୍‌ଇଇଟି ଏବଂ ଜେଇଇ ଆଶାୟୀଙ୍କୁ ଅନ୍‌ଲାଇନ୍ କୋଚିଂ ଦିଆଯିବ। ଏନ୍‌ଇଇଟି ସକାଳ ସାଢ଼େ ୮ଟାରୁ ୧୦ଟା ଓ ଜେଇଇ କୋଚିଂ ଅପରାହ୍ନ ୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭର୍ଚୁଆଲ ମୋଡ୍‌ରେ ଦିଆଯିବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। କେଉଁଦିନ କେଉଁ ବିଷୟର କ୍ଲାସ୍ ହେବ ସେ ନେଇ ଚିଠିରେ ଉଲ୍ଲେଖ କରାଯାଇଛି। ପୂର୍ବରୁ ଅର୍ଥାତ୍ ଗତ ୪ ରୁ ୬ତାରିଖ ପର୍ଯ୍ୟନ୍ତ ୱାର୍ମିଂ ଅପ୍ କ୍ଲାସ୍ ହୋଇଥିଲା।

# କଳାମଣ୍ଡଳ କାର୍ଯ୍ୟର ସମୀକ୍ଷା କଲେ ପାଣ୍ଡିଆନ



**ଭୁବନେଶ୍ୱର, ୭।୧(ସୁନିତ୍ ମିଶ୍ର)**

**ଫେବୃଆରୀ ୩ରୁ ୩ଦିନ ଚାଲିବ ଓଡ଼ିଆ ଭାଷା ସମ୍ମିଳନୀ**

- ୪ ମାସ ମଧ୍ୟରେ ଏହାର ନିର୍ମାଣ କାମ ଶେଷ କରିବାକୁ ପରାମର୍ଶ
- କଳାମଣ୍ଡଳ ହେବ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର

ରାଜ୍ୟରେ ପ୍ରଥମଥର ପାଇଁ ଆସନ୍ତା ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭୁବନେଶ୍ୱର କଳାମଣ୍ଡଳ ପରିସରରେ ନିର୍ମିତ ହେଉଛି ଅକ୍ଷରଭୂମି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକୁ ୫-ଟି ତଥା ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର କଳାମଣ୍ଡଳ ଯାଇ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ଏହି କଳାମଣ୍ଡଳ ରାଜ୍ୟର ସବୁଠାରୁ ବଡ଼ ସମ୍ମିଳନୀ କେନ୍ଦ୍ର ହେବ। ଆସନ୍ତା ୪ ମାସ ମଧ୍ୟରେ ଏହାର ନିର୍ମାଣ କାମ ଶେଷ କରିବାକୁ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଛନ୍ତି। କଳାମଣ୍ଡଳର ଆଭ୍ୟନ୍ତରୀଣ ସାଜସଜ୍ଜା ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ପୃଷ୍ଠଭୂମି ଢାଞ୍ଚାରେ କରିବାକୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ସମ୍ମିଳନୀ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଇଡ୍‌କୋ ନେଇଛି। ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ସ୍ମରଣୀୟ କରିବା ପାଇଁ କଳାମଣ୍ଡଳ ପରିସରରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଅକ୍ଷରଭୂମି କାମ ମଧ୍ୟ ପାଣ୍ଡିଆନ୍ ବୁଲି ଦେଖିଛନ୍ତି। ଖଣ୍ଡୋଲାଇଟ ପଥରରେ କଳିଙ୍ଗ ଶୈଳୀରେ ଓଡ଼ିଶାର କଳା ଓ ଭାସ୍କର୍ଯ୍ୟର ଅପୂର୍ବ ନିଦର୍ଶନ ହେବ। ଏହା ଆମର ମହାନ୍ ଐତିହ୍ୟ ଓ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଗୌରବ ବିଷୟରେ ଅକ୍ଷରଭୂମି ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେଇଚାଲିବ। ଓଡ଼ିଆ ଭାଷା ଅସ୍ମିତାର ପରିଚୟ ହେବ ବୋଲି ପାଣ୍ଡିଆନ ଆଶାବ୍ୟକ୍ତ କରିଛନ୍ତି। ସେଠାରେ ମଧ୍ୟ ଏକ ଓଡ଼ିଆ ଭାଷା ସମ୍ମିଳନୀ ସ୍ମୃତି ତୋରଣ ନିର୍ମାଣ କରାଯାଉଛି। ଏହି ଅକ୍ଷରଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାର ନିର୍ମାଣ କାର୍ଯ୍ୟ ଉଭୟ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ପୂର୍ତ୍ତ ବିଭାଗ ସହଯୋଗରେ କରାଯାଉଛି। ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଅଧିକ ଖୋଲା ସ୍ଥାନ ରଖିବା ଏବଂ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବେସ୍‌ମେଣ୍ଟରେ ପାର୍କିଂ ବ୍ୟବସ୍ଥାର ବିକାଶ ପାଇଁ ସ୍ଥିର କରାଯାଇଥିଲା। କ୍ୟାମ୍ପସ୍‌ରେ ଅଧିକ ଗଛ ଲଗାଇ ଏହାକୁ ସବୁଜ ସୁନ୍ଦର କରିବା ତଥା ବିଭିନ୍ନ ପରିବେଶ ଅନୁକୂଳ ଜିନିଷ ବ୍ୟବହାର କରିବା ପାଇଁ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ଏହି ଗସ୍ତ ସମୟରେ ବିଡିଏ ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂ, ଏମ୍‌ଡି ଇଡ୍‌କୋ ଭୂପିନ୍ଦର ସିଂ ପୁନିଆ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ଦାଶ, ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ ଉପାୟରେ ଓଡ଼ିଶା ସୀମାନ୍ତରେ ଆନ୍ଧ୍ରର ଅନୁପ୍ରବେଶ

**ଅଣ୍ଡରଗୁଡ଼ାରେ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପଣ**

**ନନ୍ଦପୁର, ୭।୧ (ଶଙ୍କର ପୂଜାରୀ)**

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ପାଙ୍ଗଲୁଙ୍ଗ ପଞ୍ଚାୟତରେ ଆନ୍ଧ୍ରପ୍ରଦେଶ ଅନୁପ୍ରବେଶ ଲାଗି ନୂଆ ଉପାୟ ଆପଣାଇଛି। ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଆନ୍ଧ୍ର ଓଡ଼ିଶା ସୀମାନ୍ତରେ ଅନୁପ୍ରବେଶ ଲାଗି ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ରବିବାର ପାଡେରୁସ୍ଥିତ ସାଇ ଚାରିଟେବୁଲ ସଂସ୍ଥା ପକ୍ଷରୁ ଅଣ୍ଡରଗୁଡ଼ା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇ ଲୋକାର୍ପଣ ହୋଇଛି। ସପ୍ତାହ ଧରି ଅନୁଷ୍ଠାନର କର୍ମକର୍ତ୍ତା ଗ୍ରାମରେ ଡେରା ପକାଇ ଲୋକଙ୍କୁ ଆକୃଷ୍ଟ କରି ଏଭଳି କାର୍ଯ୍ୟ କରୁଥିଲେ ମଧ୍ୟ ପାଙ୍ଗଲୁଙ୍ଗ ପଞ୍ଚାୟତ, ନନ୍ଦପୁର ବ୍ଲକ କିମ୍ବା ଜିଲା ପ୍ରଶାସନ ପାଖରେ କିଛି ଖବର ନ ଥିଲା। ଅଣ୍ଡରଗୁଡ଼ା ଗ୍ରାମର ସଦର ମଣ୍ଡପକୁ ବ୍ୟବହାର କରି ଆନ୍ଧ୍ର ୩ଟି ପାଣି ଟାଙ୍କି ସ୍ଥାପନ କରିଛି। ଗ୍ରାମର ଉପର ମୁଣ୍ଡରେ ଥିବା ପାହାଡ଼ର ଝରଣା ପାଣିକୁ ପାଇପ୍ ଯୋଗେ ଆଣି ଟାଙ୍କିରେ ସଂଯୋଗ କରି ଗ୍ରାମର ୨୮୦ ପରିବାରକୁ ପାନୀୟ ଜଳ ସଂଯୋଗ ପ୍ରଦାନ କରାଯାଇଛି। ରବିବାର ଏହାକୁ ଏକ ଉତ୍ସବରେ ଲୋକାର୍ପଣ କରାଯାଇଛି। ତେବେ ଏନେଇ ସ୍ଥାନୀୟ ସରପଞ୍ଚ, ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ପଡ଼ୋଶୀ ଆନ୍ଧ୍ରର ଏଭଳି କାର୍ଯ୍ୟ ସମ୍ପର୍କରେ କିଛି ସୂଚନା ପାଇ ପାରିନାହାନ୍ତି। ଏଥିପାଇଁ ବିଭିନ୍ନ ପ୍ରଚାର ପତ୍ର ଗତ ସପ୍ତାହରେ ଅଞ୍ଚଳରେ ବଣ୍ଟା ଯାଇଛି। ଏହା ପ୍ରଶାସନ ଜାଣି ନ ପାରିବା ଚିନ୍ତାର ବିଷୟ ହୋଇଛି। ଗ୍ରାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ପାନୀୟ ଜଳର ବିଭିନ୍ନ ଉତ୍ସ ଥିବା ବେଳେ ଆନ୍ଧ୍ରର ଏଭଳି କାର୍ଯ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଏନେଇ ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯିବ। ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


## Classified Everyday
0674-2580101, 2549949



**REAL ESTATE**

**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open SPA positively health benefits with expert therapist. 9938843929. D-75184

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Asribadda Panchakarma herbal SPA, Kesharimall, Bhubaneswar. Contact: 8926173473.** D-75091

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**AFFIDAVIT**

I Fazle Imdad, S/o- Sayed Firoj, R/o- Balipatna, Bhubaneswar has changed my father's name from Sayed Firoz to Sayed Firoj for all future purposes. D-75094

**LEGAL NOTICE**

IN THE HONOURABLE COURT OF THE PRINCIPAL JUNIOR CIVIL JUDGE AT SRIKAKULAM (A.P).
O.S. 457/2021.

Between :-
Pattapagalu Venkatesh. ......Plaintiff

And:-
Prabodh Kumar Jena, S/o not known, Hindu, aged 52, Business, R/o at Plot No. 11, Geetanjali Flour Mill, Shriram Nagar Street, Ruchi Spice factory, Madhupatna, CUTTACK-753010, Odisha state. ....Defendant.

NOTICE

Please take notice that the above case O.S. 457/2021 stands posted on 29.01.2024 for your appearance before the Court, therefore as per Orders of Honourable court you are hereby directed to appear before the Court on 29.01.2024 at 10.30.A.M either in person or through an Advocate, failing which the matter will be decided in your absence.

(By the Order of Court)
Baratam Harinarayana, Nadella Bhargava, Advocates, Srikakulam (A.P) D-2205



## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଅନନ୍ତ କୁମାର ଲାହିରୀ**
NC GETTA RESIDENCY
ଜନ୍ମ: ୨୧।୦୪।୧୯୩୪
ସ୍ୱର୍ଗାରୋହଣ: ୩୦।୧୨।୨୦୨୩

ଆପଣଙ୍କୁ ଆମ୍ଭେମାନେ ବହୁତ ମନେ ପକାଉଛୁ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁଙ୍କ ପାଦରେ ଚିରଶାନ୍ତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।
MOB- 7978618588
ଧ-୨୧୯୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଡାକ୍ତର ଅଖିଳାନନ୍ଦ ମିଶ୍ର**
ଅପର୍ଣ୍ଣା ନିବାସ, ଷ୍ଟେଟ ବ୍ୟାଙ୍କ ଗଳି
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ- ୧୫.୦୪.୧୯୪୯
ତିରୋଧାନ- ୨୮.୧୨.୨୦୨୩

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା ।

-ଶୋକସନ୍ତପ୍ତ-
ଭାଇ-ପ୍ରେମାନନ୍ଦ,ଜ୍ଞାନାନନ୍ଦ, ଭାଉଜ-ବିନୋଦିନୀ,ରମା, ସ୍ତ୍ରୀ-ଲକ୍ଷ୍ମୀ, ପୁତ୍ର-ଚିନ୍ନୁ, ପୁତ୍ରବଧୂ-ବୁନି, ଝିଅ-ରୁନି, ଜ୍ୱାଇଁ-ବାପି, ପୁତୁରା-ରୁନୁ,ବୁଲୁ ଓ ଜୁଲୁ, ଝିଆରୀ-ବଡ଼ବୁଢ଼ୀ,ସାନବୁଢ଼ୀ,ଜଳି ଓ ନାତି ନାତୁଣୀ
ଧ-୭୫୦୯୫

# ଟିପିସିଓଡିଏଲ୍‌କୁ ଆଇସିଏସ୍‌ଆଇ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ




ଭୁବନେଶ୍ୱର, ୭।୧ (ଅଭୟ ଦାଶ)
ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ 'ଆଇସିଏସ୍‌ଆଇ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରିଜ୍ ଅଫ୍ ଇଣ୍ଡିଆ (ଆଇସିଏସ୍‌ଇ) ପକ୍ଷରୁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ଟିପିସିଓଡିଏଲ୍‌କୁ ଉପରୋକ୍ତ ସମ୍ମାନ ଦିଆଯାଇଛି। ନୂଆଦିଲ୍ଲୀର ତାଜ୍ ପ୍ୟାଲେସ୍‌ଠାରେ ଆୟୋଜିତ ଆଇସିଏସ୍‌ଆଇ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡସର ୮ମ ସଂସ୍କରଣରେ ଟିପିସିଓଡିଏଲ୍‌କୁ 'ଆଇସିଏସ୍‌ଆଇ ସିଏସ୍‌ଆର୍ ଏକ୍ସଲେନ୍ସ ଆୱାର୍ଡ' (ଶ୍ରେଷ୍ଠ କର୍ପୋରେଟ୍-କ୍ଷୁଦ୍ର ଓ ଉଦୀୟମାନ ବର୍ଗ-୨୦୨୩)ରେ ପୁରସ୍କୃତ କରାଯାଇଛି। ଉକ୍ତ ସମ୍ମାନ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଟିପିସିଓଡିଏଲ୍‌କୁ ଉକ୍ତ ସମ୍ମାନ ପ୍ରଦାନ କରିଥିଲେ। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି, ସିଏସଆର କ୍ଷେତ୍ର ଲାଗି ଆମକୁ ଏଭଳି ଏକ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସମାଜରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମର ଉଦ୍ୟମକୁ ଜାରି ରଖିବାରେ ଏହା ଆମକୁ ଅନୁପ୍ରାଣିତ କରିବ। ବିଶେଷକରି 'ଶ୍ରେଷ୍ଠ କର୍ପୋରେଟ୍, କ୍ଷୁଦ୍ର ଓ ମଧ୍ୟମ ବର୍ଗ-୨୦୨୩' ପୁରସ୍କାର ହେଉଛି, ସମଗ୍ର ଟିପିସିଓଡିଏଲ୍ ଟିମ୍‌ର ସମର୍ପଣ ଓ କଠିନ ପରିଶ୍ରମର ପ୍ରମାଣ। ଆଇସିଏସ୍‌ଆଇର ମାନ୍ୟତାପ୍ରାପ୍ତ (ସାର୍ଟିଫାଏଡ୍) ଅଡିଟରମାନଙ୍କ ଦ୍ୱାରା କ୍ଷେତ୍ର ଅନୁଧ୍ୟାନ କରାଯିବା ପରେ ସୁପ୍ରିମକୋର୍ଟରେ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ତିରଥ ସିଂହ ଠାକୁରଙ୍କ ନେତୃତ୍ୱାଧୀନ ଏକ ବିଚାରକ ମଣ୍ଡଳୀ ତାହାକୁ ମାନ୍ୟତା ପ୍ରଦାନ କରିଥିଲେ।

# ୟୁନିକମର୍ସ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ଭୁବନେଶ୍ୱର,୭।୧
ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀ ୟୁନିକମର୍ସ ଇ-ସଲ୍ୟୁସନ୍ସ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହିୟରିଂ ପ୍ରସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏପରିକି କମ୍ପାନୀର ଅଫର ଫର୍ ସେଲ୍‌ରେ ଅଂଶଧନକାରୀମାନେ ୨,୯୮,୪୦,୪୮୬ ଇକ୍ୱିଟି ଶେୟାର ବିକ୍ରି କରିବେ। ବିଶେଷକରି ଏସ୍‌ଭେଞ୍ଚର ଲିମିଟେଡ୍‌ର ୧,୧୪,୫୯,୮୪୦ ଇକ୍ୱିଟି ଶେୟାର, ବି୨ କ୍ୟାପିଟାଲ୍ ପାର୍ଟନର୍ସର ୨୨,୧୦,୪୦୬ ଇକ୍ୱିଟି ଶେୟାର ଏବଂ ଏସ୍‌ବି ଇନ୍‌ଭେଷ୍ଟମେଣ୍ଟ ହୋଲ୍ଡିଂସ୍ ଲିମିଟେଡର୍ ୧,୬୧,୭୦,୨୪୦ ଇକ୍ୱିଟି ଶେୟାର ବିକ୍ରି କରାଯିବ। ସେହିଭଳି ଭାରତରେ ୟୁନିକମର୍ସର ପ୍ରମୁଖ ନିବେଶକମାନଙ୍କ ମଧ୍ୟରେ ଲେନ୍‌ସକାର୍ଟ, ଫ୍ୟାବଇଣ୍ଡିଆ, ଜିଭାମି, ଟିସିଏନ୍‌ଏସ୍, ମାମାଆର୍ଥ, ଇମାମି, ସୁଗାର, ବୋଟ୍, ପୋଟ୍ରୋନିକ୍ସ, ଫାର୍ମଇଜି, ଜିଏନ୍‌ସି, ସେଲୋ, ଅର୍ବାନ କମ୍ପାନି, ମେନ୍‌ସା, ଜିଓଏଟି, ସିପ୍‌ରକେଟ୍, ଏକ୍ସପ୍ରେସ୍‌ବିଜ୍ ପ୍ରମୁଖ ରହିଛନ୍ତି। ନିକଟରେ ଆଙ୍କରେଜ୍ କ୍ୟାପିଟାଲ୍ ଫଣ୍ଡ, ମାଧୁରୀ ମଧୁସୂଦନ କେଲା, ରିଜୱାନ କୋଟ୍‌ଲା ଓ ଜଗଦୀଶ ମୋରଜାନି, ଦିଲ୍ଲୀପ ଭେଲୋଡିଙ୍କ ଭଳି ବିଶିଷ୍ଟ ନିବେଶକ କମ୍ପାନୀର ଶେୟାର ହାସଲ କରିଥିଲେ।

# ଉତ୍କଳ କ୍ୟାନ୍‌ସର କନ୍‌କ୍ଲେଭ ଉଦ୍‌ଯାପିତ




ଭୁବନେଶ୍ୱର,୭।୧
ଉତ୍କଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ହସ୍ପିଟାଲ ବା ଉତ୍କଳ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ରବିବାର ଦିନିକିଆ କର୍ମଶାଳା 'ଉତ୍କଳ କର୍କଟ କନ୍‌କ୍ଲେଭ-୨୦୨୪' ହୋଟେଲ ମେ ଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ ଏମ୍.ଏମ୍. ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ହସ୍ପିଟାଲର ମ୍ୟାନେଜିଂ ଡିରେକ୍ଟର ଡକ୍ଟର ପ୍ରଜ୍ଞାନ ରଞ୍ଜନ ଘଡ଼େଇଙ୍କ ସମେତ ଡିନ୍ ପ୍ରଫେସର (ଡା) ପ୍ରଫୁଲ୍ଲ କୁମାର ଦାସ, ଅର୍ଗାନାଇଜିଂ ଚେୟାରମ୍ୟାନ ଡା. ରଞ୍ଜନ କୁମାର ମହାପାତ୍ର, ଅର୍ଗାନାଇଜିଂ ସେକ୍ରେଟାରୀ ଡା. ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଜଣାଶୁଣା ଅଙ୍କୋଲୋଜିଷ୍ଟ ପ୍ରଫେସର (ଡା) କେ.ବି. ଦାସ, ପ୍ରଫେସର (ଡା) ସି.ଆର. ନାୟକ, ପ୍ରଫେସର (ଡା) ଲଲାଟେନ୍ଦୁ ଷଡ଼ଙ୍ଗୀ ଏବଂ ପ୍ରଫେସର (ଡା) ପି.କେ. ଦାସଙ୍କୁ ୟୁସିସି ଆଚିଭର ଆୱାର୍ଡ-୨୦୨୪ରେ ସମ୍ମାନିତ କରାଯାଇଥିଲା। ବିଶେଷକରି ଉତ୍କଳ ହସ୍ପିଟାଲ ଭୁବନେଶ୍ୱର ରାଜ୍ୟ ଓ ଦେଶର ପୂର୍ବାଞ୍ଚଳ ରାଜ୍ୟ ମଧ୍ୟରେ ଏକ ବହୁମୁଖୀ ଡାକ୍ତରଖାନା ଭାବେ ଜଣାଶୁଣା ହୋଇଥିବାବେଳେ ଅତ୍ୟାଧୁନିକ କର୍କଟ କେନ୍ଦ୍ର ଜରିଆରେ ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ କରୁଛି। ଉକ୍ତ ସମ୍ମିଳନୀ ନିଶ୍ଚିତ ଭାବେ କର୍କଟ ରୋଗୀଙ୍କ ପାଇଁ ତଥା ଉତ୍କଳ ହସ୍ପିଟାଲ ଭୁବନେଶ୍ୱର, ଓଡ଼ିଶା ଏବଂ ପୂର୍ବ ଭାରତର ଚିକିତ୍ସା ଯୋଜନାକୁ ନୂତନ ଦିଶା ଦେବାରେ ସାହାଯ୍ୟ କରିବ। ଉକ୍ତ କନ୍‌କ୍ଲେଭରେ ପ୍ରାୟ ୫୦ ଫାକଲ୍ଟିଙ୍କ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ୨୦୦ ପ୍ରତିନିଧି ଯୋଗ ଦେଇଥିଲେ। ସେହିଭଳି ଦିନକୁ ଦିନ କର୍କଟ ରୋଗ (କ୍ୟାନ୍‌ସର) ବଢ଼ିବାରେ ଲାଗିଛି ଏବଂ ପ୍ରାୟ ୧୯୩ ଲକ୍ଷ ନୂତନ କର୍କଟ ରୋଗୀ ଚିହ୍ନଟ ହୋଇଛନ୍ତି। ଏସୀୟ ଦେଶରୁ ପ୍ରାୟ ୫୦% ରୋଗୀ ଆସିଛନ୍ତି। ପ୍ରତିବର୍ଷ ଭାରତରେ ପ୍ରାୟ ୧୩ଲକ୍ଷ ନୂଆ ରୋଗୀ ବା ମାମଲା ଚିହ୍ନଟ ହୋଇଥାଏ ଏବଂ ଅଧିକାଂଶ କର୍କଟ ରୋଗ ବା ସାଧାରଣ କର୍କଟ ଯଥା ପାଟି, ସ୍ତନ, ପାକସ୍ଥଳୀ, ଝାଡାନଳୀ, ସ୍ତ୍ରୀ ରୋଗ ଏବଂ ଫୁସ୍‌ଫୁସ୍ ଆଦିରେ କର୍କଟ ରୋଗ ହୋଇଥାଏ। ବିଶେଷକରି ଜୀବନଶୈଳୀ ସହିତ ଖାଦ୍ୟପେୟରେ ପରିବର୍ତ୍ତନ ଏବଂ ତମାଖୁ ଅଭ୍ୟାସ, ମୋଟାପଣ ଓ ଆବଶ୍ୟକ ବ୍ୟାୟାମର ଅଭାବ ଯୋଗୁ କର୍କଟ ରୋଗ ହୋଇଥାଏ। ଏପରିକି ଜନସାଧାରଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସାଙ୍ଗକୁ କର୍କଟ ରୋଗର ପ୍ରାଥମିକ ଅବସ୍ଥାରେ ନିରାକରଣ ଏବଂ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ଅପରପକ୍ଷରେ ନିୟମିତ ସେମିନାର ଏବଂ ପାରସ୍ପରିକ ଉପାୟରେ ଆଲୋଚନା ଚକ୍ର ଅଙ୍କୋଲୋଜିଷ୍ଟଙ୍କ ପାଇଁ ଚିକିତ୍ସା ସମ୍ବନ୍ଧୀୟ ଜ୍ଞାନ ସହିତ ସମ୍ପର୍କ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

## ଖେଳ ଖବର

# ଜାପାନ କରାଟେରେ ଓଡ଼ିଶାର ସଫଳତା

ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)
ଜାପାନ କରାଟେ ଆସୋସିଏଶନ ଇଣ୍ଡିଆ (ଜେକେଏଆଇ)ର ୮ମ ଜାତୀୟ ଚାମ୍ପିୟନଶିପ ମୁମ୍ବାଇସ୍ଥିତ ଜିସିସି କ୍ଲବରେ ରବିବାର ଉଦ୍‌ଯାପିତ ହୋଇଛି। ଜେକେଏଆଇ ଓଡ଼ିଶା ମୁଖ୍ୟ ସନ୍ତୋଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରାଜ୍ୟରୁ ୬ ଜଣିଆ ଦଳ ଭାଗ ନେଇଥିଲା। ଏଥିରେ ଓଡ଼ିଶା ଦଳ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ହାସଲ କରିଛି। ସନ୍ତୋଷ ମହାପାତ୍ର ଫାଇଟ୍‌ରେ ୧ ସ୍ୱର୍ଣ୍ଣ ଓ କାଟାରେ ୧ ବ୍ରୋଞ୍ଜ, ଆଦିତ୍ୟ ସାମନ୍ତ ୨ ରୌପ୍ୟ, ରଶ୍ମିରଞ୍ଜନ ୧ ରୌପ୍ୟ, ଶ୍ରେୟାଂଶ ଦାସ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ଅଭିକ୍ ନନ୍ଦ ୨ଟି ବ୍ରୋଞ୍ଜ ପାଇଛନ୍ତି । ଚାମ୍ପିୟନଶିପ ଜାପାନର ସେନସାଇ କୁରୀ ହାରା କାଜୁଆକି ଓ ଭାରତର ସେନସାଇ ମିଲେନ ତ୍ରିବେଦୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସନ୍ତୋଷ ମହାପାତ୍ର ୪ର୍ଥ ଡିଗ୍ରୀ ବ୍ଲାକ ବେଲ୍ଟ ଏବଂ ଆଦିତ୍ୟ, ରଶ୍ମିରଞ୍ଜନ ଓ ଅଭିକ୍ ୧ମ ଡିଗ୍ରୀ ବ୍ଲାକ ବେଲ୍ଟ ଜାପାନ ପରୀକ୍ଷାରେ ସଫଳ ହୋଇଛନ୍ତି।




ପୋଡିୟମ ଉପରେ ପଦକ ସହ ସନ୍ତୋଷ ମହାପାତ୍ର (ମଝି)।

# ସତ୍ୟ ସ୍ୱରୂପ ତ୍ରିପାଠୀ ଚାମ୍ପିୟନ

## ଆର୍. ବି. ଚେସ ଟୁର୍ଣ୍ଣାମେଣ୍ଟ




ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର,୭।୧ (ସରୋଜ ଜେନା)
ପୋଖରୀପୁଟ ଠାରେ ଥିବା ଆର୍. ବି. ଚେସ ସେଣ୍ଟର୍ ଆନୁକୁଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଆର୍. ବି. ଚେସ ଟୁର୍ଣ୍ଣାମେଣ୍ଟ -୨୦୨୩ ପ୍ରତିଯୋଗିତାରେ ସତ୍ୟ ସ୍ୱରୂପ ତ୍ରିପାଠୀ ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଇହାନ ଚୌଧୁରୀ (ରନର୍‌ଅପ), ଆଦ୍ୟା ଅଭିତ ଦାସ (ଦ୍ୱିତୀୟ ରନରଅପ) ସ୍ଥାନ ଅଧିକାର କରିଛନ୍ତି। ୫ ବର୍ଷରୁ କମ ବାଳକ ବର୍ଗରେ ଶ୍ରୀରାମ, ୧୧ ବର୍ଷରୁ କମ ବାଳକ ବର୍ଗରେ ଦେବାଂଶ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବର୍ଗ ୭ ବର୍ଷରୁ କମରେ ସୁଶ୍ରୀ ସଙ୍ଗୀତା ତ୍ରିପାଠୀ ଓ ୧୧ ବର୍ଷରୁ କମରେ ସାନଭି ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟ ଅତିଥି ଭାବେ ମହେଶ୍ୱର ମିଶ୍ର, ଡ. ବିକ୍ରମ ବେହେରା, ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା ପି.ବି. ସାମନ୍ତସିଂହାର, ମୁଖ୍ୟ ପ୍ରଶିକ୍ଷକ ଦେବୀ ପ୍ରସାଦ ବିଶାଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ସୁପର କପ୍ ପାଇଁ କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୭।୧(ତପନ ସ୍ୱାଇଁ)
କଳିଙ୍ଗ ଷ୍ଟାଡିୟମରେ ହେବାକୁଯାଉଛି ଆଉ ଏକ ସମ୍ମାନଜନକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ। ଏହା ଓଡ଼ିଶାରେ ହେବାକୁ ଯାଉଥିବାରୁ ଏହି ପ୍ରତିଯୋଗିତାର ନାମ କଳିଙ୍ଗ ସୁପର କପ୍ ରଖା ଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୯ରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ମ୍ୟାଚ୍ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍‌ର ୧୨ ଓ ଆଇ-ଲିଗ୍‌ର ୪ ଦଳ ସାମିଲ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ''ଦେଶର ଶ୍ରେଷ୍ଠ ଫୁଟ୍‌ବଲ କ୍ଲବଗୁଡ଼ିକୁ ନେଇ ଆମେ ଆଗାମୀ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛୁ। ଓଡ଼ିଶାରେ ଫୁଟ୍‌ବଲର ଲୋକପ୍ରିୟତା ବଢ଼ିବାରେ ଲାଗିଛି। କ୍ରମାଗତ ଫୁଟ୍‌ବଲ ଇଭେଣ୍ଟଗୁଡ଼ିକ ଆୟୋଜନ ହେବାଦ୍ୱାରା ଆମ ଇକୋ ସିଷ୍ଟମ ଶକ୍ତିଶାଳୀ ହୋଇଛି। ବର୍ତ୍ତମାନ ଆମ ନିକଟରେ ୫ ଫିଫା ଷ୍ଟାଣ୍ଡାର୍ଡର ପିଚ୍ ସହ ଶ୍ରେଷ୍ଠ କ୍ରୀଡ଼ା ଭିତ୍ତିଭୂମି ଓ ସୁବିଧା ସୁଯୋଗ ଉପଲବ୍ଧ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସହଯୋଗରେ ହେବାକୁ ଯାଉଥିବା ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଥିବା ଦେଶର କ୍ଲବଗୁଡ଼ିକ ଓ ଦର୍ଶକମାନେ ସ୍ମରଣୀୟ ଅନୁଭୂତି ନେଇ ଫେରିବା ଆଶା'' ବୋଲି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି।

ପୂର୍ବ ସଂସ୍କରଣଗୁଡ଼ିକର ଫର୍ମାଟ୍ ପରି ଏଥର ମଧ୍ୟ କଳିଙ୍ଗ ସୁପର କପ୍ ଆୟୋଜିତ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲରେ ପ୍ରବେଶ କରିବ। ପ୍ରତିଯୋଗିତାର ଚାମ୍ପିୟନ ଦଳ ୨୦୨୪-୨୫ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ପାଇଁ ଯୋଗ୍ୟତା ଅର୍ଜନ କରିବ। ଓଡ଼ିଶା ଏଫ୍‌ସି ଡିଫେଣ୍ଡିଂ ଚାମ୍ପିୟନଭାବେ କଳିଙ୍ଗ ସୁପର କପ୍ ଖେଳିବ। କୋଝିକୋଡ଼େରେ ଅନୁଷ୍ଠିତ ୨୦୨୩ ସଂସ୍କରଣର ଫାଇନାଲରେ ଏହି ଦଳ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଥିଲା।

ଫୁଟ୍‌ବଲ ସହ ଓଡ଼ିଶାର ସମ୍ପର୍କ ବହୁ ପୁରୁଣା। ଭାରତର ଅନ୍ୟତମ ସର୍ବପୁରାତନ ଅଲ୍-ଇଣ୍ଡିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ କଳିଙ୍ଗ କପ୍ କଟକର ବାରବାଟୀ ଷ୍ଟାଡିୟମରେ ଆୟୋଜନ ହୋଇଆସୁଛି। ଓଡ଼ିଶାର କିମ୍ବଦନ୍ତୀ ରାଷ୍ଟ୍ରନୀତିଜ୍ଞ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୬୨ରେ ଏହାର ଶୁଭାରମ୍ଭ କରିଥିଲେ। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଏହା ପ୍ରତିବର୍ଷ ଆୟୋଜନ ହୋଇଆସୁଛି। ଏଥିରେ ଦେଶର ଅଗ୍ରଣୀ ଫୁଟ୍‌ବଲ କ୍ଲବଗୁଡ଼ିକ ଅଂଶଗ୍ରହଣ କରିଥାନ୍ତି। ଏହା ଦେଶର ଏକ ସମ୍ମାନଜନକ ଫୁଟ୍‌ବଲ ଇଭେଣ୍ଟର ମାନ୍ୟତା ପାଇଛି। ଏହି ଟୁର୍ଣ୍ଣାମେଣ୍ଟ ଅନେକ ନୂଆ ପ୍ରତିଭା ସୃଷ୍ଟି କରିବାରେ ମଧ୍ୟ ସହାୟକ ହୋଇଥାଏ।



# ଜାତୀୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)
ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଜୟପୁରର କରୋଲିଠାରେ ହେବାକୁ ଯାଉଥିବା ୪୬ ତମ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ମନୋନୀତ ଖେଳାଳି ମାନେ ହେଲେ ଆର୍ଯ୍ୟନ ବ୍ରାହ୍ମିନ (ଅଧିନାୟକ), ରବିନାରାୟଣ ସାମଲ, ଦୀନେଶ ପୃଷ୍ଟି, ଜ୍ଞାନରଞ୍ଜନ ଦାସ, ଗୌରବ ନାୟକ, ରାକେଶ ନାୟକ, ସୂର୍ଯ୍ୟନାରାୟଣ ପରିଡା, ଶୁଭମ ରାଏ, ଶୁଭଙ୍କର ଦାସ, ଗୌରୀ ଶଙ୍କର ଜେନା, ରୁତୁରାଜ ଜେନା, ଈଶ୍ୱର ଚନ୍ଦ୍ର ନାୟକ, ସତ୍ୟଜିତ ପାଗଳ, ଅଂଶୁମାନ ଦାସ, ବୈକୁଣ୍ଠ ବେହେରା, ରମାଶିଷ ଜେନା, ଜି. କେଶବ ରେଡ୍ଡୀ ଓ କୁଳଦୀପ ସାମନ୍ତ। କୋଚ ଆକାଶ କୁମାର ପଟ୍ଟନାୟକ, ସହକାରୀ କୋଚ୍ ଚନ୍ଦନ ପତ୍ରୀ ଓ ମ୍ୟାନେଜର ଗୌରୀ ଶଙ୍କର ମିଶ୍ର ଦଳସହ ଯାତ୍ରା କରିଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ, ସଭାପତି ବିପ୍ଳବ ଚୌଧୁରୀ, କୋଷାଧ୍ୟକ୍ଷ ସୀତେନ୍ଦ୍ରନାଥ ଦାସ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଓଡ଼ିଶା ଜୁନିୟର ହ୍ୟାଣ୍ଡବଲ୍ ଦଳ।

# ଆନ୍ତଃ କଲେଜ କ୍ରିକେଟ ଏକାମ୍ର ବିଜୟୀ

ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଭୁବନେଶ୍ୱରର ଏକାମ୍ର କଲେଜ ବିଜୟୀ ହୋଇଛି। ଅଡ଼ଶପୁରସ୍ଥିତ ୟୁଏନ୍ କଲେଜରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ କଟକ କଲେଜକୁ ୧୩୬ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏକାମ୍ର କଲେଜ ନିର୍ଦ୍ଧାରିତ ୧୫ ଓଭରରେ ୨ ଉଇକେଟ ହରାଇ ୨୦୮ ରନ କରିଥିଲା। ଦଳ ପକ୍ଷରୁ ସତ୍ୟଜିତ ଭୋଇ ସର୍ବାଧିକ ୯୨ ଓ ସ୍ୱୟଂ ସାର୍ଥକ ରାଉତରାୟ ୪୬ ରନରେ ଅପରାଜିତ ରହିଥିଲେ। ଜବାବରେ କଟକ କଲେଜ ପୂରା ୧୫ ଓଭର ବ୍ୟାଟିଂ କରିଥିଲେ ହେଁ ୯ ଉଇକେଟ ହରାଇ ୭୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ସ୍ୱୟଂ ସାର୍ଥକ ରାଉତରାୟ ସର୍ବାଧିକ ୪ଟି ଓ ସୁଧାଂଶୁ ପ୍ରଧାନ ୨ଟି ଉଇକେଟ ନେଇଥିଲେ।

# ଜଗରନଟ୍ସ, ଖିଲାଡିଜ୍ ବିଜୟୀ

## ଅଲ୍‌ଟିମେଟ୍ ଖୋ ଖୋ

ଭୁବନେଶ୍ୱର, ୭।୧ (ସରୋଜ ଜେନା)
କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋ ସିଜନ୍ ୨ରେ ରବିବାର ବିଜୟ ହାସଲ କରିଛନ୍ତି ଓଡ଼ିଶା ଜଗରନଟ୍ସ ଓ ମୁମ୍ବାଇ ଖିଲାଡିଜ୍। ରବିବାର ସନ୍ଧ୍ୟାର ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଖିଲାଡିଜ୍ ୨୯-୨୭ ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଥିବା ବେଳେ ଏହି ବିଜୟ ସହିତ ମୁମ୍ବାଇ ୯ ମ୍ୟାଚ୍‌ରୁ ୨ ବିଜୟ, ୬ ପରାଜୟ ଓ ଗୋଟିଏ ଟାଇ ସହିତ ୧୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଗୋଟିଏ ବି ବିଜୟ ହାସଲ କରି ନ ଥିବା ରାଜସ୍ଥାନ ୱାରିୟର୍ସ ସମାନ ୯ ମ୍ୟାଚ୍‌ରୁ ୯ ପରାଜୟ ସହ ମାତ୍ର ୨ ପଏଣ୍ଟ ଅର୍ଜନ କରି ଅନ୍ତିମ ସ୍ଥାନରେ ରହିଛି।

ସନ୍ଧ୍ୟାର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଖେଳା ଯାଇଥିଲା। ଉଭୟ ଦଳ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିସାରିଥିଲେ ମଧ୍ୟ ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ୩୫-୨୭ ପଏଣ୍ଟରେ ତେଲୁଗୁ ଯୋଦ୍ଧାସ୍‌କୁ ପରାସ୍ତ କରିଥିଲା। ପ୍ରଥମ କ୍ୱାର୍ଟରର ପ୍ରଥମ ଟର୍ନରୁ ଓଡ଼ିଶା ଚମତ୍କାର ପ୍ରଦର୍ଶନ କରିଥିଲା। ତେଲୁଗୁ ଯୋଦ୍ଧାସ୍ ଆଟାକ୍ କରିଥିଲେ ମଧ୍ୟ ମାତ୍ର ୧୦ ପଏଣ୍ଟ ଅର୍ଜନ କରିଥିଲା। ଅନ୍ୟପକ୍ଷରେ ଗତ ମ୍ୟାଚ୍‌ର ହିରୋ ରୋହନ ସିଙ୍ଗାଡେ ପ୍ରଥମ ଟର୍ନରେ ଦୁଇଟି ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିଲେ। ପ୍ରଥମ ଟର୍ନରେ ତେଲୁଗୁ ଯୋଦ୍ଧାସ୍ ୧୦-୩ରେ ଅଗ୍ରଣୀ ହାସଲ କରିଥିଲା। ତେବେ ଦ୍ୱିତୀୟ ଟର୍ନରେ ଓଡ଼ିଶାର ଆଟାକର୍‌ମାନେ ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। ଜଗରନଟ୍ସ ଦ୍ୱିତୀୟ ଟର୍ନରେ ୨୦ ପଏଣ୍ଟ ସ୍କୋର କରିଥିଲା। ଦ୍ୱିତୀୟ କ୍ୱାର୍ଟରର ତୃତୀୟ ଟର୍ନରେ ଜଗରନଟ୍ସର ୨ ବ୍ୟାଚ୍ ଡିଫେଣ୍ଡର ଆଉଟ ହୋଇଥିଲେ। ତେବେ ଏହି ରାଉଣ୍ଡରେ ମଧ୍ୟ ଦଳ ୨ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିଲା। ଫଳରେ ଅନ୍ତିମ ଟର୍ନ ବେଳକୁ ଜଗରନଟ୍ସ ୧ ପଏଣ୍ଟରେ ଆଗୁଆ ରହିଥିଲା। ଶେଷ ଟର୍ନରେ ତେଲୁଗୁ ଯୋଦ୍ଧାସ୍‌ର ଡିଫେଣ୍ଡରମାନେ ଚମତ୍କାର ପ୍ରଦର୍ଶନ କରିଥିଲେ। ଦଳ ୪ ଡ୍ରିମ୍ ରନ୍ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ଜଗରନଟ୍ସର ବିଜୟ ରଥକୁ ରୋକିପାରି ନ ଥିଲେ।




ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଜାତୀୟ ପାରା ଆଥ୍‌ଲେଟିକ୍ସ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୭।୧(ସରୋଜ ଜେନା)
ଗୋଆର ପଣଜିରେ ଜାନୁଆରୀ ୮ରୁ ୧୩ ଯାଏଁ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜିତ ହେବ। ଓଡ଼ିଶା ପକ୍ଷରୁ ୪୨ ଜଣିଆ ଦଳ ଯାଉଥିବା ବେଳେ ଶନିବାର କଳିଙ୍ଗ ଷ୍ଟାଡିୟମରେ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପାରା ଆଥଲେଟ୍ସ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ଦଳରେ ୩୦ ଆଥ୍‌ଲେଟ ରହିଥିବା ବେଳେ ୨ କୋଚ୍, ଜଣେ ମ୍ୟାନେଜର, ଜଣେ ଗାଇଡ୍ ରନର ଓ ୮ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏଚ୍‌ପିସିଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଓଏସ୍‌ଡି ବିଜୟ କୁମାର ରାଉତ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଜାତୀୟ ପାରା ଆଥ୍‌ଲେଟିକ୍ସ ପାଇଁ ମନୋନୀତ ଓଡ଼ିଶା ଦଳର ଆଥ୍‌ଲେଟମାନେ କର୍ମକର୍ତ୍ତାଙ୍କ ଗହଣରେ।

## ବୁଦ୍ଧିମତ୍ତା ବଢ଼ାଇବାର ନୂଆ ଉପାୟ



ବୁଦ୍ଧିମତ୍ତା ବଢ଼ାଇବାର ଏକ ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଆପଣ ପ୍ରତିଦିନ ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ତଟକା ଫଳମୂଳ ଏବଂ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ଶରୀରକୁ ସତେଜ ରଖିଥାଏ। ତା'ସହ ଏଥିରେ ଆଉ ଏକ କଥା ଲୁଚି ରହିଛି। ଯଦି ଜଣେ ବ୍ୟକ୍ତି ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତି, ତେବେ ତାଙ୍କୁ ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଏଭଳି ବିଷୟକୁ ନେଇ ୟୁନିଭର୍ସିଟି ଅଫ ଟୋକିଓର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ବ୍ରେକ୍‌ଫାଷ୍ଟରେ ନିୟମିତ ତଟକା ଫଳମୂଳ ଖାଇବାକୁ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍ ପିଇବାକୁ ଦିଆଯାଇଥିଲା। ଅନ୍ୟପକ୍ଷରେ ସେମାନଙ୍କର ବୁଦ୍ଧିମତ୍ତା ଉପରେ ଏହାର କ'ଣ ପ୍ରଭାବ ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଫଳସ୍ୱରୂପ ସେମାନଙ୍କ ମଧ୍ୟରୁ ଅନେକଙ୍କର ବୁଦ୍ଧିମତ୍ତାରେ ପ୍ରଖରତା ଦେଖିବାକୁ ମିଳିଥିଲା ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ପିଠି ଯନ୍ତ୍ରଣା ପାଇଁ ନୂଆ ଇଞ୍ଜେକଶନ



ସାଧାରଣତଃ ପିଠି ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ ଆମେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇଥାଉ। ଏପରି କି କେତେକ ଘରୋଇ ଉପଚାର ଅନୁସରଣ କଲେ ଏଥିରୁ କେତେକାଂଶରେ ଆରାମ ଲାଗିଥାଏ। ହେଲେ ନିକଟରେ ଓହିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ନୂଆ ଇଞ୍ଜେକଶନ ପ୍ରସ୍ତୁତ କରିଛନ୍ତି। ଏହାକୁ ନେବା ପରେ ଜଣେ ପିଠି ଯନ୍ତ୍ରଣାରୁ ଅନେକାଂଶରେ ଉପଶମ ପାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶେଷଭାବରେ ଏହାର କୌଣସି ପାର୍ଶ୍ୱପ୍ରତିକ୍ରିୟା ନାହିଁ ବୋଲି ସେମାନେ ସ୍ପଷ୍ଟ କରିଦେଇଛନ୍ତି। ଏପରି କି ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ପିଠି ଯନ୍ତ୍ରଣା ଲାଘବ ପାଇଁ ଏହି ଇଞ୍ଜେକଶନ ନେଇପାରିବେ। କେବଳ ସେତିକି ନୁହେଁ ଏହାଦ୍ୱାରା ରକ୍ତଚାପ ମଧ୍ୟ ଅସନ୍ତୁଳିତ ହେବ ନାହିଁ। ତେବେ ପରୀକ୍ଷାମୂଳକ ଭାବରେ ଏହି ଇଞ୍ଜେକଶନ ଠିକ୍ ଭାବରେ କାର୍ଯ୍ୟ କରୁଛି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ଶୀତଦିନିଆ ସ୍ୱାସ୍ଥ୍ୟ ସମସ୍ୟା ଓ ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଶୀତଋତୁରେ ସାଧାରଣତଃ ଥଣ୍ଡାର ଅଧିକ ପ୍ରକୋପ ହେତୁ କିଛି ବ୍ୟକ୍ତିବିଶେଷ କମ୍ ଗାଧୋଇବା ସହ ପରିଷ୍କାରପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଇ ନ ଥାନ୍ତି , ଯଦ୍ୱାରା ଯାଦୁ, କାଛୁ, କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା, ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ଦେଖା ଦେବା ଆଦି ବିଭିନ୍ନ ଚର୍ମ ରୋଗର ସମ୍ମୁଖୀନ ହୋଇଥାଆନ୍ତି । ଏହାର ମୁଖ୍ୟ କାରଣ ହେଲା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା। ଉକ୍ତ ଚର୍ମ ରୋଗର ପ୍ରତିରୋଧ ନିମନ୍ତେ ଶରୀରରେ ପ୍ରାକୃତିକ ଉପାୟରେ ଭିଟାମିନ'ସି'ର ବୃଦ୍ଧି ପାଇଁ ଅଁଳା କୋଳି ଖାଇବା ସହ ଭିଟାମିନ 'ଡି' ବୃଦ୍ଧି ପାଇଁ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। ଭଲ ଭାବରେ ତେଲ ଏବଂ ସାବୁନ୍ ଲଗାଇ ଗାଧୋଇବା ଦରକାର।''

ଆମ ଦେଶ ଭାରତବର୍ଷରେ ପ୍ରତିବର୍ଷ ସାଧରଣତଃ ତିନିପ୍ରକାର ଜଳବାୟୁ ଆମେ ଅନୁଭବ କରିଥାଉ । ଖରାଦିନେ ଗ୍ରୀଷ୍ମର ପ୍ରକୋପ ହେତୁ ଅଂଶୁଘାତ, ବର୍ଷାଦିନେ ବର୍ଷାର ପ୍ରକୋପ ହେତୁ ଝାଡ଼ାବାନ୍ତି, ମ୍ୟାଲେରିଆ ଆଦିର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶୀତ ଦିନେ ଥଣ୍ଡାର ପ୍ରକୋପ ଅଧିକ ହେତୁ ମନୁଷ୍ୟ ଶରୀରରେ ଥଣ୍ଡାଜନିତ ବିଭିନ୍ନ ରୋଗ ହେବାର ଆଶଙ୍କା ରହିଥାଏ। ଆମ ଦେଶରେ କାର୍ତ୍ତିକ ମାସରୁ ଶୀତର ପ୍ରକୋପ ଆରମ୍ଭ ହୋଇ, ସେପ୍ଟେମ୍ବର ୨୩ ତାରିଖ ପରେ ପରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କଠାରୁ ଧୀରେ ଧୀରେ ଦୂରତା ବୃଦ୍ଧି ପାଏ। ଫଳରେ ଉତ୍ତର ଗୋଲାର୍ଦ୍ଧରେ ଉତ୍ତାପ ହ୍ରାସ ପାଇ ଶୀତର ପ୍ରକୋପ ବୃଦ୍ଧି ପାଇଥାଏ। ଏହାଦ୍ୱାରା ମନୁଷ୍ୟ ଶରୀରରେ କାଶ, ଛିଙ୍କ, ଶ୍ୱାସ, ରକ୍ତହୀନତା ଏବଂ କାଛୁ, କୁଣ୍ଡିଆ, ଯାଦୁ ଆଦି ବିଭିନ୍ନ ଚର୍ମ ରୋଗ ଦେଖାଯାଇଥାଏ।

ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ବିଭିନ୍ନ ଋତୁ ଅନୁଯାୟୀ ଆହାର ବିହାର ପାଳନ କରିବା ନିମନ୍ତେ ବର୍ଣ୍ଣନା କରାଯାଇଛି । ଯାହାକୁ ଋତୁଚର୍ଯ୍ୟା କୁହାଯାଏ । ଶୀତ ଋତୁରେ ନୂଆ ଚାଉଳ ଓ ଗହମରୁ ପ୍ରସ୍ତୁତ ଖାଦ୍ୟ ସହ ପ୍ରାତଃ ତୈଳ ମର୍ଦ୍ଦନ, ଉଷ୍ମ ଜଳରେ ସ୍ନାନ,ଗରମ ଖାଦ୍ୟ ଭୋଜନ ସହ ଉଷ୍ମ ଜଳ ପାନ ସ୍ୱାସ୍ଥ୍ୟ ହିତକାରକ ଅଟେ ।

**ଚର୍ମ ରୋଗ :** ଜଳବାୟୁରେ ଭାସମାନ ଅବସ୍ଥାରେ ରହିଥିବା କେତେକ ଦୂଷିତ ପଦାର୍ଥ ଚର୍ମର ସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଦେଖାଦେଇଥାଏ । ଶୀତ ଦିନେ ସାଧାରଣତଃ ଦେହରୁ ସ୍ୱେଦ (ଝାଳ) ନିର୍ଗତ ହେଉ ନ ଥିବାରୁ ଦୂଷିତ ପଦାର୍ଥ ଲୋମକୂପ ସଂସ୍ପର୍ଶରେ ଆସି ଚର୍ମରୋଗ ସୃଷ୍ଟି ହେବାର ଅଧିକା ଆଶଙ୍କା ରହିଥାଏ। ଏହି ଋତୁରେ ସାଧାରଣତଃ ଥଣ୍ଡାର ଅଧିକ ପ୍ରକୋପ ହେତୁ କିଛି ବ୍ୟକ୍ତିବିଶେଷ କମ୍ ଗାଧୋଇବା ସହ ପରିଷ୍କାରପରିଚ୍ଛନ୍ନତାକୁ ଗୁରୁତ୍ୱ ଦେଇ ନ ଥାନ୍ତି, ଯଦ୍ୱାରା ଯାଦୁ, କାଛୁ,କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା, ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ଦେଖାଦେବା ଆଦି ବିଭିନ୍ନ ଚର୍ମ ରୋଗର ସମ୍ମୁଖୀନ ହୋଇଥାଆନ୍ତି। ଏହାର ମୁଖ୍ୟ କାରଣ ହେଲା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା। ଉକ୍ତ ଚର୍ମ ରୋଗର ପ୍ରତିରୋଧ ନିମନ୍ତେ ଶରୀରରେ ପ୍ରାକୃତିକ ଉପାୟରେ ଭିଟାମିନ-'ସି'ର ବୃଦ୍ଧି ପାଇଁ ଅଁଳା କୋଳି ଖାଇବା ସହ ଭିଟାମିନ





'ଡି' ବୃଦ୍ଧି ପାଇଁ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। ଭଲ ଭାବେ ତେଲ ଏବଂ ସାବୁନ୍ ଲଗାଇ ଗାଧୋଇବା ଦରକାର। ଶୀତ ଦିନେ ବହୁତ ବ୍ୟକ୍ତିଙ୍କ ପାଦ, ଗୋଇଠି, ଆଙ୍ଗୁଠି, ଫାଟିଥାଏ। ଏଥିପାଇଁ ମୋଜା ପିନ୍ଧନ୍ତୁ। ଫଳରେ ପାଦରୁ ସ୍ୱେଦ ନିର୍ଗତ ହୋଇ, ପାଦରେ ଆର୍ଦ୍ରତା ସୃଷ୍ଟିହୋଇ ପାଦ ଫାଟିବା ଆଶଙ୍କା କମିଯିବ। ଏହା ସହ ରାତିରେ ଶୋଇବା ପୂର୍ବରୁ ଉଷୁମ ଜଳରେ କିଛି ଲୁଣ ପକାଇ ସେଥିରେ ପାଦକୁ କିଛି ସମୟ ବୁଡାଇ ରଖିବା ପରେ ଶୁଖିଲା କପଡ଼ାରେ ପାଦକୁ ଭଲଭାବେ ପୋଛି ଦିଅନ୍ତୁ। ନଡ଼ିଆ ତେଲକୁ ପତଳା ଆକାରରେ ଲଗାଇବା ଦ୍ୱାରା ପାଦ ଫଟାରୁ ଉପଶମ ମିଳିଥାଏ। ଓଠ ଫାଟିବାରୁ ଉପଶମ ନିମନ୍ତେ କିଛି ପରିମାଣ ମହୁ, ଚିନି ଓ ଆଲମଣ୍ଡ ତେଲକୁ ମିଶ୍ରଣ କରି ଓଠରେ ଲଗାଇଲେ ଓଠ ନରମ ହୋଇଥାଏ। ବିଟ୍ ରସକୁ ଓଠରେ ଲଗାଇଲେ ଓଠ ନରମ ଓ ସତେଜ ହୋଇଥାଏ। ଘିକୁଆଁରୀ ରସ ଓ ମହୁ ମିଶାଇ ଓଠରେ ଲଗାଇବା ଦ୍ୱାରା ଓଠ ଫାଟିବା କମିଥାଏ। ଏହାବ୍ୟତୀତ ଶୀତଦିନେ ଅଧିକ ପାଣି ପିଇବା ଉଚିତ, ଯଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିଥାଏ।

**ଚର୍ମ ରୋଗ ପ୍ରତିରୋଧ ନିମନ୍ତେ ଆୟୁର୍ବେଦ ଔଷଧ:** ଶରୀରରେ ରକ୍ତ ପରିଷ୍କାର ନିମନ୍ତେ ସକାଳ ଓ ସନ୍ଧ୍ୟାରେ କ୍ଷୀର ସହ ତୋପଚିନି ରସାୟନ ୧୦ ଗ୍ରାମ ଲେଖାଏଁ ସେବନ କରିବା ଉଚିତ । ସାରିବାଦ୍ୟା ସବ, ସାରିବାଦ୍ୟା ରିଷ୍ଟ, ଖଦିରା ରିଷ୍ଟ ଆଦି ଯେକୌଣସି ଗୋଟିଏ ୧୦ ମିଲି ଲେଖାଏଁ ଖାଲି ପେଟରେ ସମପରିମାଣର ଜଳ ମିଶାଇ ସେବନ କରିବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ । ଶାଫି ସିରପ ୧୦ ମିଲି ଲେଖାଏଁ ଦିନକୁ ଦୁଇଥର ସେବନ କରିବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ ।

**ଆଣ୍ଠୁଗଣ୍ଠି ସମସ୍ୟା :** ଶୀତଦିନେ ସାଧରଣତଃ ଗୋଡ଼ ହାତର ଖଞ୍ଜା, ଗଣ୍ଠି ବିନ୍ଧା ହୋଇଥାଏ। ଏହାର ପ୍ରତିକାର ଲାଗି ରାତିରେ ଶୋଇବା ବେଳେ ଶୀତ ହେତୁ ଜାକିଜୁକି ହୋଇ ଶୋଇବା ଉଚିତ ନୁହେଁ। ନିୟମିତ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ସହ ଶାରୀରିକ ବ୍ୟାୟାମ, ସନ୍ତରଣ,ସାଇକେଲ ଚଳାଇବା ସହ ଯୋଗାସନ, ପ୍ରାଣାୟାମ ଆଦି କରିବା ଉଚିତ ।

ଶୀତଦିନେ ଥଣ୍ଡା ବୃଦ୍ଧି ପାଇବା ସହ ବହୁ ବ୍ୟକ୍ତି ଜ୍ୱର,କାଶ,ଛିଙ୍କ, ନାକରୁ ପାଣି ନିର୍ଗତ ହେବା, ଗୋଡ ହାତ ଓ ମୁଣ୍ଡ ବ୍ୟଥା ଆଦି ସମସ୍ୟା ଦେଖାଦେଇଥାଏ। ଏହି ସଂକ୍ରମଣରୁ ଆମେ ଉପଶମ ପାଇବା ଲାଗି ଅଦା,ତୁଳସୀପତ୍ର, ଅଁଳା, ଘିକୁଆଁରୀ, ତେଜପତ୍ର, ଡାଲଚିନି, ଗୋଲମରିଚ, ପିପ୍ପଳି ଆଦିକୁ ଆବଶ୍ୟକ ପରିମାଣରେ ସିଝାଇ ସେବନ କରନ୍ତୁ। ଏହାଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହି ଋତୁରେ ସଂକ୍ରମଣ ରୋଗଠାରୁ ଦୂରେଇ ରହିବା ପାଇଁ ଦୈନନ୍ଦିନ ବିଭିନ୍ନ ପ୍ରକାର ସବୁଜ ତଥା ତଟକା ପନିପରିବା ଅଧିକ ପରିମାଣରେ ଖାଆନ୍ତୁ। ଖାଇବା ଗ୍ରୀନମଟର ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ସହ ଭିଟାମିନ୍-ଏ, ବି, ସି, ଇ ଏବଂ କେ ବ୍ୟତୀତ ତନ୍ତୁଜାତୀୟ ପଦାର୍ଥ ପର୍ଯ୍ୟାପ୍ତ ମାତ୍ରାରେ ରହିଛି । ଏହା ମଧ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସହାୟକ ହେଇଥାଏ। ଶୀତଦିନେ ସାଧାରଣତଃ ଭୂତାଣୁଜନିତ ରୋଗ ବୃଦ୍ଧି ପାଇବାର ଆଶଙ୍କା ରହିଛି। ତେଣୁ ଅଧିକ ସତର୍କତା ଅବଲମ୍ବନ କରିବା ସହ ମାସ୍କ ପିନ୍ଧିବା ବ୍ୟତୀତ ଉଷୁମ ପାଣି ପିଅନ୍ତୁ। ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ମହୁ, ଗୁଡ଼,ଗାଈଘିଅ,ତୁଳସୀ, ହଳଦୀକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଉଚିତ। ଏହାଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ମାତ୍ରା ବୃଦ୍ଧି ପାଇବା ସହ ଆମେ ନୀରୋଗ ଜୀବନଯାପନ କରିପାରିବା ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ବ୍ୟାୟାମ : କିଛି କଥା



ନିଜକୁ ସୁସ୍ଥ ତଥା ନୀରୋଗ ରଖିବାରେ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜଣେ ବ୍ୟକ୍ତି ପ୍ରତିଦିନ ଏଥିପାଇଁ କିଛି ସମୟ ଦେଲେ ତାହା କେତେ ଉପକାରୀ ସାବ୍ୟସ୍ତ ହୋଇଥାଏ କହିବା ଅନାବଶ୍ୟକ। ତେବେ ଯଦି ଆପଣ ବ୍ୟାୟାମ କରୁଛନ୍ତି ତେବେ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ପ୍ରଥମ କଥା ହେଲା ଏହାପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଷୟ ଭାବରେ ଆଲୋଚନା କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି-ବ୍ୟାୟାମ କରିବା ପୂର୍ବରୁ ନିଜର ଶାରୀରିକ ପରୀକ୍ଷା କରାଇ ନିଅନ୍ତୁ। ବିଶେଷଭାବରେ ସକାଳେ ବ୍ୟାୟାମ କଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଯଦି ଆପଣ ସକାଳେ ବ୍ୟସ୍ତ ରହୁଛନ୍ତି ତା'ହେଲେ ସନ୍ଧ୍ୟା ସମୟକୁ ଚୟନ କରିପାରନ୍ତି। ବ୍ୟାୟାମ କରିବା ପୂର୍ବରୁ ନିଜକୁ ଏ ନେଇ ମାନସିକ ସ୍ତରରେ ପ୍ରସ୍ତୁତ ରଖନ୍ତୁ। ସବୁବେଳେ ଖାଲି ପେଟରେ ବ୍ୟାୟାମ କରନ୍ତୁ। ଯଦି ଏହି ସମୟରେ ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ କରିବା ପରେ ବ୍ୟାୟାମ କରନ୍ତୁ। ପ୍ରତିଦିନ ଏହାପୂର୍ବରୁ ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ବ୍ୟାୟାମ କରନ୍ତୁ। ସବୁବେଳେ ନିର୍ମଳ ପରିବେଶରେ ବ୍ୟାୟାମ କଲେ ଭଲ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା-ବ୍ୟାୟାମ କରିବା ସମୟରେ ଏହାର ଯେପରି ପ୍ରତିକୂଳ ପ୍ରଭାବ ଶରୀର ଉପରେ ନ ପଡ଼େ ସେ ନେଇ ସତର୍କ ରୁହନ୍ତୁ।

## ଏଚ୍‌ଆଇଭି ଭୂତାଣୁ ଓ ଗ୍ଲାଇକୋପଲିମର



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ଅନ୍ୟତମ ପ୍ରମୁଖ ରୋଗ ହେଲା ଏଡ୍‌ସ। ଏଚ୍‌ଆଇଭି ଭୂତାଣୁ ଯୋଗୁ ଏହି ରୋଗ ହୋଇଥାଏ। ତେବେ ଏଭଳି ଭାଇରସ ବା ଭୂତାଣୁକୁ ନିୟନ୍ତ୍ରଣରେ ରଖିବା ଲାଗି ଏକ ଇଞ୍ଜେକଶନ୍ ପ୍ରସ୍ତୁତ ହୋଇଛି। ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଦୀର୍ଘ ତିନି ବର୍ଷ ଗବେଷଣା କରି ଏଭଳି ସଫଳତା ଅର୍ଜନ କରିଛନ୍ତି। ଗବେଷଣା ସମୟରେ ସେମାନେ ସୁଗାର ମଲିକ୍ୟୁଲକୁ ଏକାଠି କରି 'ଗ୍ଲାଇକୋପଲିମର' ନାମକ ତତ୍ତ୍ୱ ପ୍ରସ୍ତୁତ କରିଥିଲେ। ଏହାକୁ ନେଇ ମଧ୍ୟ ସେମାନେ ଏକ ଇଞ୍ଜେକ୍ଶନ ତିଆରି କରିଛନ୍ତି। ବିଶେଷଭାବରେ ଏଚ୍‌ଆଇଭି ଭୂତାଣୁକୁ ଏହି ଇଞ୍ଜେକଶନ ପ୍ରତିରୋଧ କରିପାରିବ। କେବଳ ସେତିକି ନୁହେଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ମଧ୍ୟ ଏହା କେତେକାଂଶରେ ସହାୟକ ହୋଇଥାଏ। ଖାସ୍ କଥା ହେଲା, ଏହି ଇଞ୍ଜେକଶନ ସୁସ୍ଥ କୋଷଗୁଡିକୁ ଏଚ୍‌ଆଇଭି ଭୂତାଣୁ ଦ୍ୱାରା ସଂକ୍ରମିତ ହେବାକୁ ଦେଇ ନ ଥାଏ।

## ସ୍ୱାସ୍ଥ୍ୟ ସୂଚନା

➢ ଦୈନନ୍ଦିନ ଖାଦ୍ୟ ତାଲିକାରେ ସଜନା ଶାଗ ସାମିଲ କରନ୍ତୁ। ଏହା ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ।

➢ ପ୍ରତିଦିନ କିଛି ପରିମାଣରେ ଦହି ଖାଆନ୍ତୁ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ। ଦହିରେ କ୍ୟାଲ୍‌ସିୟମ୍ ଥିବାରୁ ଏହା ହାଡ଼ ଓ ଆଣ୍ଠୁଗଣ୍ଠିକୁ ମଜଭୁତ କରିବାରେ ସାହାଯ୍ୟ କରେ।

➢ ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ସମାଧାନ ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ ।

➢ ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ଆମଠାରେ ବ୍ଲଡ଼ ପ୍ରେସର, ହୃଦ୍‌ଜନିତ ସମସ୍ୟା ଭଳି ଅନେକ ମାରାତ୍ମକ ରୋଗ ସୃଷ୍ଟି କରିପାରେ। ତେଣୁ ଏହା ଠାରୁ ଦୂରେଇ ରୁହନ୍ତୁ।

➢ ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।

➢ ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡ଼ିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା ସନ୍ତୁଳିତ ଅବସ୍ଥାକୁ ଆସିଥାଏ।



# ଦୂରରୁ ଧରା ଦର୍ଶନ



ଡ. କମଳାକାନ୍ତ ଜେନା

ନୀଲ୍ ଆର୍ମଷ୍ଟ୍ରଙ୍ଗ୍ ୧୯୬୯ ମସିହାରେ ଚନ୍ଦ୍ର ଉପରେ ପାଦ ପକାଇଥିଲେ। ଚନ୍ଦ୍ରପୃଷ୍ଠରେ ଚାଲିଥିଲେ । କିନ୍ତୁ ଆମେ ପୃଥିବୀରେ ରହି ଯେମିତି ରୁପା ଭଳି ଚକ୍ ଚକ୍ କରୁଥିବା ଚନ୍ଦ୍ର ବା ଜହ୍ନକୁ ଦେଖି ଖୁସିହେଉ, ଆର୍ମଷ୍ଟ୍ରଙ୍ଗଙ୍କୁ ଜହ୍ନ ସେମିତି ଦିଶୁ ନ ଥିଲା। ସେ ଚନ୍ଦ୍ରପୃଷ୍ଠରେ କଳା କଳା ଧୂଳି ଦେଖୁଥିଲେ । ତାଙ୍କ ଚାରିପାଖରେ ଛୋଟବଡ଼ ପାହାଡ଼ ଓ ଖାଲ ଥିଲା । ଜହ୍ନର ଏଭଳି ରୂପକୁ ଜଣେ ମହାକାଶ ବିଜ୍ଞାନୀ ଭାବରେ ସେ ସିନା ଗ୍ରହଣ କରୁଥିଲେ, କିନ୍ତୁ ଆମେ ସେମିତିକା ପାହାଡ଼-ପର୍ବତ-ଖାଲ-ଢିପରେ ଭରିଥିବା ଜହ୍ନକୁ ଗ୍ରହଣ କରିପାରିବା ନାହିଁ । ଏବେ ଆମେ ବୁଝିପାରୁଛୁ, ଦୂର ପରବତ ସୁନ୍ଦର ବୋଲି କାହିଁକି କୁହାଯାଏ । ଚନ୍ଦ୍ର ହେଉଛି ଆମ ପୃଥିବୀର ଉପଗ୍ରହ, ଯାହାକୁ ଆମେ ଜହ୍ନମାମୁ କହୁ । ଏବେ ଆମେ ପୃଥିବୀ କଥା ଚିନ୍ତା କରିବା । ପୃଥିବୀ ଉପରେ ଆମେ ରହୁ । ସେ ଆମକୁ କୋଳରେ ଧରିରଖିଛି ବୋଲି ତାକୁ ଆମେ 'ଧରା' ବା 'ଧରିତ୍ରୀ' ବୋଲି କହୁ । ଏହାର ଗଛଲତା, ଜୀବଜନ୍ତୁ ଓ ପାଣିପବନ ଆମକୁ ଭଲ ଲାଗେ । କିନ୍ତୁ 'ଧରା' ବା ପୃଥିବୀଠାରୁ ଅନେକ ଦୂରରେ ରହି ପୃଥିବୀକୁ ଦେଖିଲେ, ତାହା କେମିତି ଦିଶିବ, ସେଇ ବିଷୟରେ ଏଠାରେ ଆଲୋଚନା କରିବା।

ଆମ ପୃଥିବୀ ମଧ୍ୟ କମଳାଲେମ୍ବୁ ପରି ଗୋଲ୍ ବୋଲି ଆମେ ବହିରେ ପଢ଼ିଛୁ । କିନ୍ତୁ ଆମେ କେବେ ନିଜ ଆଖିରେ ପୃଥିବୀର ଗୋଲ୍ ଆକାରକୁ ଦେଖିନାହୁଁ । କାହିଁକି ନା, ଆମର ଆକାରକୁ ଦେଖିଲେ ପୃଥିବୀର ଆକାର ଖୁବ୍ ବଡ଼ । ତେଣୁ ତା' ଉପରେ ଛିଡ଼ା ହୋଇ ଆମେ ସମୁଦାୟ ପୃଥିବୀକୁ ଦେଖିବା ସମ୍ଭବ ନୁହେଁ । ପୃଥିବୀ ଉପରେ ଛିଡ଼ା ହୋଇ କେବଳ ପୃଥିବୀପୃଷ୍ଠର କିଛି ଅଂଶ ଦେଖିପାରିବା, ଯାହାକି ପୃଥିବୀର ପ୍ରକୃତ ଆକାର ତୁଳନାରେ କିଛି ନୁହଁ । ତେଣୁ ସେତିକି ଅଂଶରୁ ପୃଥିବୀର ପ୍ରକୃତ ବିଶାଳ ଆକାର ଜଣାପଡିବ ନାହିଁ । ବରଂ ପୃଥିବୀର ଅଧିକ ଅଞ୍ଚଳକୁ ଦେଖିବା ଲାଗି ଚେଷ୍ଟା କରିବା । ପୃଥିବୀର ପୃଷ୍ଠ ସମତଳ ନୁହେଁ। ଅର୍ଥାତ୍ ତାହା ସବୁଠି ସମାନ ଉଚ୍ଚତାରେ ନାହିଁ। ପୃଥିବୀ ପୃଷ୍ଠରେ କୋଉଠି ଉଚ୍ଚ ମାଳଭୂମି ରହିଛି ତ କୋଉଠି ହିମାଳୟ ଭଳି ବିଶାଳ ପର୍ବତ ଛିଡ଼ା ହୋଇଛି। ତେଣୁ ସବୁ ଜାଗାରୁ ସମାନ ପରିମାଣର ଅଞ୍ଚଳ ଦେଖିବା ସମ୍ଭବ ନୁହେଁ। ସମୁଦ୍ର କୂଳକୁ ପୃଥିବୀପୃଷ୍ଠର ପ୍ରକୃତ ସମତଳ ଅଞ୍ଚଳ ଭାବରେ ନିଆଯାଏ । ଆମେ ସମୁଦ୍ର କୂଳରେ ଛିଡ଼ା ହୋଇ ଚାରିଆଡ଼କୁ ଦେଖିଲେ ଅତି ବେଶିରେ ୪ କିଲୋମିଟର ଦୂରତା ପର୍ଯ୍ୟନ୍ତ ଦେଖିପାରିବୁ । ତା' ପରେ ପୃଥିବୀପୃଷ୍ଠ ତଳକୁ ମୋଡ଼ିଗଲା ପରି ଜଣାପଡ଼ିବ । ମନେ ହେବ ସତେଯେମିତି ସେଇଠି ପୃଥିବୀ ସରିଯାଇଛି। ତାହାକୁ ଦିଗ୍‌ବଳୟ (ହରାଇଜନ୍) କୁହାଯାଏ। ପୃଥିବୀ କମଳାଲେମ୍ବୁ ପରି ଗୋଲ୍ ହେଇଥିବାରୁ ଆମକୁ ଏମିତି ଦିଶେ । ଗୋଲ୍ ପୃଥିବୀର କେନ୍ଦ୍ରରୁ ଭୂପୃଷ୍ଠ ପର୍ଯ୍ୟନ୍ତ ୬,୪୦୦ କିଲୋମିଟର ହେବ । ଅର୍ଥାତ୍ ୧୨,୮୦୦ କିଲୋମିଟର ଓସାରର ଫାଙ୍କ ଭିତରେ ପୃଥିବୀ ଗଳିପାରିବ । ଗୋଲ୍ ପୃଥିବୀର ପୃଷ୍ଠତଳ କମଳାଲେମ୍ବୁର ପୃଷ୍ଠ ପରି ସବୁଠି ବଙ୍କେଇ ହୋଇ ରହିଛି । କିନ୍ତୁ ପୃଥିବୀର ଆକାର ଅତି ବିଶାଳ ହୋଇଥିବାରୁ ଆମେ ସେଇ ବଙ୍କା ଆକାରକୁ ଅନୁଭବ କରିପାରୁନାହିଁ। ଆମେ ବିଶାଳ ପୃଷ୍ଠର ମାତ୍ର କିଛି ଅଂଶ ଦେଖୁ ବୋଲି ତାହା ସମତଳ ଲାଗେ । ଫୁଟବଲ୍ ବା କମଳାଲେମ୍ବୁ ଉପରେ କ୍ଷୁଦ୍ର ପିମ୍ପୁଡ଼ି ଯେପରି ସହଜରେ ଚାଲିବୁଲି ପାରେ, ତଳକୁ ଟଳି ପଡ଼ିବାର ଭୟ ନଥାଏ, ଆମେ ସେମିତି ବିଶାଳ ପୃଥିବୀର ବଙ୍କା ପୃଷ୍ଠ ଉପରେ ସହଜରେ ଚଲାବୁଲା କରିପାରୁ । ପୃଥିବୀ ପୃଷ୍ଠର ବକ୍ରତାକୁ ଆଦୌ ଅନୁଭବ କରିହୁଏ ନାହିଁ ।



ଆମ ଉଚ୍ଚତା ଦେଢ ମିଟର ହେବ। ଜଣେ ଦେଢ ମିଟର ଉଚ୍ଚତାର ମଣିଷ ୧୨,୮୦୦ କିଲୋମିଟର ଓସାର ପୃଥିବୀର ପୃଷ୍ଠରେ ଛିଡା ହେଇ ପୂରା ପୃଥିବୀକୁ ଦେଖିବା ସମ୍ଭବ ନୁହେଁ । ବରଂ ଆମେ ଭୂଇଁଠାରୁ ଟିକିଏ ଉପରକୁ ଉଠିଯାଇ ପୃଥିବୀକୁ ଅନେଇଲେ କିଛିଟା ଲାଭ ହେବ। ହଁ, ଆମେ ସମୁଦ୍ର କୂଳରେ ଭୂଇଁଠାରୁ ଅଧିକ ଅଧିକ ଉଚ୍ଚତାକୁ ଉଠିଲେ, ଦୂର ଦିଗବଳୟ ଆମଠାରୁ ଆହୁରି ଦୂରେଇ ଦୂରେଇ ଯିବ । ଏହାର ଅର୍ଥ ପୃଥିବୀ ପୃଷ୍ଠର ଅଧିକ ଅଂଶ ଦେଖିପାରିବା । ଆମେ ସମୁଦ୍ରକୂଳରେ ଭୂଇଁଠାରୁ ୬ ମିଟର ଉପରକୁ ଉଠିଗଲେ, ଆମଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ଦିଗ୍‌ବଳୟ ରହିବ । ସେହିପରି ୯୦ ମିଟର ଉଚ୍ଚତାରୁ ଆମେ ପୃଥିବୀପୃଷ୍ଠର ପ୍ରାୟ ୩୪ କିଲୋମିଟର ଦୂରତା ପର୍ଯ୍ୟନ୍ତ ଦେଖିପାରିବୁ । ଯଦି ୧୦୫୦ ମିଟର ଉଚ୍ଚର ଏକ ପାହାଡ଼ ଚୂଳରେ ଛିଡ଼ା ହେବୁ, ତେବେ ଆମକୁ ୧୩୦ କିଲୋମିଟର ପର୍ଯ୍ୟନ୍ତ ଭୂପୃଷ୍ଠ ଦେଖାଯିବ । ଆହୁରି ଉଚ୍ଚକୁ ଉଠିବା ପାଇଁ ଆମେ ଉଡ଼ାଜାହାଜର ସାହାଯ୍ୟ ନେବାକୁ ପଡ଼ିବ । ଯଦି ୪,୮୦୦ ମିଟର ଉଚ୍ଚତାରେ ଉଡୁଥିବା ଉଡ଼ାଜାହାଜରେ ବସିବା, ତା'ହେଲେ ଆମ ଚାରିପଟେ ୨୬୫ କିଲୋମିଟର ପର୍ଯ୍ୟନ୍ତ ଭୂପୃଷ୍ଠକୁ ଦେଖିପାରିବା । ତଥାପି ଆମେ ପୃଥିବୀକୁ ସଂପୂର୍ଣ୍ଣ ଦେଖିପାରିବା ନାହିଁ । ଆମକୁ ଆହୁରି ଉପରକୁ ଯିବାକୁ ପଡ଼ିବ । ଆମର ଉପଗ୍ରହ ଚନ୍ଦ୍ର ଆମଠାରୁ ୩,୮୪,୪୪୦ କି.ମି. ଉଚ୍ଚତାରେ ରହିଛି । ଚନ୍ଦ୍ରପୃଷ୍ଠରୁ ରହି ପୃଥିବୀକୁ ଦେଖିଲେ ପୃଥିବୀର ପ୍ରକୃତ ଆକୃତି ଜଣାପଡିବ । ଚନ୍ଦ୍ରପୃଷ୍ଠରୁ ଦେଖିଲେ ଆମକୁ ପୃଥିବୀ ଗୋଟିଏ ସୁନ୍ଦର ନୀଳ ଫୁଟବଲ୍ ପରି ଦିଶିବ । ସେତେବେଳେ ଆମେ ପୃଥିବୀ ଗୋଲ୍ ବୋଲି ନିଃସନ୍ଦେହରେ କହିପାରିବା । ଆହୁରି ମଧ୍ୟ କହିପାରିବା, ଆମ ପୃଥିବୀକୁ ପାଖରୁ ଦେଖିଲେ ଯେମିତି ସୁନ୍ଦର, ଦୂରରୁ ବି ସେମିତି ସୁନ୍ଦର ।

-ବିଭାଗୀୟ ମୁଖ୍ୟ (ପଦାର୍ଥ ବିଜ୍ଞାନ ବିଭାଗ),
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁଆରୀ ୮/୨୦୨୪ Bhubaneswar, Monday, January 8/ 2024

# ଟି୨୦ ଦଳରେ ରୋହିତ, କୋହଲି

**ନୂଆଦିଲ୍ଲୀ,୭।୧**

ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ୍ ପାଇଁ ରବିବାର ଭାରତୀୟ ଦଳ ଘୋଷଣା ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବଙ୍କ ପରି ଖେଳାଳି ଆହତ ହୋଇ ଏହି ସିରିଜରୁ ବାଦ ପଡ଼ିଥିଲେ ହେଁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି।

**ଆଫଗାନିସ୍ତାନ ସିରିଜ୍ ପାଇଁ ଦଳ ଘୋଷଣା**

ଦୀର୍ଘ ୧୪ ମାସ ପରେ ଉଭୟ ଖେଳାଳି ଟି୨୦ ଦଳକୁ ଫେରିଛନ୍ତି। ୨୦୨୨ ନଭେମ୍ବରରେ ଉଭୟ ଖେଳାଳି ଶେଷ ଥର ପାଇଁ ଏକ ଟି୨୦ ମ୍ୟାଚ୍ ଖେଳିଥିଲେ। ଟି୨୦ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ପରାଜୟ ପରେ ଏହି ଦୁଇ ଖେଳାଳି ପ୍ରଥମ ଥର ପାଇଁ ଦଳକୁ ଫେରିଛନ୍ତି। ଜୁନ୍ ମାସରେ ଟି୨୦ ବିଶ୍ୱକପ ପୂର୍ବରୁ ଏହା ଭାରତର ଅନ୍ତିମ ଅନ୍ତର୍ଜାତୀୟ ସିରିଜ୍ ହୋଇଥିବା ବେଳେ ଉଭୟ ଖେଳାଳି ଏଥିପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଦୁଇ ଖେଳାଳିଙ୍କ ଉଇକେଟ କିପର ବ୍ୟାଟର ସଞ୍ଜୁ ସାମସନ ମଧ୍ୟ ଟି୨୦ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରେୟସ ଆୟରଙ୍କୁ ଏହି ସିରିଜ ପାଇଁ ବିଶ୍ରାମ ଦିଆଯାଇଥିବା ବେଳେ ଲୋକେଶ ରାହୁଲ ମଧ୍ୟ ବାଦ ପଡ଼ିଛନ୍ତି। ବୋଲିଂ ଅଲରାଉଣ୍ଡର ଭାବରେ ଶିବମ ଦୁବେ, ଅକ୍ଷର ପଟେଲ ଓ ୱାଶିଂଟନ୍ ସୁନ୍ଦର ଦଳରେ ରହିଛନ୍ତି। ସ୍ପିନର ଭାବେ ରବି ବିଷ୍ଣୋଇ ଓ କୁଲଦୀପ ଯାଦବ ରହିଥିବା ବେଳେ ଆଭେଶ୍ ଖାନ, ମୁକେଶ କୁମାର ଓ ଅର୍ଶଦୀପ ସିଂଙ୍କ ପେସ୍ ତ୍ରିମୂର୍ତ୍ତିଙ୍କୁ ଆକ୍ରମଣରେ ଦେଖିବାକୁ ମିଳିବ। **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍, ବିରାଟ କୋହଲି, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା (ଉଇକେଟ କିପର), ସଞ୍ଜୁ ସାମସନ (ଉଇକେଟ କିପର), ଶିବମ ଦୁବେ, ୱାଶିଂଟନ୍ ସୁନ୍ଦର, ଅକ୍ଷର ପଟେଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଆଭେଶ୍ ଖାନ୍, ମୁକେଶ କୁମାର।




ବିରାଟ କୋହଲି ଓ ରୋହିତ ଶର୍ମା।

## ଡାକାର ରାଲି: ରସ୍ ବ୍ରାଞ୍ଚ ଷ୍ଟେଜ୍-୧ ଶୀର୍ଷରେ

**ଅଲ୍ ହିନାକିୟା, ୭।୧ (ପି.ଟି.):** ଆଇକନିକ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଡାକାରା ରାଲିରେ ହିରୋ ମୋଟୋସ୍ପୋର୍ଟ୍ସ ଟିମ୍‌ର ଆରମ୍ଭ ଉତ୍ସାହଜନକ କରିଛି। ଏହାର ରାଇଡର ରସ୍ ବ୍ରାଞ୍ଚ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୩ଜଣ ହିରୋ ରାଇଡର ଫିନିଶ ଲାଇନ୍ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ବାଇକ୍ କାଟେଗୋରୀରେ ଭାଗ ନେଇଥିବା ୧୩୬ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ବ୍ରାଞ୍ଚ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଷ୍ଟେଜ୍-୧ରେ ବ୍ରାଞ୍ଚଙ୍କୁ ୧୨ ମିନିଟ୍ ଫାଇଦା ମିଳିଛି। ହିରୋ ଦଳର ଜୋକ୍ୱିମ ରୋଡ୍ରିଗୁଏଜ୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ରାଲି ଜିପି କ୍ଲାସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଜୋଆନ ବାରେଡା ଓ ସେବାଷ୍ଟିଆନ ବୁହଲର ଶୀଘ୍ର ଦୁର୍ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କ ଟିମ୍‌ମେଟ୍‌ର ଯତ୍ନ ନେଇଥିଲେ। ରୋଡ୍ରିଗୁଏଜଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯିବା ପର୍ଯ୍ୟନ୍ତ ସେମାନେ ଅଟକି ରହିଥିଲେ। ବ୍ରାଞ୍ଚଙ୍କ ସାଥୀ ପ୍ରତିଯୋଗୀ ତୋଷ୍ଟା ସ୍କାରିନା ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଓଡ଼ିଶା ୧୮୦ ରନରେ ଅଲ୍‌ଆଉଟ୍



ଓଡ଼ିଶା ଏବଂ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ବରଗଡ,୭।୧**
**(ପ୍ରେମାନନ୍ଦ ଖମାରୀ)**

**ସି.କେ ନାଇଡୁ ଟ୍ରଫି**

ବରଗଡ଼ କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ଓ ସୌରାଷ୍ଟ୍ର ମଧ୍ୟରେ ୨୩ ବର୍ଷରୁ କମ୍ ବୟସ ବର୍ଗର ସି. କେ. ନାଇଡୁ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୧୮୦ ରନକରି ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ସାଓ୍ୱନ ପହରିଆ ସର୍ବାଧିକ ୮୧ ରନକରି ଅପରାଜିତ ଥିବାବେଳେ ଓମ୍ ଟି. ୫୯ ରନ ସ୍କୋର କରିଥିଲେ। ଅନ୍ୟକେହି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଓଡ଼ିଶା ଦଳ ମଧ୍ୟାହ୍ନଭୋଜନ ବିରତି ବେଳକୁ ମାତ୍ର ୫୪ ରନରେ ୬ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସୌରାଷ୍ଟ୍ର ପକ୍ଷରୁ ଧର୍ମାଦିତ୍ୟ ସିଂ ଗୋହିଲ୍ ୫ ଉଇକେଟ ନେଇଥିଲେ। ନିଲ ପାଣ୍ଡ୍ୟା ୩ ଓ ପବନ ପାର୍ମାର ୨ ଉଇକେଟ ନେଇଥିଲେ। ଜବାବରେ ରବିବାର ଖେଳ ଶେଷ ସୁଦ୍ଧା ସୌରାଷ୍ଟ୍ର ଦଳ କୌଣସି ଉଇକେଟ ନ ହରାଇ ୩୮ ରନ କରିଛି।

# ଦ୍ୱିତୀୟ ଟି୨୦ ଜିତିଲା ଅଷ୍ଟ୍ରେଲିଆ

**ନଭି ମୁମ୍ବାଇ,୭।୧**

ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ୍‌କୁ ୬ ଉଇକେଟରେ ଜିତି ନେଇଛି ଅଷ୍ଟ୍ରେଲିଆ ମହିଳା ଦଳ। ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟରେ ୧୩୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯ ଓଭରରେ ୪ ଉଇକେଟ ହରାଇ ୧୩୩ ରନ କରି ବିଜୟୀ ହୋଇଥିଲା। କିମ୍ ଗାର୍ଥଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଶେଫାଳି ବର୍ମା(୧), ଜେମିମା ରୋଡ୍ରିଗୁଏଜ(୧୩), ହରମନ୍‌ପ୍ରୀତ୍ କୌର(୬) ବିଫଳ ହେବାରୁ ଭାରତ ୫୪ ରନ୍‌ରେ ୪ ଉଇକେଟ ହରାଇଥିଲା। ତେବେ ରିଚା ଘୋଷ(୨୩) ଓ ଦୀପ୍ତି ଶର୍ମା(୩୦) ରନ୍ ସ୍କୋର କରିବାରୁ ଭାରତ ୨୦ ଓଭରରେ ୮ ଉଇକେଟ ହରାଇ ୧୩୦ ରନ୍ କରିଥିଲା। କିମ୍ ଗାର୍ଥ, ଆନାବେଲ ସଦରଲାଣ୍ଡ ଓ ଜର୍ଜିଆ ୱେୟାରାମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଗାର୍ଥ ପ୍ରାରମ୍ଭରୁ ଦୁଇଟି ଉଇକେଟ ନେଇ ଭାରତର ବିପର୍ଯ୍ୟୟ ଘଟାଇଥିଲେ।

ଆଲିସା ହିଲି(୨୬) ଓ ବେଥ୍ ମୁନି(୨୦) ପ୍ରଥମ ଉଇକେଟରେ ୫୧ ରନ୍ ଯୋଡିଥିଲେ। ଟାଲିଆ ମ୍ୟାକ୍‌ଗ୍ରା(୧୯) ଓ ଆସ୍‌ଲେ ଗାର୍ଡନର(୭) ସହଜରେ ଆଉଟ ହୋଇଥିଲେ। ତେବେ ଏଲିସ୍ ପେରୀ(୩୪*) ଓ ଫିବ୍ ଲିଚ୍‌ଫିଲ୍ଡ(୧୮*) ଦଳକୁ ୬ ବଲ୍ ବାକି ଥାଇ ବିଜୟୀ କରିଥିଲେ। ଦୀପ୍ତି ଶର୍ମା ୨ ଉଇକେଟ ନେଇଥିବା ବେଳେ ଶ୍ରେୟଙ୍କା ପାଟିଲ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## କୋଚିଂ ପାଇଁ ୱାର୍ନର ଆଗ୍ରହୀ

**ସିଡ୍‌ନୀ,୭।୧(ପି.ଟି):** ଅଷ୍ଟ୍ରେଲିଆର ପୂର୍ବତନ ଓପନର ଡେଭିଡ୍ ୱାର୍ନର କୋଚିଂ ପାଇଁ ଆଗ୍ରହୀ ବୋଲି ପ୍ରକାଶ କରିଛନ୍ତି। ନିକଟରେ ଦିନିକିଆ ଓ ଟେଷ୍ଟ କ୍ରିକେଟରୁ ୱାର୍ନର ଅବସର ଗ୍ରହଣ କରିଥିଲେ। ଆଗାମୀ ଦଶନ୍ଧିରେ ଫ୍ଲେଜିଂ କ୍ରିକେଟରୁ ଦୂରେଇ ଯିବ ବୋଲି ୱାର୍ନର ଅନୁମାନ କରିଛନ୍ତି।

ଗଣ୍ଠି ବ୍ୟଥା
ସହିତ ସାଲିସ୍ କରନ୍ତୁ ନାହିଁ
ଏବେ ହିଁ କଲ୍ କରନ୍ତୁ
7876977777

# ରାଜେଶ, ଶ୍ରୀହନ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୭।୧**
**(ତପନ ସ୍ୱାଇଁ)**

**କେଟି ଗ୍ଲୋବାଲ ଅଲ୍ ଓଡ଼ିଶା ଓପନ ଚେସ୍**

କେଟି ଗ୍ଲୋବାଲ ଅଲ୍ ଓଡ଼ିଶା ଓପନ ଚେସ୍‌ର ୧୦ମ ସଂସ୍କରଣ ଏବଂ ରାଜ୍ୟ ଓପନ ବ୍ଲିଜ୍ ଚାମ୍ପିୟନଶିପ୍ ରବିବାର ସମାପ୍ତ ହୋଇଛି। କ୍ଲାସିକାଲ ଇଭେଣ୍ଟରେ ରାଜ୍ୟର ୮ ଜିଲାରୁ ୧୦୦ ଖେଳାଳି ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ପୁରୀର ରାଜେଶ ନାୟକ ୬.୬ ପଏଣ୍ଟ ପାଇ ଚାମ୍ପିୟନ ହୋଇଥିଲେ। ଗଜପତିର ତପନ ବଡ଼ମୁଣ୍ଡି ଓ ଅନୁଗୋଳର ଶ୍ରୀନିବାସ ମିଶ୍ର ୬ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୯ ରାଉଣ୍ଡ ବିଶିଷ୍ଟ ବ୍ଲିଜ୍ ଇଭେଣ୍ଟରେ ୮ ପଏଣ୍ଟ ପାଇ ଶ୍ରୀହନ ସାବତ ଚାମ୍ପିୟନ ହୋଇଛନ୍ତି। ସ୍ୱାରକୀ ମହାନ୍ତି ଓ ତପନ ବଡ଼ମୁଣ୍ଡି ୭ ପଏଣ୍ଟ ଲେଖାଏ ହାସଲ କରି ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ପ୍ରତିଷ୍ଠିତ ଚେସ୍ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋୟୀ, ଷ୍ଟ୍ରେଟ୍‌ଜେମ୍ ସିଇଓ ଅମ୍ଲାନ ପ୍ରଧାନ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୁରେଶ ସାହୁଙ୍କ ସମେତ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଓ ସନ୍ତୋଷ କୁମାର ମହାପାତ୍ର ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ସୌମ୍ୟଙ୍କୁ ୮୦ତମ ଟାଇଟଲ

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**

**ଭୁବନେଶ୍ୱର ଓପନ ଚେସ୍**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ଆୟୋଜିତ ଓପନ ଚେସ୍ ଟୁର୍ନାମେଣ୍ଟରେ ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ଓ ହର୍ଷିତ ରଞ୍ଜନ ସାହୁ ରନରଅପ୍ ହୋଇଛନ୍ତି। ଏହାକୁ ମିଶାଇ କ୍ୟାରିୟରର ୮୦ତମ ଓପନ ଚେସ୍ ଟାଇଟଲ ହାସଲ କରିଛନ୍ତି ଫିଡେ ମାଷ୍ଟର ସୌମ୍ୟରଞ୍ଜନ। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଏକାକୀ ପୂରା ୫ ପଏଣ୍ଟ ହାସଲ କରିଥିଲେ। ହର୍ଷିତଙ୍କ ସମେତ ସେକ୍ ସୟଦ, ଅବିନାଶ ବଳିୟାରସିଂ, ରବୀନ୍ଦ୍ର କୁମାର ଓଝା ଓ ସତ୍ୟମ୍ ସ୍ୱରୂପ ସାହୁ ୪ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି। ଉଦୟକାନ୍ତ ନାୟକ ଓ ମନୀଷ ରଞ୍ଜନ ଦାସ ୩.୫ ଏବଂ ସେକ୍ ଅବିଦ୍ଦିନ ଅହମଦ, ସଂକଳ୍ପ ଶ୍ରୀକୁମାର ସିଂ, ସୁର୍ଜିତ ନାୟକ, ସ୍ୱସ୍ତିକ ବେହେରା ଓ ଟାଇଗର ଦୁର୍ଗାପ୍ରସାଦ ୩ ପଏଣ୍ଟ ଲେଖାଏ ପାଇଛନ୍ତି। ଏହା ବ୍ୟତୀତ ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଜଣ ଉଦୀୟମାନ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କ୍ୟାପିଟାଲ ହସ୍ପିଟାଲର ସହକାରୀ ସର୍ଜନ ଦେବସ୍ମିତା ମହନ୍ତ ଓ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ସୌମ୍ୟରଞ୍ଜନ ମିଶ୍ର

# ଓଡ଼ିଶା ଆଗରେ କଷ୍ଟସାଧ ଲକ୍ଷ୍ୟ

**ଭୁବନେଶ୍ୱର, ୭।୧ (ତପନ ସ୍ୱାଇଁ)**

ଭଦୋଦରାର ମୋତିବାଗ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଆଗରେ ବରୋଦା କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ବରୋଦାର ପ୍ରଥମ ଇନିଂସ ୩୫୧ ରନ ଜବାବରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ପ୍ରଥମ ଇନିଂସରେ ମାତ୍ର ୧୭୮ରେ

**ରଣଜୀ ଟ୍ରଫି**

ଅଲ୍‌ଆଉଟ ହୋଇଥିଲା। ଶାଶ୍ୱତ ରାଓ୍ୱତଙ୍କ ଶତକ ସହାୟତାରେ ବରୋଦା ଏହାର ଦ୍ୱିତୀୟ ଇନିଂସକୁ ୨୫୮/୪ରେ ଘୋଷଣା କରିବାରୁ ଓଡ଼ିଶା ଆଗରେ ୪୩୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତୃତୀୟ ଦିବସ ଶେଷ ବେଳକୁ ଓଡ଼ିଶା ଗୋଟିଏ ଉଇକେଟ ହରାଇ ୧୦୩ ରନ କରିଛି। ୯ ଉଇକେଟ ସୁରକ୍ଷିତ ଥିଲେ ହେଁ ଓଡ଼ିଶା ଏବେ ମଧ୍ୟ ୩୨୯ ରନ ପଛରେ ରହିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ। ଓଡ଼ିଶାକୁ ଲକ୍ଷ୍ୟ ପଥରେ ପହଞ୍ଚିବାକୁ ହେଲେ ଆକ୍ରମଣାତ୍ମକ ବ୍ୟାଟିଂ କରିବାକୁ ପଡ଼ିବ। ଓପନିଂ ଯୋଡ଼ିରେ ୯୫ ରନର ଭାଗୀଦାରି ପରେ ଅନୁରାଗ ଷଡ଼ଙ୍ଗୀ ୫୬ ରନରେ ଆଉଟ ହୋଇ ଯାଇଛନ୍ତି। ସେ ୧୧୩ଟି ବଲ୍‌ର ସମ୍ମୁଖୀନ ହୋଇଥିବାବେଳେ ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ଅଧିନାୟକ ଶାନ୍ତନୁ ମିଶ୍ର ୪୧ ଓ ସନ୍ଦୀପ ପଟ୍ଟନାୟକ ୧ ରନରେ ଅପରାଜିତ ରହିଛନ୍ତି। ବରୋଦା ପକ୍ଷରୁ ଅତୀତ ସେଠ୍ ଗୋଟିଏ ଉଇକେଟ ନେଇଛନ୍ତି।



ଅନୁରାଗ ଷଡ଼ଙ୍ଗୀ

**ଶାଶ୍ୱତଙ୍କ ଶତକ**

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୪୩/୧ରୁ ଖେଳ ଆରମ୍ଭ କରିଥିବା ବରୋଦାକୁ ତୃତୀୟ ଦିବସ ପ୍ରଥମ ଭାଗରେ ଝଟ୍‌କା ଦେଇଥିଲେ ଓଡ଼ିଶାର ଦେବବ୍ରତ ପ୍ରଧାନ। ସେ ଜ୍ୟୋସ୍ନିଲ ସିଂ (୩୩)ଙ୍କୁ ଆଉଟ କରିବାରୁ ବରୋଦା ସ୍କୋର ୨୪ ଓଭର ବେଳକୁ ୬୯/୨ ହୋଇ ଯାଇଥିଲା। ମାତ୍ର ଶାଶ୍ୱତ ରାଓ୍ୱତଙ୍କ ଶତକ ଓ ଅଧିନାୟକ ବିଷ୍ଣୁ ସୋଲାଙ୍କିଙ୍କ ଅର୍ଦ୍ଧଶତକ ବଳରେ ଘରୋଇ ଦଳ ଦୃଢ଼ ସ୍ଥିତିରେ ପହଞ୍ଚି ଯାଇଥିଲା। ଉଭୟ ତୃତୀୟ ଉଇକେଟ ଯୋଡ଼ିରେ ୧୭୬ ବଲ୍‌ରୁ ୧୩୯ ରନ ଯୋଗକରି ଓଡ଼ିଶା ବୋଲରଙ୍କ ପରୀକ୍ଷା ନେଇଥିଲେ। ବିଷ୍ଣୁଙ୍କୁ ୭୯ ରନରେ ଆଉଟକରି ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ଜୟନ୍ତ ବେହେରା। ମାତ୍ର ଶାଶ୍ୱତ ହାସଲ କରିଥିଲେ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ ଶତକ। ସେ ୧୦୨ ରନ କରିବାପରେ ଗୋବିନ୍ଦ ପୋଦ୍ଦାରଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଅଭିମନ୍ୟୁ ରାଜପୁତ ୩୦ ଓ ନିନାଦ ରଥଭା ୮ ରନରେ ଅପରାଜିତ ଥିବାବେଳେ ୬୧ତମ ଓଭରପରେ ଇନିଂସ ଘୋଷଣା କରିଥିଲା ବରୋଦା। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦେବବ୍ରତ ପ୍ରଧାନ ୨ଟି ଏବଂ ଜୟନ୍ତ ବେହେରା ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବରୋଦା ପ୍ରଥମ ଇନିଂସ: ୩୫୧। ଓଡ଼ିଶା ପ୍ରଥମ ଇନିଂସ: ୧୭୮। ବରୋଦା ଦ୍ୱିତୀୟ ଇନିଂସ: ୨୫୮/୪ (ଘୋଷଣା)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୦୩/୧ (ଅନୁରାଗ ଷଡ଼ଙ୍ଗୀ-୫୬, ଶାନ୍ତନୁ ମିଶ୍ର-୪୧, ଅତୀତ ସେଠ୍-୧/୨୦)।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ